## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୨୮।୧।୨୦୨୨

| ୩୧୩୮ ଟଙ୍କା | |
|---|---|
| ସୁନା | ମିଳିନାହିଁ |
| ରୁପା | ମିଳିନାହିଁ |

# ନୂଆ ରୂପ ଅପେକ୍ଷାରେ ନୀଳାଚଳ ଅର୍ବାନ ହାଟ

ପୁରୀ ଅଫିସ,୨୮।୧:

ହସ୍ତଶିଳ୍ପ ଓ ବୟନ ଶିଳ୍ପର ପ୍ରଚାର ପ୍ରସାର ତଥା ପର୍ଯ୍ୟଟକଙ୍କ ମଧ୍ୟରେ ଏହି ସାମଗ୍ରୀର ଚାହିଦା ବଢ଼ାଇବା ପାଇଁ ୨୦୦୯ରେ ପୁରୀରେ କାର୍ଯ୍ୟକ୍ଷମ ହୋଇଥିଲା ନୀଳାଚଳ ଅର୍ବାନ ହାଟ। ଏଠାକୁ ରାଜ୍ୟ ଓ ରାଜ୍ୟ ବାହାରର ଲୋକେ ବୁଲିବାକୁ ଆସିବା ସହ ମନପସନ୍ଦର ସାମଗ୍ରୀ କିଣାକିଣି କରୁଥିଲେ। ତେବେ ୨୦୧୯ ଫନୀ ବାତ୍ୟାରେ ଏହି ହାଟର ଭିତ୍ତିଭୂମି କ୍ଷତିଗ୍ରସ୍ତ ହୋଇଥିଲା। ସେବେଠୁ ଏହା ଆଜିପର୍ଯ୍ୟନ୍ତ ସେମିତି ଭଗ୍ନାବସ୍ଥାରେ ପଡ଼ିରହିଛି। ପୁନରୁଦ୍ଧାର ଅପେକ୍ଷାରେ ଥିବା ଏହି ଅର୍ବାନ୍ ହାଟ ପ୍ରତି ପ୍ରଶାସନର ନଜର ପଡୁନାହିଁ।

କେନ୍ଦ୍ର ସରକାରଙ୍କ ଏକ ପ୍ରକଳ୍ପ ଅଧୀନରେ ୧୧ କୋଟି ଟଙ୍କା ବ୍ୟୟରେ ଏହି ହାଟ ପ୍ରତିଷ୍ଠା କରାଯାଇଥିଲା। ଏହାକୁ ତତ୍କାଳୀନ ରାଷ୍ଟ୍ରପତି ପ୍ରତିଭା ଦେବୀ ସିଂ ପାଟିଲ ଉଦ୍‌ଘାଟନ କରିଥିଲେ। ଇଡ୍‌କୋ ଏବଂ ରାଜ୍ୟ ପର୍ଯ୍ୟଟନ ବିଭାଗ ଏହି ହାଟ ପରିଚାଳନା କରୁଥିଲେ। ଏଠାରେ ୩୯ଟି ଶପିଂ କାଉଣ୍ଟର ଥିବାବେଳେ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରାଇବା ପାଇଁ ଜଳ ଫୁଆରା, ସାଂସ୍କୃତିକ କାର୍ଯ୍ୟକ୍ରମ ପାଇଁ ମଣ୍ଡପ ପ୍ରଭୃତି ନିର୍ମାଣ ହୋଇଥିଲା। ଫଳରେ ଏଠାକୁ ଲୋକଙ୍କ ସୁଅ ଛୁଟିଥିଲା। ପ୍ରାୟ ଦୁଇବର୍ଷ ପର୍ଯ୍ୟନ୍ତ ହାଟ ଭଲ ଚାଲିଲା। ପରେ ବିଭିନ୍ନ କାରଣରୁ ଏଠାକୁ ପର୍ଯ୍ୟଟକ ଓ ଗ୍ରାହକଙ୍କ ଆଗମନ ସଂଖ୍ୟା କମିଲା। ୨୦୧୯ ଫନୀ ମହାବାତ୍ୟାରେ ଏହି ହାଟ ସମ୍ପୂର୍ଣ୍ଣ ରୂପେ କ୍ଷତିଗ୍ରସ୍ତ ହୋଇଥିଲା। ଏହାପରଠୁ ଆଉ ହାଟ ପ୍ରତି ପ୍ରଶାସନ ଦୃଷ୍ଟି ଦେଇନାହିଁ। ସଂସ୍କୃତିପ୍ରେମୀ ଶ୍ୟାମପ୍ରକାଶ ସେନାପତି କହିଛନ୍ତି, ଅର୍ବାନ ହାଟରେ ହସ୍ତଶିଳ୍ପର ପ୍ରଚାର ପ୍ରସାର ସହ ଏଠାକାର ମଞ୍ଚରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହେଉଥିଲା। ପ୍ରତି ସନ୍ଧ୍ୟାରେ ଭିଡ଼ ଜମୁଥିଲା। ପର୍ଯ୍ୟଟକଙ୍କୁ ହସ୍ତଶିଳ୍ପ ସାମଗ୍ରୀ ଯୋଗାଇଦେବା ପାଇଁ ଏହା ଏକ ଭଲ ପ୍ଲାଟଫର୍ମ ଥିଲା। ସେହିପରି ସ୍ୱାଧୀନ ପଣ୍ଡା କହିଛନ୍ତି, ଜିଲା ପ୍ରଶାସନର ଅପାରଗତା ଯୋଗୁ ଏଭଳି ସ୍ଥିତି ଉପୁଜିଲା। ଅର୍ବାନ ହାଟଠାରୁ ଚକ୍ରତୀର୍ଥ ରୋଡ୍ ଦେଇ ବେଳାଭୂମିକୁ ସଂଯୋଗକରି ରାସ୍ତା ନିର୍ମାଣ ସହ ପୁଣି ଅର୍ବାନ ହାଟର ପୁନରୁଦ୍ଧାର ନେଇ ଯୋଜନା ଚାଲିଛି ବୋଲି ବର୍ଷକ ତଳେ ଜିଲାପାଳ ସମର୍ଥ ବର୍ମା କହିଥିଲେ। ମାତ୍ର ଏପର୍ଯ୍ୟନ୍ତ କୌଣସି ପଦକ୍ଷେପ ନିଆଯାଇ ନାହିଁ। ସ୍ଥାନୀୟ ବାସିନ୍ଦା ଏ. କ୍ରିଷ୍ଣାକୁମାର କହିଛନ୍ତି, ଫନୀ ମହାବାତ୍ୟା ପରଠାରୁ ଅର୍ବାନ ହାଟର ଭିତ୍ତିଭୂମି ଭୁଶୁଡ଼ିଯାଇଛି। ତେବେ କେବଳ ଭିତ୍ତିଭୂମି ଭୁଶୁଡ଼ିବା କାରଣରୁ ଅର୍ବାନ ହାଟ ଧ୍ୱଂସ ହୋଇଛି ଏକଥା ଭାବିବା ଭୁଲ୍ ହେବ। ଜିଲା ପ୍ରଶାସନ ଦୋକାନ ଆବଣ୍ଟନ କରି ଯେଉଁ ଭଡ଼ା ଆଦାୟ କରୁଥିଲେ ତାହା ଅନେକଙ୍କୁ ବାଧୁଥିଲା। ଚଢ଼ା ଦର ହେତୁ ଅନେକ ଦୋକାନୀ ଅର୍ବାନ ହାଟରେ ବେପାର ବନ୍ଦ କରିଦେଲେ। ଧିରେ ଧିରେ ଅନ୍ୟ ଦୋକାନୀମାନେ ବି ଏଠାରୁ ମୁହଁ ଫେରାଇ ନେଲେ। ଯଦି ଏବେ ପୁଣି ହାଟ ପୁନରୁଦ୍ଧାର ପାଇଁ ଚିନ୍ତା କରାଯାଉଛି, ତା'ହେଲେ ଦୋକାନ ନିଲାମ ବେଳେ ଠିକ ଭଡ଼ା ଓ ଦର ନିର୍ଦ୍ଧାରଣ ହେବା ଦରକାର। ଅନ୍ୟପକ୍ଷରେ ଏ ନେଇ ଉପଜିଲାପାଳ ଭବତାରଣ ସାହୁ କହିଛନ୍ତି, ଅର୍ବାନ ହାଟକୁ କାର୍ଯ୍ୟକ୍ଷମ କରାଯିବା ପାଇଁ ପ୍ରୟାସ ଓ ପ୍ରସ୍ତୁତି ଚାଲିଛି।



ସାଂସ୍କୃତିକ କାର୍ଯ୍ୟକ୍ରମ ପାଇଁ ହାଟ ପରିସରରେ ଥିବା ମଣ୍ଡପ ।



ସ୍ୱାଧୀନତା ପାଇଁ ଉତ୍ସର୍ଗୀକୃତ ସଂଗ୍ରାମୀଙ୍କ ଉଦ୍ଦେଶ୍ୟରେ ଶୁକ୍ରବାର ଗୁଣ୍ଡିଚା ମନ୍ଦିରସ୍ଥିତ ଶରଧା ବାଲିରେ ଦେଶ ପାଇଁ ଦୀପଟିଏ କାର୍ଯ୍ୟକ୍ରମ ।

## ସଂକ୍ଷେପରେ

### ସରକାରୀ ଜାଗାରୁ ମାଟି ଚାଲାଣ, ୨ ଗିରଫ

ବାଲିଅନ୍ତା,୨୮।୧(ଡି.ଏନ୍.ଏ.): ବାଲିଅନ୍ତା ବ୍ଲକ ଅଧୀନ ପାରିବାସୁଦେଇପୁର ଗ୍ରାମ ନିକଟସ୍ଥ ଏକ ସରକାରୀ ଜାଗାରୁ ବେଆଇନ ମାଟି ଉଠାଇ ବଜାରକୁ ଚୋରା ଚାଲାଣ କରିବା ଅଭିଯୋଗରେ ପୋଲିସ ୨ଜଣଙ୍କୁ ଗିରଫ କରି ଶୁକ୍ରବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଅନୁଗୋଳ ଜିଲା ପାଲଲହଡ଼ା ଅଞ୍ଚଳର ଡ୍ରାଇଭର ଭରତ ଚନ୍ଦ୍ର ବେହେରା ଓ ବାଲିଅନ୍ତା ଥାନା ଅଞ୍ଚଳର ଗୌତମ ଲେଙ୍କା। ଏ ନେଇ ପୋଲିସ ଏକ ମାମଲା(ନଂ.୨୦/୨୨) ରୁଜୁ କରି ତଦନ୍ତ ଚଳାଇଛି। ସୂଚନା ଅନୁଯାୟୀ, ବାଲିଅନ୍ତା ଥାନା ଅଧୀନ ପାରିବାସୁଦେଇପୁର ଗ୍ରାମର ଏକ ସରକାରୀ ଜାଗାରେ ଦୀର୍ଘଦିନ ହେବ ବେଆଇନ ଭାବେ ମାଟି ଚାଲାଣ ହେଉଥିବା ଅଭିଯୋଗ ହୋଇଆସୁଥିଲା। ଫଳରେ ରବିବାର ରାତିରେ ପୋଲିସ ଓ ତହସିଲ ବିଭାଗ ପକ୍ଷରୁ ମିଳିତ ଚଢ଼ାଉ କରାଯାଇଥିଲା। ଚଢ଼ାଉରେ ଗୋଟିଏ ଜେସିବି ଓ ୨ଟି ହାଇୱା ଗାଡ଼ିକୁ ଜବତ କରିବା ସହ ୨ଜଣଙ୍କୁ ଗିରଫ କରାଯାଇଥିଲା।

### ସାମାଜିକ କର୍ମୀ କନକଲତା ମହାନ୍ତିଙ୍କ ପରଲୋକ

ଭୁବନେଶ୍ୱର,୨୮।୧(ବ୍ୟୁରୋ): ସାମାଜିକ କର୍ମୀ କନକଲତା ମହାନ୍ତି(୮୭)ଙ୍କର ଭୁବନେଶ୍ୱର ପାଣ୍ଡରାସ୍ଥିତ ବାସଭବନରେ ପରଲୋକ ହୋଇଯାଇଛି। ଦୀର୍ଘ ବର୍ଷେ ଧରି ସେ ବାର୍ଦ୍ଧକ୍ୟଜନିତ ରୋଗରେ ପୀଡ଼ିତ ଥିଲେ। ସମାଜସେବା କ୍ଷେତ୍ରରେ ସ୍ଥାନୀୟ ଅଞ୍ଚଳରେ ସେ ବହୁବିଧ କଲ୍ୟାଣ କାର୍ଯ୍ୟ କରିଥିଲେ। ଏଥିସହ ସ୍ଥାନୀୟ ଅଞ୍ଚଳର ମହିଳାମାନଙ୍କର ନେତୃତ୍ୱ ନେଇ ସେ ଲୋକପ୍ରିୟ ହୋଇପାରିଥିଲେ। ସ୍ୱଚ୍ଛ ଭାରତ ଯୋଜନା ସହିତ ଅନ୍ୟାନ୍ୟ ସଚେତନତା କାର୍ଯ୍ୟକ୍ରମ ଓ ନାରୀ ସଶକ୍ତୀକରଣ ପାଇଁ ଦୃଷ୍ଟାନ୍ତମୂଳକ ପଦକ୍ଷେପ ନେଇ ଅନ୍ୟମାନଙ୍କ ପାଇଁ ପ୍ରେରଣାର ଉତ୍ସ ହୋଇପାରିଥିଲେ। ଏପରିକି ନିଜର ପେନ୍‌ସନ୍ ଅର୍ଥରେ କେତେକ ଗଠନମୂଳକ କାର୍ଯ୍ୟ କରି ଅସହାୟଙ୍କ ଓଠରେ ହସ ଖେଳାଇଥିଲେ। ଏହାବ୍ୟତୀତ ନିଜର ବାସଭବନରେ ଅନେକ ଧର୍ମସଭା, ନାମ ସଂକୀର୍ତ୍ତନ, ଗୀତା ମହାଯଜ୍ଞ ଆଦିର ଆୟୋଜନ କରି ସେ ସେଠାକାର ପରିବେଶରେ ଏକ ଆଧାତ୍ମିକ ରଙ୍ଗ ଖେଳାଇ ପାରିଥିଲେ। ସତ୍ୟନଗରସ୍ଥିତ ଶ୍ମଶାନରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା। କ୍ୟୋଷ୍ଠପୁତ୍ର ପ୍ରଦୀପ୍ତ ମହାନ୍ତି ମୁଖାଗ୍ନି ଦେଇଥିଲେ। ତାଙ୍କ ମୃତ୍ୟୁରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।



# ବେକାରି ସମସ୍ୟା, ଓବିସି ସଂରକ୍ଷଣ ନେଇ ରାଜ୍ୟପାଳଙ୍କୁ ଫେରାଦ

ଭୁବନେଶ୍ୱର, ୨୮।୧(ବ୍ୟୁରୋ)

ବେକାରୀ ସମସ୍ୟା, ଓବିସି ସଂରକ୍ଷଣ ଓ ଜାତି ଜନଗଣନାକୁ ନେଇ ସମାଜବାଦୀ ପାର୍ଟି ପକ୍ଷରୁ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି। ପାର୍ଟିର ରାଜ୍ୟ ସଭାପତି ରବି ବେହେରାଙ୍କ ନେତୃତ୍ୱରେ ୩ଜଣିଆ ପ୍ରତିନିଧି ଦଳ ଶୁକ୍ରବାର ରାଜ୍ୟପାଳଙ୍କୁ ଭେଟି ନେଇ ଆଲୋଚନା କରିଛନ୍ତି। ରାଜ୍ୟରେ ପଛୁଆବର୍ଗଙ୍କୁ ନାମଲେଖା ଓ ନିଯୁକ୍ତିରେ ୨୭ ଭାଗ ସ୍ଥାନ ସଂରକ୍ଷଣ ଦିଆଯାଉ। ଜାତି ଜନଗଣନା ନ ହେବା ଯୋଗୁ ରାଜ୍ୟର ପଛୁଆବର୍ଗ ୨୦୨୧ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ ସଂରକ୍ଷଣରୁ ବଞ୍ଚିତ ହୋଇଛନ୍ତି। ତେଣୁ ପଛୁଆବର୍ଗ ଜନଗଣନା କରିବା ପାଇଁ ସରକାର ନିର୍ଦ୍ଦିଷ୍ଟ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେବାକୁ ସେମାନେ ଅନୁରୋଧ କରିଛନ୍ତି। ଏଥିସହ ବିହାର, ଉତ୍ତରପ୍ରଦେଶ ଜଳୁଥିବା ବେକାରୀ ବିରୋଧ ନିଆଁ ଓଡ଼ିଶାକୁ ବ୍ୟାପିବା ପୂର୍ବରୁ ରାଜ୍ୟ ସରକାର ଏକ ଉଚ୍ଚସ୍ତରୀୟ କମିଟି ଗଠନ କରି ନିଯୁକ୍ତି ଉପରେ ସମୟୋଚିତ ପଦକ୍ଷେପ ନେବାକୁ ସ୍ମାରକପତ୍ରରେ ଦାବି କରାଯାଇଛି। ସେହିପରି ଅବସରପ୍ରାପ୍ତ କର୍ମଚାରୀଙ୍କୁ ପୁନଃ ନିଯୁକ୍ତି ନ ଦେଇ ବେକାର ଯୁବତୀଯୁବକଙ୍କୁ ନିୟମିତ ନିଯୁକ୍ତି ସୁଯୋଗ ଦେବାପାଇଁ ବେହେରା ଦାବି କରିଛନ୍ତି।

ସେ କହିଛନ୍ତି, ଦେଶରେ ବେକାରୀ ସମସ୍ୟା ଉତ୍କଟ ରୂପ ଧରିଥିବାବେଳେ ବିହାର, ଉତ୍ତରପ୍ରଦେଶ ଓ ରାଜସ୍ଥାନର ବେକାରୀମାନେ ରାଜରାସ୍ତାକୁ ଓହ୍ଲାଇ ଆନ୍ଦୋଳନ କରୁଛନ୍ତି। କେତେବେଳେ ଟ୍ରେନ୍‌ରେ ନିଆଁ ଲଗାଉଛନ୍ତି ତ ଆଉ କେତେବେଳେ ଧାରଣାରେ ବସି ରହୁଛନ୍ତି। ରେଲ୍‌ୱେରେ ୩୫ ହଜାର ୨୮୧ ପଦବୀ ପାଇଁ ହୋଇଥିବା ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିବା ଯୁବତୀଯୁବକଙ୍କୁ ପୁନଶ୍ଚ କମ୍ପ୍ୟୁଟର ପରୀକ୍ଷା କରିବା ପାଇଁ ନୋଟିସ ପରେ ଏହି ଆନ୍ଦୋଳନ ତେଜିବାରେ ଲାଗିଛି। ଆନ୍ଦୋଳନକୁ ଦମନ କରିବା ପାଇଁ ବିହାର, ଉତ୍ତରପ୍ରଦେଶ ପୋଲିସ ବେକାରୀ ଯୁବତୀଯୁବକଙ୍କୁ ଲାଠି ମାଡ କରିବା ସହିତ ୫ ହଜାର ଯୁବତୀଯୁବକଙ୍କ ବିରୋଧରେ ଜାମିନବିହୀନ ପରୱାନା ଜାରି କରିଛନ୍ତି। ଏବେ ଏହି ଆନ୍ଦୋଳନର ନିଆଁ ବିଭିନ୍ନ ରାଜ୍ୟକୁ ବ୍ୟାପିବାରେ ଲାଗିଲାଣି। ଓଡ଼ିଶାରେ ମଧ୍ୟ ବେକାରୀଙ୍କ ଆନ୍ଦୋଳନ ଅସ୍ୱାଭାବିକ ପରିସ୍ଥିତି ସୃଷ୍ଟି କରିବ ବୋଲି ସେ ଚେତାବନୀ ଦେଇଛନ୍ତି।ଓଡ଼ିଶାରେ ନବୀନ ପଟ୍ଟନାୟକ ସରକାର କ୍ଷମତାକୁ ଆସିବା ପୂର୍ବରୁ ବର୍ଷକୁ ୧ ଲକ୍ଷ ବେକାରଙ୍କୁ ନିଯୁକ୍ତି ଦେବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ରାଜ୍ୟରେ ୧ଲକ୍ଷ ୩୧ ହଜାର ପଦବୀ ଖାଲି ପଡ଼ିଥିବାବେଳେ ନିୟମିତ ନିଯୁକ୍ତି ଅତି ନଗଣ୍ୟ।ବହୁ ସୂତା କଳ, ଚିନିକଳ ଓ ଟେକ୍ସଟାଇଲ ମିଲ ଓ ଝୋଟକଳ ବନ୍ଦ ହୋଇପଡ଼ିରହିଥିବାରୁ ଲୋକଙ୍କୁ କାମ ମିଳୁନାହିଁ। ତେଣୁ ସେମାନେ ବାଧ୍ୟହୋଇ ଦାଦନ ଖଟିବାକୁ ରାଜ୍ୟ ବାହାରକୁ ଯାଉଛନ୍ତି ବୋଲି ବେହେରା ଅଭିଯୋଗ କରିଛନ୍ତି।

# ସୁରକ୍ଷାବାଡ଼ ନ ଥିବାରୁ ପୁଷ୍କରିଣୀକୁ ଖସି ପଡ଼ିଲା ଷଣ୍ଢ

ପୁରୁଣା ଭୁବନେଶ୍ୱର, ୨୮।୧(ଡି.ଏନ୍.ଏ.)

ଏକାମ୍ର କ୍ଷେତ୍ରରେ ରାଜ୍ୟ ସରକାର ପ୍ରାୟ ୯ଶହ କୋଟି ଟଙ୍କା ବ୍ୟୟରେ ବିଭିନ୍ନ କାର୍ଯ୍ୟ କରୁଛନ୍ତି। ତେବେ କାର୍ଯ୍ୟର ମନ୍ଥରତା ଯୋଗୁ ଅନେକ ସମୟରେ ଦୁର୍ଘଟଣା ଘଟୁଥିବା ନଜିର ରହିଛି। ଶୁକ୍ରବାର ସନ୍ଧ୍ୟାରେ ଲିଙ୍ଗରାଜ ମନ୍ଦିର ଉତ୍ତର–ପୂର୍ବ କୋଣରେ ଥିବା ଦେବୀ ପାଦହରା ପୁଷ୍କରିଣୀ ଉପରୁ ଏକ ଷଣ୍ଢ ପଡ଼ି ଗୁରୁତର ଆହତ ହୋଇଛି। ଏକାମ୍ର ଜନଜାଗରଣ ମଞ୍ଚ ସଦସ୍ୟମାନେ ପହଞ୍ଚି ଷଣ୍ଢକୁ ଉଦ୍ଧାର କରିବା ସହ ଚିକିତ୍ସା ବ୍ୟବସ୍ଥା କରାଇଥିଲେ। ପ୍ରକାଶ ଯେ, ପ୍ରକଳ୍ପ କାର୍ଯ୍ୟ ପାଇଁ ପୁଷ୍କରିଣୀ ଚତୁଃପାର୍ଶ୍ୱ ସୁରକ୍ଷା ବାଡ଼ ହଟାଯାଇଛି। ଫଳରେ ଅନେକ ସମୟରେ ପର୍ଯ୍ୟଟକ ଓ ଗୋରୁ ପଡ଼ି ଆହତ ହେଉଛନ୍ତି।



# ଟ୍ରେଲରରେ ପିଟିହେଲା ବସ୍, ୨ ଆହତ

ଚୌଦ୍ୱାର, ୨୮।୧(ଡି.ଏନ୍.ଏ.)

୧୬ ନମ୍ବର ଜାତୀୟ ରାଜପଥର ଟାଙ୍ଗୀ ଥାନା ଅନ୍ତର୍ଗତ ବଇଁଚୁଆ ଛକ ନିକଟରେ ଶୁକ୍ରବାର ମଧ୍ୟାହ୍ନରେ ଏକ ଟ୍ରେଲର ପଛରେ ଯାତ୍ରୀବାହୀ ବସ୍ ପିଟି ହୋଇଯାଇଛି। ଏଥିରେ ଟ୍ରେଲର ଚାଳକ ଓ ବସ୍‌ର ଆଗ ସିଟ୍‌ରେ ବସିଥିବା ଜଣେ ଯାତ୍ରୀ ସାମାନ୍ୟ ଆହତ ହୋଇଛନ୍ତି। ପ୍ରତ୍ୟକ୍ଷଦର୍ଶୀଙ୍କ କହିବାନୁଯାୟୀ, ଭୁବନେଶ୍ୱରରୁ ଏକ ଯାତ୍ରୀବାହୀ ବସ୍ ଯାଜପୁର ଜିଲା ମଙ୍ଗଳପୁର ଅଭିମୁଖେ ଯାଉଥିଲା। ଏହି ସମୟରେ ଆଗରେ ଯାଉଥିବା ଲୁହା ପାଇପ୍ ବୋଝେଇ ଟ୍ରେଲରର ଚାଳକ ହଠାତ୍ ବ୍ରେକ୍ ମାରିବାକୁ ପଛରୁ ଉକ୍ତ ବସ୍ ଭାରସାମ୍ୟ ହରାଇ ସେଥିରେ ପିଟିହୋଇ ଯାଇଥିଲା। ଦୁର୍ଘଟଣା ଏତେ ଭୟଙ୍କର ଥିଲା ଯେ, ଟ୍ରେଲରରେ ଥିବା ଲୁହା ପାଇପ୍‌ଗୁଡ଼ିକ କ୍ୟାବିନ ଭାଙ୍ଗି ଆଗକୁ ବାହାରି ଯାଇଥିଲା। ଏଥିରେ ଟ୍ରେଲର ଚାଳକ ଆହତ ହୋଇଥିଲେ ମଧ୍ୟ ବସ୍ ଯାତ୍ରୀମାନେ ଅଳ୍ପକେ ରକ୍ଷା ପାଇଯାଇଛନ୍ତି। ଦୁର୍ଘଟଣା ପରେ ଅନେକ ଲୁହା ପାଇପ ରାସ୍ତାରେ ବିଛାଡିହୋଇ ପଡ଼ିଥିଲା। ଏଥିଯୋଗୁ ୧ ଘଣ୍ଟା ଧରି ଯାନବାହନ ଚଳାଚଳ ବାଧାପ୍ରାପ୍ତ ହୋଇଥିଲା। ଟାଙ୍ଗୀ ପୋଲିସ ଘଟଣାସ୍ଥଳରେ ପହଞ୍ଚି ରାସ୍ତାରୁ ପାଇପ ଓ ଦୁର୍ଘଟଣାଗ୍ରସ୍ତ ଗାଡ଼ିକୁ ହଟାଇବା ପରେ ଗାଡ଼ି ଚଳାଚଳ ସ୍ୱାଭାବିକ ହୋଇଥିଲା।

## ସେଲ୍ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

metroselfie@gmail.com



@ ପ୍ରଶାନ୍ତ



@ ପ୍ରଭାତ



@ ଡିଡିଲି



@ ଅମର



@ ରାଖାଲ



@ ସିଦ୍ଧେଶ୍ୱର

# କିନ୍ନରଙ୍କୁ ଅଳିଆ ପୃଥକୀକରଣ ଦାୟିତ୍ୱ ଦେଲା ବିଏମ୍‌ସି

ଭୁବନେଶ୍ୱର,୨୮।୧(ବ୍ୟୁରୋ)

ପାର୍କିଂ ଓ ହୋଲ୍ଡିଂ ଟିକସ ଆଦାୟ ପରେ ଏବେ ଅଳିଆ ପୃଥକୀକରଣ ଦାୟିତ୍ୱ ନେବେ କିନ୍ନର ଗୋଷ୍ଠୀ। ଆପାର୍ଟମେଣ୍ଟରେ ରହୁଥିବା ବ୍ୟକ୍ତିମାନେ ଓଦା, ଶୁଖିଲା ଅଳିଆକୁ ପୃଥକ କରି ଦେଉ ନ ଥିବାରୁ କମ୍ପୋଷ୍ଟିଂ ପ୍ରକ୍ରିୟାରେ ସମସ୍ୟା ସୃଷ୍ଟି ହେଉଛି। ଏହି ସମସ୍ୟା ଦୂର କରିବା ପାଇଁ କିନ୍ନର ଗୋଷ୍ଠୀଙ୍କୁ ଦାୟିତ୍ୱ ଦେଇଛି ବିଏମ୍‌ସି।

ବିଏମ୍‌ସି କାର୍ଯ୍ୟାଳୟରେ ଶୁକ୍ରବାର ଏ ନେଇ ବିଏମ୍‌ସି ଏବଂ କିନ୍ନର ଗୋଷ୍ଠୀଙ୍କର ଏକ ମିଳିତ ବୈଠକ ଅନୁଷ୍ଠିତ ହୋଇଯାଇଛି। ଫେବୃୟାରୀ ପ୍ରଥମ ସପ୍ତାହରୁ ସହରର ସମସ୍ତ ଆପାର୍ଟମେଣ୍ଟର ବାସିନ୍ଦା କିପରି ଓଦା ଓ ଶୁଖିଲା ବର୍ଜ୍ୟବସ୍ତୁ ପୃଥକ୍ କରି ଦେବେ ତାହାର ତଦାରଖ କରିବେ କିନ୍ନର ଗୋଷ୍ଠୀ। ଏଥିପାଇଁ ମହାନଗର ନିଗମର ୩ଟି ଜୋନ୍‌ରେ କିନ୍ନରଙ୍କ ୩ଟି ଗ୍ରୁପ୍‌କୁ ନିୟୋଜିତ କରାଯିବ। ପ୍ରତ୍ୟେକ ଗ୍ରୁପ୍‌ରେ ୫ଜଣ ଲେଖାଏ ସଦସ୍ୟ ରହିବେ। ୨ମାସ ପର୍ଯ୍ୟନ୍ତ ସେମାନଙ୍କୁ ପରୀକ୍ଷଣ ଆଧାରରେ ରଖାଯିବ ଏବଂ ପ୍ରାରମ୍ଭିକ ପର୍ଯ୍ୟାୟରେ ସେମାନେ ଲୋକମାନଙ୍କୁ ସଚେତନ କରାଇବେ। ସ୍ଥିତି ଦେଖି ପରବର୍ତ୍ତୀ ନିଷ୍ପତ୍ତି ନିଆଯିବ ବୋଲି ବିଏମ୍‌ସି ଡେପୁଟି କମିଶନର (ସାନିଟେଶନ୍) ଶୁଭେନ୍ଦୁ ସାହୁ ସୂଚନା ଦେଇଛନ୍ତି। ବିଏମ୍‌ସିର ଏଭଳି ପ୍ରୟାସ ଦ୍ୱାରା ଲୋକମାନେ ଅଧିକ ସଚେତନ ହେବା ସହ କିନ୍ନରମାନେ ମୁଖ୍ୟ ସ୍ରୋତରେ ସାମିଲ ହୋଇପାରୁଛନ୍ତି। ସେମାନଙ୍କର ଆର୍ଥିକ ସ୍ତରରେ ଉନ୍ନତି ମଧ୍ୟ ହୋଇ ପାରୁଛି ବୋଲି ଓଡ଼ିଶା କିନ୍ନର ମହାସଂଘ ସଭାନେତ୍ରୀ ତଥା ବିଏମ୍‌ସି ଆମ୍ବାସାଡାର ମୀରା ପରିଡ଼ା କହିଛନ୍ତି। ବୈଠକରେ ବିଏମ୍‌ସି ଡେପୁଟି କମିଶନର ଶ୍ରୀମନ୍ତ ମିଶ୍ର, ଜୋନାଲ ଡେପୁଟି କମିଶନର, ମେଘନା ସାହୁ ଏବଂ ଅନ୍ୟାନ୍ୟ ଅଧିକାରୀ ଉପସ୍ଥିତ ଥିଲେ। କମିଶନର ସଞ୍ଜୟ ସିଂହ ଭର୍ଚୁଆଲ ଭାବେ ଯୋଗଦେଇଥିଲେ।



ଯୁକ୍ତ ୨ ପରୀକ୍ଷା ବାତିଲ୍ ଦାବିରେ ଶୁକ୍ରବାର ପୁରୀ ବାଲିଘାଇ କଲେଜ ସମ୍ମୁଖରେ ଛାତ୍ରମାନେ ଟାୟାର ଜାଳି ବିକ୍ଷୋଭ କରୁଛନ୍ତି ।





ଏସ୍‌ଏଫ୍‌ଆଇ ଏବଂ ପ୍ରଗତିଶୀଳ ଛାତ୍ର ଫୋରମ୍ ପକ୍ଷରୁ ଶିକ୍ଷା ବଞ୍ଚାଅ– ଦେଶ ବଞ୍ଚାଅ ଦାବିରେ ଶୁକ୍ରବାର ପୁରୀ ସରକାରୀ ବିଦ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି ।



ଚାରିଛକ ସରକାରୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରସ୍ଥ ଜନ୍ମମୃତ୍ୟୁ ପଞ୍ଜୀକରଣ କାର୍ଯ୍ୟାଳୟରେ ଅବ୍ୟବସ୍ଥା ପ୍ରତିବାଦରେ ଶୁକ୍ରବାର ଅଞ୍ଚଳବାସୀଙ୍କ ଧାରଣା ।

## ଆଜି କ'ଣ କେଉଁଠି

**ଭୁବନେଶ୍ୱର**
- ଗାନ୍ଧୀବାଦୀ ସଙ୍ଗଠନ ପକ୍ଷରୁ ପ୍ରତିବାଦ ସଭା, ମାଷ୍ଟରକ୍ୟାଣ୍ଟିନ ଛକ, ଅପରାହ୍ନ ୪ଟା।
- ସ୍ତମ୍ଭକାର ପଦ୍ମଚରଣ ନାୟକ ଅଭିନନ୍ଦନ ସମିତି ପକ୍ଷରୁ ସ୍ତମ୍ଭକାର ପଦ୍ମଚରଣ ନାୟକଙ୍କ ଜୟନ୍ତୀ ପାଳନ, ଲୋହିଆ ଏକାଡେମୀ, ଅପରାହ୍ନ ୪ଟା ୩୦।
- ଭୁବନେଶ୍ୱର ସାହିତ୍ୟ ସମାଜ ଟ୍ରଷ୍ଟର ସାହିତ୍ୟ ମାସିକୀ କାର୍ଯ୍ୟକ୍ରମ, ସୂଚନା ଭବନ, ଅପରାହ୍ନ ୫ଟା ୩୦।

**କଟକ**
- ଇଣ୍ଟରନ୍ୟାଶନାଲ କ୍ଲବ ପକ୍ଷରୁ ପଥଚାରୀଙ୍କ ପାଇଁ ପଥପ୍ରାନ୍ତେ ଦୈନିକ ଖବରକାଗଜ, ମଙ୍ଗଳାବାଗ ମେଡିକାଲ ରୋଡ, ସକାଳ ୧୦ଟା।
- ଏସୟୁସିଆଇ ପକ୍ଷରୁ ପୋଲିସ ମହାନିର୍ଦ୍ଦେଶକଙ୍କୁ ସ୍ମାରକପତ୍ର ପ୍ରଦାନ, ପୋଲିସ ମୁଖ୍ୟାଳୟ, ପୂର୍ବାହ୍ନ ୧୧ଟା।
- କଟକ ଲେଖକ ସହଯୋଗ ସମିତି ଆନୁକୂଲ୍ୟରେ ପୁସ୍ତକ ଲୋକାର୍ପଣ ଉତ୍ସବ, ଶ୍ରୀରାମଚନ୍ଦ୍ର ଭବନ, ସନ୍ଧ୍ୟା ୬ଟା ୩୦।

# ବରଯାତ୍ରୀ ବେଶରେ ଆସି ୨ ଲକ୍ଷ ଟଙ୍କାର ଗହଣା ଚୋରି

## ସିସିଟିଭିରେ ଚୋରିର ଦୃଶ୍ୟ

ଭୁବନେଶ୍ୱର,୨୮।୧(ବ୍ୟୁରୋ)

ରାଜଧାନୀରେ ଲୁଟେରା ଓ ଚୋରଙ୍କ ଉତ୍ପାତ ବଢ଼ି ଚାଲିଥିବାବେଳେ ନୂଆ ନୂଆ ପନ୍ଥା ଆପଣାଇ ପୋଲିସକୁ ଖୋଲା ଚ୍ୟାଲେଞ୍ଜ କରୁଛନ୍ତି। କେତେବେଳେ ଗ୍ରାହକ ବେଶରେ ତ ଆଉ କେତେ ବେଳେ ଅତିଥି ବେଶରେ ଆସି ଲୁଟ୍‌ପାଟ କରୁଛନ୍ତି। ୨ଜଣ ଚୋର ବରଯାତ୍ରୀ ବେଶରେ ଆସି ଶହୀଦନଗର ଥାନା ଅନ୍ତର୍ଗତ କେସୁରା ଅଞ୍ଚଳରେ ଥିବା ଏକ ବିବାହ ମଣ୍ଡପରୁ୨ ଲକ୍ଷ ଟଙ୍କାର ଗହଣାଭର୍ତ୍ତି ବ୍ୟାଗ୍ ନେଇଯାଇଛନ୍ତି। ରବିବାର ଏହି ଘଟଣା ଘଟିଥିବାବେଳେ ସୋମବାର ବିଶ୍ୱଜିତ ମହାରଣା ନାମକ ଜଣେ ବ୍ୟକ୍ତି ଥାନାରେ ଅଭିଯୋଗ କରିବା ପରେ ପୋଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ସିସିଟିଭି ଫୁଟେଜରେ ଚୋରିର ଦୃଶ୍ୟ ରହିଥିବାବେଳେ ଲୁଟେରାଙ୍କୁ ଚିହ୍ନଟ କରିବାକୁ ପୋଲିସ ଚେଷ୍ଟା ଚଳାଇଛି। ଜଣେ ଯୁବକ ଅନ୍ୟଜଣେ ନାବାଳକଙ୍କୁ ସାଙ୍ଗରେ ଧରି ଗହଣା ବ୍ୟାଗ ଚୋରି କରି ନେଉଥିବା ସିସିଟିଭି ଫୁଟେଜରୁ ଜଣାପଡୁଛି। ଅଭିଯୋଗ ଆଧାରରେ ଏତଲା ହୋଇଥିଲେ ମଧ୍ୟ ପୋଲିସ ଲୁଟେରାଦ୍ୱୟଙ୍କୁ ଧରିବାରେ ସଫଳ ହୋଇପାରିନାହିଁ। ତେବେ ବିଶ୍ୱଜିତ ବାରମ୍ବାର ଥାନାକୁ ଆସି ନିରାଶ ହେବାରୁ ପୋଲିସର ତଦନ୍ତ ଉପରେ ପ୍ରଶ୍ନ ଉଠାଇଛନ୍ତି। ଏପରିସ୍ଥଳେ ଶୁକ୍ରବାର ଚୋରି ବେଳର ଭିଡିଓ ପଦାକୁ ଆସିବା ପରେ ଏହି ଘଟଣାକୁ ନେଇ ରାଜଧାନୀରେ ଚର୍ଚ୍ଚା ଜୋର୍ ଧରିଛି।

ସୂଚନା ଅନୁଯାୟୀ,ଭଉଣୀ ବାହାଘର ପାଇଁ ବିଶ୍ୱଜିତ୍ କେସୁରାସ୍ଥିତ ପଲ୍ଲବୀ ମଣ୍ଡପକୁ ଗତ ରବିବାର ପାଇଁ ବୁକ୍ କରିଥିଲେ। ସନ୍ଧ୍ୟାରେ ସେଠାରେ ବିବାହ ଚାଲିଥିବାବେଳେ ଅତିଥିଙ୍କ ଗହଳି ହୋଇଥିଲା। ଭିଡର ସୁଯୋଗ ନେଇ ଜଣେ ଯୁବକ ଅନ୍ୟଜଣେ ନାବାଳକଙ୍କୁ ସାଙ୍ଗରେ ଧରି ଚୋରି କରିବା ପାଇଁ ମଣ୍ଡପକୁ ବରଯାତ୍ରୀ ବେଶରେ ଆସିଥିଲେ। କେଉଁ ଅତିଥିମାନେ କିଭଳି ଗିଫ୍ଟ ଆଣିଛନ୍ତି ତାହା ମଧ୍ୟ ଲୁଟେରାଦ୍ୱୟ ସେଠାରେ ରହି ନଜର ରଖିଥିଲେ।ନାବାଳକ ଜଣକ ଗିଫ୍ଟ ରହୁଥିବା ସ୍ଥାନ ନିକଟରେ ରହିବା ସହ ଘର ବାହାରେ ଥିବା ମୁଖ୍ୟ ଅଭିଯୁକ୍ତଙ୍କୁ ସୂଚନା ଦେଉଥିଲେ। ସୁଯୋଗ ମିଳିବା ପରେ ନାବାଳକ ଜଣକବିଶ୍ୱଜିତଙ୍କ ପରିବାର ଲୋକେ ରଖିଥିବା ଏକ ଗହଣା ଭର୍ତ୍ତି ବ୍ୟାଗ୍‌କୁ ନେଇ ଯୁବକଙ୍କ ସହ ଚମ୍ପଟ ମାରୁଥିବା ସିସିଟିଭି ଫୁଟେଜରେ ଦେଖିବାକୁ ମିଳୁଛି।






ଗିଫ୍ଟ ରହୁଥିବା ଘର ନିକଟରେ ମୁଖ୍ୟ ଅଭିଯୁକ୍ତ ଜଗି ରହିଛନ୍ତି। ନାବାଳକ ଜଣକ ଅଳଙ୍କାର ଭର୍ତ୍ତି ବ୍ୟାଗ୍ ଧରି ଆସିବା ପରେ ଉଭୟ ଚମ୍ପଟ ମାରୁଛନ୍ତି।

## 'ମତଗତ ଭିନ୍ନତା ସତ୍ତ୍ୱେ ବ୍ୟକ୍ତିକୁ ଭଲପାଇ ହେବ'

ଭୁବନେଶ୍ୱର,୨୮।୧(ବ୍ୟୁରୋ)

ଓଡ଼ିଶା ରାଜ୍ୟ ଅଭିଲେଖାଗାରରେ ୫୯ତମ ସଂସ୍କୃତି ଚର୍ଚ୍ଚା ସମ୍ମାନ ମହୋତ୍ସବ ଭର୍ଚୁଆଲରେ ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବରେ ଆଲୋଚକ ଭାବେ କବି ତଥା ସମ୍ପାଦକ ଡ. ସଂଗ୍ରାମ ଜେନା ଯୋଗଦେଇ 'ଅନ୍ତରଙ୍ଗ ଅନୁଭୂତିରେ ଗାନ୍ଧୀ'ଙ୍କ ବିଷୟରେ ବର୍ଣ୍ଣନା କରି ନୀତି, ଆଦର୍ଶ ଓ ବିଚାର ଏସବୁ ଡେଇଁ ଗାନ୍ଧିଜୀ ବ୍ୟକ୍ତିର ହୃଦୟକୁ ଛୁଇଁ ପାରିଥିଲେ। ସେ ଲେଖିଥିବା ଅସଂଖ୍ୟ ଚିଠି ଏସବୁର ପ୍ରମାଣ ବୋଲି କହିଥିଲେ। ଆହୁରି ସେ କହିଥିଲେ, ଗାନ୍ଧିଜୀଙ୍କ ସହିତ ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବେ ଜଡ଼ିତ ଥିବା ବ୍ୟକ୍ତିମାନେ ଗାନ୍ଧିଜୀଙ୍କ ସମ୍ପର୍କରେ ସେମାନଙ୍କ ଆତ୍ମଜୀବନୀରେ ଲେଖୁଛନ୍ତି। ମତଗତ ଭିନ୍ନତା, ଆଦର୍ଶ ଓ ପ୍ରଥାର ବିଭିନ୍ନତା ସତ୍ତ୍ୱେ ବ୍ୟକ୍ତିକୁ ଭଲପାଇ ହେବ ବୋଲି ଗାନ୍ଧିଜୀ ନିଜ ଜୀବନରେ ପରୀକ୍ଷା କରି ଦେଖାଇ ଦେଇଛନ୍ତି। ୩୦ରେ ଆଜାଦୀ କା ଅମୃତ ମହୋତ୍ସବ ତଥା ମହାତ୍ମା ଗାନ୍ଧୀଙ୍କ ମହାପ୍ରୟାଣ ଦିବସ ରାଜ୍ୟ ଅଭିଲେଖାଗାର ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହେବ। ଏହି ଉତ୍ସବରେ ଗବେଷକ ଡ. ନିବେଦିତା ମହାନ୍ତି ଏବଂ ଖବରଦାତା ପ୍ରଦୋଷ ପଟ୍ଟନାୟକ ଯଥାକ୍ରମେ 'ଭାରତ ସ୍ୱାଧୀନତା ସଂଗ୍ରାମ ଏବଂ ଓଡ଼ିଶା' ଏବଂ ବିଶ୍ୱ ଦୃଷ୍ଟିରେ ଜାତିର ପିତା ମହାତ୍ମା ଗାନ୍ଧୀ' ବିଷୟ ଉପରେ ବକ୍ତବ୍ୟ ରଖିବେ। ଏହି ଅବସରରେଡ. ସଂଗ୍ରାମ ଜେନାଙ୍କ ଦାରା ଆଲୋଚ୍ୟ ସଂସ୍କୃତି ଚର୍ଚ୍ଚାର ବିଷୟ ' ଅନ୍ତରଙ୍ଗ ଅନୁଭୂତିରେ ଗାନ୍ଧୀ' ଅଭିଲେଖାଗାରର ୟୁଟ୍ୟୁବ ଚ୍ୟାନେଲରେ ଲୋକାର୍ପଣ କରାଯିବ। ସ୍ୱାଗତ ଭାଷଣଓଡ଼ିଶା ରାଜ୍ୟ ଅଭିଲେଖାଗାରର ଅଧୀକ୍ଷକ ଡ. ଶେଖ ସୋଲେମାନ ଅଲ୍ଲୀ ଦେଇଥିବା ବେଳେ ଉପେନ୍ଦ୍ର ବେହେରା ଧନ୍ୟବାଦ ଦେଇଥିଲେ।

## ପ୍ରତିଭା ରାୟଙ୍କୁ ସମ୍ବର୍ଦ୍ଧନା

ଭୁବନେଶ୍ୱର,୨୮।୧(ବ୍ୟୁରୋ): ଜ୍ଞାନପୀଠ ବିଜେତା ସାହିତ୍ୟିକା ଡ. ପ୍ରତିଭା ରାୟଙ୍କୁ ଭାରତ ସରକାରଙ୍କ ପକ୍ଷରୁ ମର୍ଯ୍ୟାଦାଜନକ ପଦ୍ମଭୂଷଣ ସମ୍ମାନରେ ସମ୍ମାନିତ କରାଯାଇଛି। ଏହି ଅବସରରେ ଶାସ୍ତ୍ରୀୟ ଓଡ଼ିଆ ଉତ୍କର୍ଷ ଅଧ୍ୟୟନ କେନ୍ଦ୍ର ପକ୍ଷରୁ ଡ. ରାୟଙ୍କୁ ସମ୍ବର୍ଦ୍ଧନା ଦିଆଯାଇଛି। କେନ୍ଦ୍ରର ପ୍ରକଳ୍ପ ନିର୍ଦ୍ଦେଶକ ପ୍ରଫେସର ବସନ୍ତ କୁମାର ପଣ୍ଡାଙ୍କ ସହ କେନ୍ଦ୍ରର କାର୍ଯ୍ୟରତ ଗବେଷକ ଡ. ଦେବାଶିଷ ମହାପାତ୍ର, ଡ. ଗୋବିନ୍ଦ ଚନ୍ଦ୍ର ପେଣ୍ଡୋଇ, ଡ. ଅମ୍ବରୀଶ ଶତପଥୀ ପ୍ରମୁଖ ପଦ୍ମଭୂଷଣ ଡ. ରାୟଙ୍କ ବାସଭବନରେ ଭେଟି ସମ୍ବର୍ଦ୍ଧନା ଦେଇ ଓଡ଼ିଆ ଭାଷା ସାହିତ୍ୟ କ୍ଷେତ୍ରକୁ ଆହୁରି ସମୃଦ୍ଧ କରିବାକୁ ପ୍ରେରଣା ଦେଇଥିଲେ। ଡ. ରାୟ ଶାସ୍ତ୍ରୀୟ ଓଡ଼ିଆ ଭାଷାର ଅନେକ ଅନାଲୋଚିତ ଅଧ୍ୟାୟରେ କାର୍ଯ୍ୟ କରୁଥିବା ଗବେଷକ ଗବେଷିକାଙ୍କୁ ଭାଷାର ଭବିଷ୍ୟତ ପ୍ରହରୀ ଭାବେ ଅଭିହିତ କରିଥିଲେ।



ଭୁବନେଶ୍ୱର ଜୟଦେବ ବିହାରସ୍ଥିତ ସୁଦର୍ଶନ ଆର୍ଟ ଆଣ୍ଡ କ୍ରାଫ୍ଟ ଭିଲେଜ୍‌ରେ ଦୁଇଜଣ ଶିଳ୍ପୀ ମୁଗୁନି ପଥରରେ ଏକ ବୃଷଭ ପ୍ରତିମୂର୍ତ୍ତି ତିଆରି କରୁଛନ୍ତି।

## ଅଭିଯୁକ୍ତଙ୍କ ତଥ୍ୟ ଦେଇ ନ ଥିଲେ ହୋଟେଲ କର୍ତ୍ତୃପକ୍ଷ

**ପଶ୍ଚିମବଙ୍ଗର ଲୁଟେରା ଗ୍ୟାଙ୍ଗ୍ ଗିରଫ ଘଟଣା**
- ସରାଇ ଆକ୍ଟର ଅବମାନନା କରିଥିଲେ ହୋଟେଲ କର୍ମଚାରୀ
- ଦୁଇ ହୋଟେଲ ମ୍ୟାନେଜରଙ୍କୁ ନୋଟିସ ଦେଇ ଛାଡ଼ିଲା ପୋଲିସ

ଭୁବନେଶ୍ୱର,୨୮।୧(ବ୍ୟୁରୋ)

ରାଜଧାନୀରେ ଅଭିନବ ଉପାୟରେ ବିଭିନ୍ନ ଔଷଧ ଦୋକାନରୁ ଚୋରି କରି ଖସି ପଳାଉଥିବାବେଳେ ପଶ୍ଚିମବଙ୍ଗ ଲୁଟେରା ଗ୍ୟାଙ୍ଗ୍‌ର ୪ ଜଣଙ୍କୁ କମିଶନରେଟ ପୋଲିସ ଗିରଫ କରିଥିଲା। ତେବେ ଏହି ମାମଲାରେ ପୋଲିସ ତଦନ୍ତ ଜାରି ରଖିଥିବାବେଳେ ଅଭିଯୁକ୍ତମାନେ ରହିଥିବା ରାଜଧାନୀର ୨ଟି ହୋଟେଲ କର୍ତ୍ତୃପକ୍ଷ ସରାଇ ଆକ୍ଟର ଅବମାନନା କରିଥିବା ଜଣାପଡିଛି। ଏହି ଆକ୍ଟ ଅନୁଯାୟୀ ହୋଟେଲରେ ରହୁଥିବା ସମସ୍ତ ଅତିଥିଙ୍କ ବିବରଣୀ ଦେବା ପାଇଁ ମାଲିକମାନେ ବାଧ୍ୟ ଅଟନ୍ତି। ହେଲେ ଅଭିଯୁକ୍ତମାନେ ଖାରବେଳନଗର ଓ ଅଶୋକ ନଗରରେ ଥିବା ଦୁଇଟି ହୋଟେଲରେ ଭୁଲ୍ ତଥ୍ୟ ଦେଇ ରହିଥିଲେ ମଧ୍ୟ ମ୍ୟାନେଜର ଓ କର୍ମଚାରୀମାନେ ଯାଞ୍ଚ କରି ନ ଥିଲେ। ଏଥିସହ ଅଭିଯୁକ୍ତଙ୍କ ରହଣି ନେଇ ସରାଇ ଆପ୍ ଜରିଆରେ ପୋଲିସକୁ ମଧ୍ୟ ଜଣାଇ ନ ଥିଲେ। ତେଣୁ ଉକ୍ତ ଦୁଇ ହୋଟେଲର ୨ ମ୍ୟାନେଜରଙ୍କୁ ନୟାପଲ୍ଲୀ ଥାନା ପୋଲିସ ଗୁରୁବାର ଅଟକ ରଖି ଅଧିକ ପଚରାଉଚରା କରିଥିଲା। ପରବର୍ତ୍ତୀ ସମୟରେ ସେମାନଙ୍କୁ ନୋଟିସ ଦେଇ ଛଡ଼ାଯାଇଥିବା ଡିସିପି ଉମାଶଙ୍କର ଦାସ କହିଛନ୍ତି। ଦୁଇଟି ହୋଟେଲର କାଗଜପତ୍ର ଓ ଲାଇସେନ୍ସ ଆଦି ଯାଞ୍ଚ କରାଯାଉଛି। ପୁନର୍ବାର ଉକ୍ତ ହୋଟେଲଦ୍ୱୟ ସରାଇ ଆକ୍ଟର ଅବମାନନା କଲେ ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଡିସିପି କହିଛନ୍ତି।

## ଅନ୍ଧବିଶ୍ୱାସର କାହାଣୀ କହିବ 'ଦମନ୍'

**ରିଲିଜ୍ ହେଲା ଟ୍ରେଲର**

ଭୁବନେଶ୍ୱର,୨୮।୧(ବ୍ୟୁରୋ)

ଅଭିନେତା ବାବୁସାନ ମହାନ୍ତିଙ୍କ ଅଭିନୀତ ତଥା ବହୁ ପ୍ରତୀକ୍ଷିତ ଚଳଚ୍ଚିତ୍ର 'ଦମନ'ର ଟ୍ରେଲର ରିଲିଜ୍ ହୋଇଛି। ଫିଲ୍ମ ନିର୍ମାଣକାରୀ ସଂସ୍ଥା ଜେପି ମୋଶନ୍ ପିକ୍ଚର ଏହାକୁ ସୋସିଆଲ ମିଡିଆ ମାଧ୍ୟମରେ ରିଲିଜ୍ କରାଯାଇଛି। ନିଛକ ସତ୍ୟ ଓଡ଼ିଆ କାହାଣୀ ଉପରେ ଏହି ଚଳଚ୍ଚିତ୍ର ନିର୍ମାଣ ହୋଇଥିବାରୁ ଫ୍ୟାନ୍‌ମାନଙ୍କ ମଧ୍ୟରେ ପ୍ରଶଂସା ସାଉଁଟିବାରେ ଲାଗିଛି। ଓଡ଼ିଶାର ବିଚ୍ଛିନ୍ନାଞ୍ଚଳ ମାଲକାନଗିରିରେ କିଭଳି ଲୋକ ମ୍ୟାଲେରିଆର ବଶବର୍ତ୍ତୀ ହେଉଥିଲେ ଓ ଅନ୍ଧବିଶ୍ୱାସରେ ବୁଡି ରହି ରୋଗକୁ ଚିହ୍ନି ପାରୁ ନ ଥିଲେ ସେ ବିଷୟରେ ବର୍ଣ୍ଣନା କରାଯାଇଛି। ଏହି ଅଞ୍ଚଳରେ କିପରି ଜଣେ ଡାକ୍ତର ରୋଗ ଆଉ ରୋଗୀଙ୍କୁ ଅନ୍ଧବିଶ୍ୱାସର ଅନ୍ଧାର ଗଳିରୁ ବାହାର କରିବାକୁ ଚେଷ୍ଟା କରୁଛନ୍ତି, ତା' ସହିତ ବାହ୍ୟ ଦୁନିଆରୁ ଅଲଗା ହୋଇ ଡାକ୍ତର ଜଣଙ୍କ କିପରି ନିଜର କର୍ତ୍ତବ୍ୟ ତୁଲାଉଛନ୍ତି ତାହାକୁ ନେଇ ଚଳଚ୍ଚିତ୍ରର କାହାଣୀ ଗତିଶୀଳ ହୋଇଛି। ବାବୁସାନ୍‌ଙ୍କୁ ଏଥିରେ ଡାକ୍ତର ଭୂମିକାରେ ଅଭିନୟ କରୁଥିବାର ଦେଖିବାକୁ ମିଳିବ। ରିଲିଜ୍ ହୋଇଥିବା ଏହାର ଟ୍ରେଲର ଦେଖି ଅଧିକାଂଶ ଓଡ଼ିଆ ଦର୍ଶକ ବହୁତ ପସନ୍ଦ କରିଛନ୍ତି। ଏହା ଓଡ଼ିଆ ଚଳଚ୍ଚିତ୍ର ଜଗତରେ ନୂଆ ଏକ ପରିଚୟ ସୃଷ୍ଟି କରିବ ବୋଲି ସମସ୍ତଙ୍କ ଆଶା। ଚଳଚ୍ଚିତ୍ରର ପ୍ରଯୋଜନାରେ ଦୀପେନ୍ଦ୍ର ସାମଲ ଥିବାବେଳେ ଯୁବ ନିର୍ଦ୍ଦେଶକ ବିଶାଲ ମୌର୍ଯ୍ୟ ଏବଂ ଦେବୀ ପ୍ରସାଦ ଲେଙ୍କା ଏହାର ନିର୍ଦ୍ଦେଶନା ଦେଇଛନ୍ତି।




## ଇଟାଭାଟି ଶ୍ରମିକଙ୍କ ପିଲାଙ୍କ ସୁରକ୍ଷା ନେଇ ତଦାରଖ

ବାଲିଅନ୍ତା,୨୮।୧(ଡି.ଏନ୍.ଏ.): ଖୋର୍ଦ୍ଧା ଜିଲାର ଶିଶୁ ସୁରକ୍ଷା ନେଇ ତଦାରଖ କମିଟିର ଏକ ୬ଜଣିଆ ଟିମ୍ ଶୁକ୍ରବାର ବାଲିଅନ୍ତା ବ୍ଲକ ଅଞ୍ଚଳରେ ଥିବା ୪ଟି ଇଟାଭାଟିକୁ ଗସ୍ତ କରିଥିଲା। ଉକ୍ତ ଇଟାଭାଟିଗୁଡ଼ିକରେ କାର୍ଯ୍ୟ କରୁଥିବା ଶ୍ରମିକଙ୍କ ପିଲାମାନଙ୍କ ଶିକ୍ଷା ଓ ସ୍ୱାସ୍ଥ୍ୟକୁ ନେଇ ଟିମ୍ ପକ୍ଷରୁ ସମୀକ୍ଷା କରାଯାଇଥିଲା। ଇଟାଭାଟିରେ ରହୁଥିବା ଶିଶୁମାନଙ୍କ ସୁରକ୍ଷାକୁ ସୁନିଶ୍ଚିତ କରିବାକୁ ଯାଇ ମାଲିକମାନଙ୍କ ସହ ଟିମ୍ ଆଲୋଚନା କରିଥିଲେ। ଶ୍ରମିକମାନେ ପିଲାମାନଙ୍କୁ ଉପଯୁକ୍ତ ସ୍ୱାସ୍ଥ୍ୟ ଓ ଶିକ୍ଷା ପ୍ରଦାନ କରିବା ଦିଗରେ ଇଟାଭାଟିର ମାଲିକଙ୍କ ଭୂମିକା ଉପରେ ସଚେତନ କରାଯାଇଥିଲା। ଭୁବନପୁର ଗ୍ରାମରେ ଥିବା ୨ଟି ଇଟାଭାଟିରେ ଥିବା ପିଲାମାନଙ୍କ ପାଠପଢ଼ା ପ୍ରତି ମାଲିକମାନେ ଯତ୍ନଶୀଳ ଥିବା କମିଟିର କର୍ମକର୍ତ୍ତା ତଦାରଖ ସମୟରେ ଜାଣିବାକୁ ପାଇଥିଲେ। ଇଟାଭାଟି ପାଖରେ ଥିବା ସରକାରୀ ବିଦ୍ୟାଳୟରେ ମଧ ଶ୍ରମିକଙ୍କ ପିଲାମାନଙ୍କ ପାଠପଢ଼ା ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଥିବା କମିଟିର ସଭ୍ୟମାନେ ସମୀକ୍ଷା ସମୟରେ ଅବଗତ ହୋଇଥିଲେ। ଜିଲା ଶିଶୁ ସୁରକ୍ଷା ୟୁନିଟର ସାମାଜିକ ଅଧିକାରୀ ରଞ୍ଜନ କୁମାର ଗୋଚ୍ଛାୟତ, ବାଲିଅନ୍ତା ବ୍ଲକ ଶିକ୍ଷାଧିକାରୀ ହିମାଂଶୁ ଭୂଷଣ ଓଝା, ଜିଲା ଶିକ୍ଷା ଯୋଗାଣ ଅଧିକାରୀ ଦେବବ୍ରତ ବାରିକ, ଅଶୋକ କୁମାର ଦାସ ଓ ଚାଇଲ୍ଡ ଲାଇନର ସଭ୍ୟମାନେ ଏହି ଟିମ୍‌ରେ ସାମିଲ ଥିଲେ।

## ତ୍ରିକୋଣୀୟ ପ୍ରେମକୁ ନେଇ ଛାତ୍ରଙ୍କୁ ଛୁରାମାଡ଼

- ଆକ୍ରମଣରେ ଛାତ୍ରୀ ବି ଆହତ
- ଲୁଟେରା ଭାବି କାବୁ କଲେ ସ୍ଥାନୀୟ ଲୋକେ

ଭୁବନେଶ୍ୱର,୨୮।୧(ବ୍ୟୁରୋ)

ତ୍ରିକୋଣୀୟ ପ୍ରେମକୁ ନେଇ ରାଜଧାନୀରେ ଜଣେ ଛାତ୍ରୀଙ୍କୁ ଆକ୍ରମଣ ହେବା ସହ ଛାତ୍ରଙ୍କୁ ଛୁରାମାଡ଼ ହୋଇଛି। ପ୍ରଥମ ପ୍ରେମିକଙ୍କ ଛୁରାମାଡ଼ରେ ଦ୍ୱିତୀୟ ପ୍ରେମିକ ଆହତ ହୋଇଛନ୍ତି। ଚନ୍ଦ୍ରଶେଖରପୁର ଥାନା ଅନ୍ତର୍ଗତ ଶୈଳଶ୍ରୀବିହାର ଅଞ୍ଚଳରେ ଶୁକ୍ରବାର ଏହି ଘଟଣା ଘଟିଛି। ଛୁରା ମାଡ଼ରେ ଗୁରୁତର ଆହତ ଛାତ୍ରଙ୍କୁ ସ୍ଥାନୀୟ ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ପୋଲିସ ଛୁରା ମାଡ଼ କରିଥିବା ଅନ୍ୟଜଣେ ଛାତ୍ରଙ୍କୁ ଅଟକ ରଖି ପଚରାଉଚରା କରୁଛି। ତେବେ ରିପୋର୍ଟ ଲେଖାହେବା ପର୍ଯ୍ୟନ୍ତ ଏନେଇ ଥାନାରେ ମାମଲା ରୁଜୁ ହୋଇ ନ ଥିବାବେଳେ ଦୁଇପକ୍ଷ ଆପୋସ ସାମାଧାନ ପାଇଁ ଚେଷ୍ଟା କରୁଥିବାସୂଚନା ମିଳିଛି।

ସୂଚନା ଅନୁଯାୟୀ, ପୁରୀ ଜିଲାର ଜଣେ ଯୁବତୀ ସ୍ଥାନୀୟ ଥାନା ଅଞ୍ଚଳର ଏକ ଘରୋଇ ଇଞ୍ଜିନିୟରିଂ କଲେଜରେ ବି.ଟେକ୍ ଶେଷବର୍ଷରେ ପଢୁଛନ୍ତି। ସେହି କଲେଜରେ ପଢୁଥିବା ଜଗତ୍‌ସିଂପୁର ଜିଲାର ଜଣେ ଛାତ୍ର ଦୁଇବର୍ଷ ହେବ ତାଙ୍କୁ ପ୍ରେମ କରୁଥିଲେ। ଇତିମଧ୍ୟରେ ଅନ୍ୟଏକ ଇଞ୍ଜିନିୟରିଂ କଲେଜରେ ପଢୁଥିବା ପୁରୀ ଜିଲାର ଜଣେ ଛାତ୍ର ସମ୍ପୃକ୍ତ ଯୁବତୀଙ୍କୁ ମଧ୍ୟ ଭଲପାଇ ବସିଥିଲେ। ଶୁକ୍ରବାର ସନ୍ଧ୍ୟାରେ ଶୈଳଶ୍ରୀବିହାର ଛକ ରାସ୍ତାରେ ଦ୍ୱିତୀୟ ପ୍ରେମିକ ଉକ୍ତ ଯୁବତୀଙ୍କ ସହ ବୁଲାବୁଲି କରୁଥିଲେ। ଏନେଇ ପ୍ରଥମ ପ୍ରେମିକ ଖବରପାଇ ତାଙ୍କ ସାଙ୍ଗ ସହ ସେଠାକୁ ଆସି ଯୁବତୀଙ୍କୁ ମାଡ଼ ମାରିଥିଲେ। ଘଟଣାକୁ ନେଇ ସେମାନଙ୍କ ମଧ୍ୟରେ ଝଗଡ଼ା ହୋଇଥିଲା। ତେବେ ଯୁବତୀଙ୍କ ସହ ବୁଲିଥିବା ଦ୍ୱିତୀୟ ପ୍ରେମିକ ପ୍ରତିବାଦ କରିବାରୁ ସେମାନଙ୍କ ମଧ୍ୟରେ ବଚସା ହୋଇଥିଲା। ଏହି ସମୟରେ ପ୍ରଥମ ପ୍ରେମିକ ସାଙ୍ଗରେ ଆଣିଥିବା ଏକ ଛୁରିରେ ଦ୍ୱିତୀୟ ପ୍ରେମିକଙ୍କୁ ବାରମ୍ବାର ଆକ୍ରମଣ କରିଥିଲେ। ଚିତ୍କାର ଶୁଣି ସ୍ଥାନୀୟ ଲୋକେ ଲୁଟ୍ ଘଟଣା ଭାବି ସମସ୍ତଙ୍କୁ କାବୁ କରି ପୋଲିସକୁ ଖବର ଦେଇଥିଲେ।

## କବିତା, ଗଳ୍ପ ସଂକଳନ ଲୋକାର୍ପିତ

ଭୁବନେଶ୍ୱର,୨୮।୧(ବ୍ୟୁରୋ)

ଡ. ଆଭାଞ୍ଜଳି ଶତପଥୀଙ୍କ କବିତା ସଂକଳନ 'ମଧୁର ମୂର୍ଚ୍ଛନା' ଓ ଗଳ୍ପ ସଂକଳନ 'ସମର୍ପଣ' ଶୁକ୍ରବାର ଉନ୍ମୋଚିତ ହୋଇଯାଇଛି। ଉତ୍ସବରେ ବରିଷ୍ଠ ଲେଖକ ସୁରେଶ ଚନ୍ଦ୍ର ମହାପାତ୍ର ଅଧ୍ୟକ୍ଷତା କରିଥିଲେ। କୃପାସାଗର ସାହୁ ପ୍ରାରମ୍ଭିକ ଅଭିଭାଷଣ ରଖି ବହୁ ପଠନ, ଭ୍ରମଣ ଏବଂ ବହୁ ଲିଖନ ସୃଷ୍ଟିର ସଫଳତାର ଚାବିକାଠି ବୋଲି କହିଥିଲେ। କାର୍ଯ୍ୟକ୍ରମରେ ପ୍ରଖ୍ୟାତ ଗାଳ୍ପିକ ପ୍ରଦୋଷ ମିଶ୍ର ଉପସ୍ଥିତ ରହି କହିଥିଲେ, ସାହିତ୍ୟ ମନୁଷ୍ୟକୁ ଚିରନ୍ତନ ଆନନ୍ଦ ଦିଏ। ପ୍ରତ୍ୟେକ ମାନବ ଜଣେ ଜଣେ କଳାକାର। କେହି କେହି ଏହାକୁ ପ୍ରକାଶ କରନ୍ତି, ଅନ୍ୟ କେତେଜଣ ଏହାକୁ ଶ୍ରଦ୍ଧାରେ ଗ୍ରହଣ କରିଥା'ନ୍ତି। ସେଥିପାଇଁ ସାହିତ୍ୟ ବଞ୍ଚି ରହିଛି। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ କବି ଦୁର୍ଗାଚରଣ ଷଡ଼ଙ୍ଗୀ, କବି ଅଶୋକ ମହାନ୍ତି ଏବଂ ଲେଖିକା ମମତା ପଟ୍ଟନାୟକ ଉପସ୍ଥିତ ଥିଲେ। ପ୍ରକାଶକ ତଥା ସତ୍ୟମ୍ ବୁକ୍ ଏଜେନ୍ସିର ନୀଳଚକ୍ର ଦାଶ ଧନ୍ୟବାଦ ଦେଇଥିଲେ।

## ଚାଇଲ୍ଡ ଆଣ୍ଡ୍ ୱିମେନ୍ ଡେଭଲପ୍‌ମେଣ୍ଟ ସୋସାଇଟି ଲୋଗୋ ଉନ୍ମୋଚିତ

ଭୁବନେଶ୍ୱର, ୨୮।୧ (ବ୍ୟୁରୋ)

ଚାଇଲ୍ଡ ଆଣ୍ଡ୍ ୱିମେନ୍ ଡେଭଲପ୍‌ମେଣ୍ଟ ସୋସାଇଟିର ନୂତନ ଲୋଗୋକୁ ଶୁକ୍ରବାର ରାଜଭବନଠାରେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ଉନ୍ମୋଚନ କରିଛନ୍ତି। ଏହି ଅବସରରେ ରାଜ୍ୟପାଳ କହିଛନ୍ତି, ଲୋକସେବା ହେଉଛି ଈଶ୍ୱରଙ୍କ ଶ୍ରେଷ୍ଠ ଅର୍ଚ୍ଚନା। ପ୍ରତ୍ୟେକ ମଣିଷ ଈଶ୍ୱରଙ୍କ ଅଂଶ ବିଶେଷ ଏବଂ ଏହି ଚେତନାର ବ୍ୟାପକ ପ୍ରସାର ହେବା ଦରକାର। ନିଜକୁ ଅନ୍ୟ ଭିତରେ ଅନୁଭବ କରିବା ହିଁ ଆଧ୍ୟାତ୍ମିକତା। ଅନ୍ୟର ସେବାରେ ଯେଉଁ ଆନନ୍ଦ ମିଳେ ତା'ର ବିକଳ୍ପ ନାହିଁ। ଜନତାର ସେବା ହିଁ ଜଗନ୍ନାଥଙ୍କ ସେବା ବୋଲି ରାଜ୍ୟପାଳ କହିଛନ୍ତି। ଏଥିସହ ଅନୁଷ୍ଠାନ ପକ୍ଷରୁ ଦିବ୍ୟାଙ୍ଗଙ୍କ ଉନ୍ନତିକଳ୍ପେ ସମର୍ପିତ ପ୍ରୋଜେକ୍ଟ 'ଦେବଦତ୍ତ'କୁ ଲୋକାର୍ପଣ କରିଛନ୍ତି। ଅନୁଷ୍ଠାନର ମୁଖ୍ୟପ୍ରଫେସର କଳ୍ପନା ଦାସବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ। ରାଜଭବନର ଅଧିକାରୀଙ୍କ ସମେତ ଅନୁଷ୍ଠାନର ସ୍ୱେଚ୍ଛାସେବୀମାନେ ଉପସ୍ଥିତ ଥିଲେ।

## ହେଲ୍‌ମେଟ୍ ପାଇଁ 'ପୁଷ୍ପା' ଫଣ୍ଡା

ଭୁବନେଶ୍ୱର,୨୮।୧(ବ୍ୟୁରୋ): ସାଉଥ୍ ବ୍ଲକ୍‌ବଷ୍ଟର ଫିଲ୍ମ 'ପୁଷ୍ପା'କୁ ନେଇ ଏବେ ସବୁଠି କ୍ରେଜ୍ ଦେଖିବାକୁ ମିଳିଛି। ସବୁଠି ଏହି ଫିଲ୍ମର ଡାଏଲଗ, ଗୀତ ଚର୍ଚ୍ଚା ହେଉଥିବା ବେଳେ ରାଜ୍ୟ ପରିବହନ କର୍ତ୍ତୃପକ୍ଷ (ଏସ୍‌ଟିଏ) ହେଲ୍‌ମେଟ୍ ପିନ୍ଧିବା ନେଇ ଆପଣାଇଛି ପୁଷ୍ପା ଫଣ୍ଡା। ଫିଲ୍ମର ଡାଏଲଗ ଭଳି ଏଣିକି ପୁଷ୍ପା ହେଉ କି ପୁଷ୍ପରାଜ। ବିନା ହେଲ୍‌ମେଟ୍ ଚାଲାଣ ସମସ୍ତଙ୍କର କଟିବ ବୋଲି ସତର୍କ କରାଇଛି ଏସ୍‌ଟିଏ। ବାଇକ୍ ଚଳାଇବା ବେଳେ ହେଲ୍‌ମେଟ୍ ପିନ୍ଧିବା ଲାଗି ଏସ୍‌ଟିଏ ପରାମର୍ଶ ଦେଇଛି। ହେଲ୍‌ମେଟ୍ ନ ପିନ୍ଧିଲେ କାହାରିକୁ ଛଡ଼ାଯିବନି, ଫାଇନକଟାଯିବ। ହେଲ୍‌ମେଟ୍ ନ ପିନ୍ଧି ଆପଣ ନିଜ ଜୀବନକୁ ବିପଦରେ ପକାଉଛନ୍ତି। ଦ୍ରୁତ ଗାଡ଼ି ଚଲାନ୍ତୁ ନାହିଁ, ଗାଡ଼ି ଚଳାଇଲା ବେଳେ ହେଲ୍‌ମେଟ୍ ପିନ୍ଧନ୍ତୁ। ପରିବହନ ବିଭାଗ ଏପରି ସଚେତନାତ୍ମକ ବାର୍ତ୍ତା ନିୟମିତ ଦେଇ ଆସୁଛି। ହେଲେ ବେପରୁଆମାନେ ଏଥିପ୍ରତି ତିଳେ ମାତ୍ର ଧ୍ୟାନ ଦେଉନାହାନ୍ତି। ସବୁ ନିୟମକୁ ଅମାନ୍ୟ କରି ଦ୍ରୁତ ଗତିରେ ଗାଡ଼ି ଚଳାଉଛନ୍ତି। ଆଉ ଗାଡ଼ି ଚଲାଇଲା ବେଳେ ହେଲ୍‌ମେଟ୍ ପିନ୍ଧୁ ନାହାନ୍ତି। ଯେଉଁଥିପାଇଁ ଦୁର୍ଘଟଣାର ଶିକାର ହୋଇ ନିଜେ ମୃତ୍ୟୁ ମୁଖରେ ପଡ଼ିବା ସହିତ ଅନ୍ୟ ପ୍ରତି ବିପଦ ଆଣୁଛନ୍ତି। ତେଣୁ ହେଲ୍‌ମେଟ୍ ପିନ୍ଧିବା ପାଇଁ ଏସ୍‌ଟିଏ ଏଭଳି ଉପାୟ ଆପଣାଇ ସଚେତନତା କରୁଛି।






ଚାଇଲ୍ଡ ଆଣ୍ଡ୍ ୱିମେନ୍ ଡେଭଲପ୍‌ମେଣ୍ଟ ସୋସାଇଟିର ନୂତନ ଲୋଗୋକୁ ଶୁକ୍ରବାର ରାଜଭବନଠାରେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ଉନ୍ମୋଚନ କରୁଛନ୍ତି।



ଭୁବନେଶ୍ୱର ୟୁନିଟ୍-୪ ସରକାରୀ ହସ୍ପିଟାଲ୍‌ରେ କୋଭିଡ୍ ପରୀକ୍ଷା ପାଇଁ ଜଣେ ଯୁବତୀଙ୍କ ସ୍ୱାବ୍ ସଂଗ୍ରହ କରାଯାଉଛି।



ଖୋର୍ଦ୍ଧା ଜିଲା ବୋଲଗଡ଼ ବ୍ଲକ ଖଙ୍ଗୁରିଆ ମିନି ଷ୍ଟାଡିୟମରେ ଚାଲିଥିବା ମା' ରାମଚଣ୍ଡୀ କ୍ରିକେଟ ଟୁର୍ନାମେଣ୍ଟର ଉଦ୍‌ଯାପନୀ ଉତ୍ସବରେ ଚାମ୍ପିୟନ ନୟାଗଡ଼ର ରମାବିଲ ଦଳର ଖେଳାଳିମାନେ ପୁରସ୍କାର ଗ୍ରହଣ କରୁଛନ୍ତି।

## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୨୮।୧।୨୦୨୨

| ୩୧୩୮ ଟଙ୍କା | |
|---|---|
| ସୁନା | ମିଳିନାହିଁ |
| ରୁପା | ମିଳିନାହିଁ |

# ନୂଆ ରୂପ ଅପେକ୍ଷାରେ ନୀଳାଚଳ ଅର୍ବାନ ହାଟ

ପୁରୀ ଅଫିସ,୨୮।୧

ହସ୍ତଶିଳ୍ପ ଓ ବୟନ ଶିଳ୍ପର ପ୍ରଚାର ପ୍ରସାର ତଥା ପର୍ଯ୍ୟଟକଙ୍କ ମଧ୍ୟରେ ଏହି ସାମଗ୍ରୀର ଚାହିଦା ବଢ଼ାଇବା ପାଇଁ ୨୦୦୯ରେ ପୁରୀରେ କାର୍ଯ୍ୟକ୍ଷମ ହୋଇଥିଲା ନୀଳାଚଳ ଅର୍ବାନ ହାଟ। ଏଠାକୁ ରାଜ୍ୟ ଓ ରାଜ୍ୟ ବାହାରର ଲୋକେ ବୁଲିବାକୁ ଆସିବା ସହ ମନପସନ୍ଦର ସାମଗ୍ରୀ କିଣାକିଣି କରୁଥିଲେ। ତେବେ ୨୦୧୯ ଫନୀ ବାତ୍ୟାରେ ଏହି ହାଟର ଭିତ୍ତିଭୂମି କ୍ଷତିଗ୍ରସ୍ତ ହୋଇଥିଲା। ସେବେଠୁ ଏହା ଆଜିପର୍ଯ୍ୟନ୍ତ ସେମିତି ଭଗ୍ନାବସ୍ଥାରେ ପଡ଼ିରହିଛି। ପୁନରୁଦ୍ଧାର ଅପେକ୍ଷାରେ ଥିବା ଏହି ଅର୍ବାନ୍ ହାଟ ପ୍ରତି ପ୍ରଶାସନର ନଜର ପଡୁନାହିଁ।

କେନ୍ଦ୍ର ସରକାରଙ୍କ ଏକ ପ୍ରକଳ୍ପ ଅଧୀନରେ ୧୧ କୋଟି ଟଙ୍କା ବ୍ୟୟରେ ଏହି ହାଟ ପ୍ରତିଷ୍ଠା କରାଯାଇଥିଲା। ଏହାକୁ ତତ୍କାଳୀନ ରାଷ୍ଟ୍ରପତି ପ୍ରତିଭା ଦେବୀ ସିଂ ପାଟିଲ ଉଦ୍‌ଘାଟନ କରିଥିଲେ। ଇଡ୍‌କୋ ଏବଂ ରାଜ୍ୟ ପର୍ଯ୍ୟଟନ ବିଭାଗ ଏହି ହାଟ ପରିଚାଳନା କରୁଥିଲେ। ଏଠାରେ ୩୯ଟି ଶପିଂ କାଉଣ୍ଟର ଥିବାବେଳେ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରାଇବା ପାଇଁ ଜଳ ଫୁଆରା, ସାଂସ୍କୃତିକ କାର୍ଯ୍ୟକ୍ରମ ପାଇଁ ମଣ୍ଡପ ପ୍ରଭୃତି ନିର୍ମାଣ ହୋଇଥିଲା। ଫଳରେ ଏଠାକୁ ଲୋକଙ୍କ ସୁଅ ଛୁଟିଥିଲା। ପ୍ରାୟ ଦୁଇବର୍ଷ ପର୍ଯ୍ୟନ୍ତ ହାଟ ଭଲ ଚାଲିଲା। ପରେ ବିଭିନ୍ନ କାରଣରୁ ଏଠାକୁ ପର୍ଯ୍ୟଟକ ଓ ଗ୍ରାହକଙ୍କ ଆଗମନ ସଂଖ୍ୟା କମିଲା। ୨୦୧୯ ଫନୀ ମହାବାତ୍ୟାରେ ଏହି ହାଟ ସମ୍ପୂର୍ଣ୍ଣ ରୂପେ କ୍ଷତିଗ୍ରସ୍ତ ହୋଇଥିଲା। ଏହାପରଠୁ ଆଉ ହାଟ ପ୍ରତି ପ୍ରଶାସନ ଦୃଷ୍ଟି ଦେଇନାହିଁ। ସଂସ୍କୃତିପ୍ରେମୀ ଶ୍ୟାମପ୍ରକାଶ ସେନାପତି କହିଛନ୍ତି, ଅର୍ବାନ ହାଟରେ ହସ୍ତଶିଳ୍ପର ପ୍ରଚାର ପ୍ରସାର ସହ ଏଠାକାର ମଞ୍ଚରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହେଉଥିଲା। ପ୍ରତି ସନ୍ଧ୍ୟାରେ ଭିଡ଼ ଜମୁଥିଲା। ପର୍ଯ୍ୟଟକଙ୍କୁ ହସ୍ତଶିଳ୍ପ ସାମଗ୍ରୀ ଯୋଗାଇଦେବା ପାଇଁ ଏହା ଏକ ଭଲ ପ୍ଲାଟଫର୍ମ ଥିଲା। ସେହିପରି ସ୍ୱାଧୀନ ପଣ୍ଡା କହିଛନ୍ତି, ଜିଲା ପ୍ରଶାସନର ଅପାରଗତା ଯୋଗୁ ଏଭଳି ସ୍ଥିତି ଉପୁଜିଲା। ଅର୍ବାନ ହାଟଠାରୁ ଚକ୍ରତୀର୍ଥ ରୋଡ୍ ଦେଇ ବେଳାଭୂମିକୁ ସଂଯୋଗକରି ରାସ୍ତା ନିର୍ମାଣ ସହ ପୁଣି ଅର୍ବାନ ହାଟର ପୁନରୁଦ୍ଧାର ନେଇ ଯୋଜନା ଚାଲିଛି ବୋଲି ବର୍ଷକ ତଳେ ଜିଲାପାଳ ସମର୍ଥ ବର୍ମା କହିଥିଲେ। ମାତ୍ର ଏପର୍ଯ୍ୟନ୍ତ କୌଣସି ପଦକ୍ଷେପ ନିଆଯାଇ ନାହିଁ। ସ୍ଥାନୀୟ ବାସିନ୍ଦା ଏ. କ୍ରିଷ୍ଣାକୁମାର କହିଛନ୍ତି, ଫନୀ ମହାବାତ୍ୟା ପରଠାରୁ ଅର୍ବାନ ହାଟର ଭିତ୍ତିଭୂମି ଭୁଶୁଡ଼ିଯାଇଛି। ତେବେ କେବଳ ଭିତ୍ତିଭୂମି ଭୁଶୁଡ଼ିବା କାରଣରୁ ଅର୍ବାନ ହାଟ ଧ୍ୱଂସ ହୋଇଛି ଏକଥା ଭାବିବା ଭୁଲ୍ ହେବ। ଜିଲା ପ୍ରଶାସନ ଦୋକାନ ଆବଣ୍ଟନ କରି ଯେଉଁ ଭଡ଼ା ଆଦାୟ କରୁଥିଲା ତାହା ଅନେକଙ୍କୁ ବାଧୁଥିଲା। ଚଢ଼ା ଦର ହେତୁ ଅନେକ ଦୋକାନୀ ଅର୍ବାନ ହାଟରେ ବେପାର ବନ୍ଦ କରିଦେଲେ। ଧିରେ ଧିରେ ଅନ୍ୟ ଦୋକାନୀମାନେ ବି ଏଠାରୁ ମୁହଁ ଫେରାଇ ନେଲେ। ଯଦି ଏବେ ପୁଣି ହାଟ ପୁନରୁଦ୍ଧାର ପାଇଁ ଚିନ୍ତା କରାଯାଉଛି, ତା'ହେଲେ ଦୋକାନ ନିଲାମ ବେଳେ ଠିକ ଭଡ଼ା ଓ ଦର ନିର୍ଦ୍ଧାରଣ ହେବା ଦରକାର। ଅନ୍ୟପକ୍ଷରେ ଏ ନେଇ ଉପଜିଲାପାଳ ଭବତାରଣ ସାହୁ କହିଛନ୍ତି, ଅର୍ବାନ ହାଟକୁ କାର୍ଯ୍ୟକ୍ଷମ କରାଯିବା ପାଇଁ ପ୍ରୟାସ ଓ ପ୍ରସ୍ତୁତି ଚାଲିଛି।



ସାଂସ୍କୃତିକ କାର୍ଯ୍ୟକ୍ରମ ପାଇଁ ହାଟ ପରିସରରେ ଥିବା ମଣ୍ଡପ ।

## ସଂକ୍ଷେପରେ

### ରାଜ୍ୟ କଂଗ୍ରେସ ପଛୁଆ ବର୍ଗ ଉପାଧ୍ୟକ୍ଷ ହେଲେ ବୃନ୍ଦାବନ



ଜଟଣୀ,୨୮।୧(ଡି.ଏନ୍.ଏ.): ରାଷ୍ଟ୍ରୀୟ ପଛୁଆ ବର୍ଗ ଅଧ୍ୟକ୍ଷ ପ୍ରଦେଶ କଂଗ୍ରେସ ନିମନ୍ତେ ବହୁ ବ୍ୟକ୍ତିଙ୍କୁ ବିଭିନ୍ନ ପଦବୀରେ ନିଯୁକ୍ତ କରିଛନ୍ତି। ଏହି ପରିପ୍ରେକ୍ଷୀରେ ରାଜ୍ୟ କଂଗ୍ରେସ ପଛୁଆ ବର୍ଗ ଅଧ୍ୟକ୍ଷ ଜ୍ଞାନଦେବ ବେଉରାଙ୍କ ସୁପାରିସ୍‌କ୍ରମେ ଜଟଣୀ ପୌରାଞ୍ଚଳର କଂଗ୍ରେସ ନେତା ବୃନ୍ଦାବନ ସାହୁଙ୍କୁ ରାଜ୍ୟ ପଛୁଆ ବର୍ଗ ଉପାଧ୍ୟକ୍ଷ ଭାବେ ନିଯୁକ୍ତ କରାଯାଇଛି। ଏହି ଖବର ପ୍ରଚାରିତ ହେବା ପରେ ଜଟଣୀ ନଗର ଏବଂ ବ୍ଲକ ଅଞ୍ଚଳର କଂଗ୍ରେସ କର୍ମୀ ଓ ନେତାଙ୍କ ମଧ୍ୟରେ ଖୁସିର ଲହରି ଖେଳିଯାଇଛି। ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ, କଂଗ୍ରେସ ପ୍ରଭାରୀ ଡ. ଚେଲା କୁମାର, ନଗର ସଭାପତି ଅଶୋକ ମଙ୍ଗରାଜ ଓ ବିଧାୟକ ସୁରେଶ କୁମାର ରାଉତରାୟଙ୍କୁ ସାହୁ କୃତଜ୍ଞତା ଜଣାଇବା ସହ କଂଗ୍ରେସ ଦଳର ସଙ୍ଗଠନକୁ ସୁଦୃଢ଼ କରିବେ ବୋଲି କହିଛନ୍ତି।

### ବସନ୍ତ ମିଳନ, ସଂକୀର୍ତ୍ତନ ମହୋତ୍ସବ

ଝାଁଳା,୨୮।୧(ଡି.ଏନ୍.ଏ.): ଜଟଣୀ ବ୍ଲକ ଝାଁଳା ଗ୍ରାମର ଅଧିଷ୍ଠାତା ରାଧାମାଧବ ଦେବଙ୍କ ପ୍ରାଙ୍ଗଣରେ ବସନ୍ତ ମିଳନ ଓ ନାମ ସଂକୀର୍ତ୍ତନ ମହୋତ୍ସବ ଅନୁଷ୍ଠିତ ହାଇଯାଇଛି। ଏହି ସଙ୍କୀର୍ତ୍ତନରେ ଝାଁଳା, ଦକ୍ଷିଣ ମୁଣ୍ଡମୁହାଣ, କୁଜିମହୁଲ, ପିତାପଲ୍ଲି, ପଳାଶପୁର, ଗଣ୍ଡିଲୋ, ଗୌଡ଼କାଶୀପୁର, ଅନ୍ଧାରୁଆ, କୁମାରଖାତିଆ, ଉତ୍ତର ମୁଣ୍ଡମୁହାଣ ସଂକୀର୍ତ୍ତନ ମଣ୍ଡଳୀ ପରିବେଷଣ କରିଥିଲେ। ଗ୍ରାମରେ ନଗର ପରିକ୍ରମା କରାଯାଇଥିଲା। ଶ୍ରୀନିବାସ ଶତପଥୀ କାର୍ଯ୍ୟ ସମ୍ପାଦନ କରିଥିବା ବେଳେ ରାଧାମାଧବ ଯୁବ ପରିଷଦ ସହଯୋଗ କରିଥିଲେ।

### ଶିକ୍ଷକ ରାଜକିଶୋରଙ୍କୁ ସମ୍ବର୍ଦ୍ଧନା

ନିରାକାରପୁର,୨୮।୧(ଡି.ଏନ୍.ଏ.): ଟାଙ୍ଗୀ ବ୍ଲକ ଲେଣ୍ଡୋ ପଞ୍ଚାୟତ ଅନ୍ତର୍ଗତ ରେଙ୍ଗଟା ସ୍ଥିତ ସରକାରୀ ପ୍ରାଥମିକ ବିଦ୍ୟାଳୟରେ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟରେ କାର୍ଯ୍ୟରତ ସହକାରୀ ଶିକ୍ଷକ ରାଜକିଶୋର ଦେହୁରୀଙ୍କ ପଦୋନ୍ନତି ପରେ ବୋଲଗଡ଼ ବ୍ଲକକୁ ବଦଳି ନେଇ ତାଙ୍କୁ ବିଦ୍ୟାଳୟ ଓ ଗ୍ରାମବାସୀଙ୍କ ପକ୍ଷରୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଶିକ୍ଷାବିତ୍ ବ୍ରଜବନ୍ଧୁ କର, ପୁଷ୍ପଲତା ସେଠୀ, ଲକ୍ଷ୍ମୀକାନ୍ତ ମହାପାତ୍ର, କିଶୋର ଦାସ, ବିରଞ୍ଚି ନାରାୟଣ ପଟ୍ଟନାୟକ, ବିଜୟ ସାହୁ, ଦୁଃଶାସନ ସେଠୀ, ବନମାଳୀ ସେଠୀ, ରଞ୍ଜିତ ବେହେରା, ତ୍ରିବେଣୀ ପ୍ରଧାନ, ବିରଞ୍ଚି ନାରାୟଣ ସ୍ୱାଇଁ, ବିକ୍ରମ ସ୍ୱାଇଁ, ଭାସ୍କର ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ। ବିଦ୍ୟାଳୟର ପ୍ରଧାନଶିକ୍ଷକ ଅମର ଜୟସିଂହ ଧନ୍ୟବାଦ ଦେଇଥିଲେ।



ସ୍ୱାଧୀନତା ପାଇଁ ଉତ୍ସର୍ଗୀକୃତ ସଂଗ୍ରାମୀଙ୍କ ଉଦ୍ଦେଶ୍ୟରେ ଶୁକ୍ରବାର ଗୁଣ୍ଡିଚା ମନ୍ଦିରସ୍ଥିତ ଶରଧା ବାଲିରେ ଦେଶ ପାଇଁ ଦୀପଟିଏ କାର୍ଯ୍ୟକ୍ରମ ।

## ଅଗ୍ନିକାଣ୍ଡ: ୨ ବଖରା ଭସ୍ମୀଭୂତ

ବେଗୁନିଆ,୨୮।୧(ଡି.ଏନ୍.ଏ.)

ବେଗୁନିଆ ତହସିଲ ଅନ୍ତର୍ଗତ କୁଶପଲ୍ଲା ଗ୍ରାମରେ ଗୁରୁବାର ବିଳମ୍ବିତ ରାତିରେ ଅଗ୍ନିକାଣ୍ଡ ଘଟି ନବ ନାହାକଙ୍କ ଦୁଇବଖରା ଭସ୍ମୀଭୂତ ହୋଇଯାଇଛି। ଲକ୍ଷାଧିକ ଟଙ୍କାର ଆସବାବପତ୍ର ପୋଡ଼ି ପାଉଁଶ ହୋଇଯାଇଛି। ଅନ୍ୟପଟେ ଘରେ ଶୋଇଥିବା ୪/୫ଜଣ ସଦସ୍ୟ ଅଳ୍ପକେ ବର୍ତ୍ତିଯାଇଛନ୍ତି। ତେବେ ଅଗ୍ନିକାଣ୍ଡର କାରଣ ଅସ୍ପଷ୍ଟ ରହିଛି। ଏହି ଗ୍ରାମର ନବ ନାହାକ ଓ ପରିବାର ଲୋକେ ଗୁରୁବାର ରାତିରେ ଶୋଇଥିଲେ। ରାତି ପ୍ରାୟ ୧୧ଟା ୪୫ରେ ତାଙ୍କ ଘରେ ନିଆଁ ଲାଗିଥିବା ନବ ଦେଖିବାକୁ ପାଇଥିଲେ। ପରେ ପରିବାର ଲୋକଙ୍କୁ ଉଠାଇବା ସହ ବାହାରକୁ ଆସିଥିଲେ। ଖବର ପାଇ ବେଗୁନିଆ ଅଗ୍ନିଶମ କର୍ମଚାରୀ ପହଞ୍ଚି ଗ୍ରାମବାସୀଙ୍କ ସହାୟତାରେ ନିଆଁକୁ ଆୟତ୍ତ କରିଥିଲେ। ବିପନ୍ନ ପରିବାରକୁ ସରକାରୀ ସହାୟତା ଯୋଗାଇଦେବାକୁ ଗ୍ରାମବାସୀଙ୍କ ପକ୍ଷରୁ ଦାବି ହୋଇଛି।

## ବୁଦ୍ଧନାରାୟଣ ଫୁଟ୍‌ବଲ : କେରଙ୍ଗ ଫାଇନାଲରେ

କଟଣୀ,୨୮।୧(ଡି.ଏନ୍.ଏ.)

ହରିପୁର ଗ୍ରାମସ୍ଥିତ ପଞ୍ଚାୟତ ଖେଳପଡ଼ିଆରେ ଚାଲିଥିବା ବୁଦ୍ଧନାରାୟଣ ଫୁଟ୍‌ବଲ ଟୁର୍ନାମେଣ୍ଟରେ ଶୁକ୍ରବାର ଦ୍ୱିତୀୟ ସେମିଫାଇନାଲ ମ୍ୟାଚ୍‌ରେ ପୁରୀ ନୀଳାଚଳ ଏକାଡେମୀକୁ ହରାଇ ଖୋର୍ଦ୍ଧାର କେରଙ୍ଗ କ୍ଲବ ବିଜୟୀ ହେବା ସହ ଫାଇନାଲରେ ପ୍ରବେଶ କରିଛି। ଏହି ମ୍ୟାଚ୍‌ରେ କେରଙ୍ଗ ଟିମ୍ ୩ଟି ଗୋଲ ଦେଇଥିବା ବେଳେ ନୀଳାଚଳ ଏକାଡେମୀ ଗୋଟିଏ ଗୋଲ ଦେଇ ପରାଜିତ ହୋଇଥିଲା। କେରଙ୍ଗ ଟିମ୍‌ର ଅବ୍‌ଦୁଲ ରୋଫ ମ୍ୟାନ୍ ଅଫ୍ ଦ୍ ମ୍ୟାଚ୍ ବିବେଚିତ ହୋଇଥିଲେ। ଅଚ୍ୟୁତାନନ୍ଦ ବଳିୟାରସିଂହ, ଜଗଦୀଶ ଅଗ୍ରୱାଲ, ପ୍ରମୋଦ ପରିଡ଼ା ଅତିଥିଭାବେ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ପ୍ରିୟବ୍ରତ ବାହିନୀପତି, ପ୍ରଫୁଲ୍ଲ ବେହେରା. ଚିକ୍କୁନ ମ୍ୟାଚ୍ ପରିଚାଳନା କରିଥିଲେ।

# ମଣ୍ଡି ବନ୍ଦ, ଧାନ କିଣାହୋଇପାରୁନି

ଖୋର୍ଦ୍ଧା ଅଫିସ,୨୮।୧

- ୧୦ ଦିନରେ କିଣାଯାଇଛି ୧.୨୦ଲକ୍ଷ କ୍ୱିଣ୍ଟାଲ
- ପ୍ରଶାସନ ସାଜିଛି ନୀରବଦ୍ରଷ୍ଟା

ଖୋର୍ଦ୍ଧା ଜିଲାରେ ଧାନକିଣାରେ ଅବ୍ୟବସ୍ଥା ଲାଗି ରହିଛି। ଚାଷୀ ଖରା, ଶୀତ କାକରରେ ମଣ୍ଡିରେ ଧାନ ଧରି ବସିରହିଛି, କିନ୍ତୁ ଧାନ କିଣାଯାଉନାହିଁ। ମିଲର୍ସଙ୍କ ମନମାନି ଯୋଗୁ ତିନିଦିନ ହେବ ଜିଲାରେ ମଣ୍ଡି ବନ୍ଦ ରହିଛି। ଶୁକ୍ରବାର ଜିଲାରେ କେବଳ ବାଲିପାଟଣାର ଏକ ସେବା ସମବାୟ ସମିତିରେ ଧାନ କିଣାଯାଇଥିବା ଯୋଗାଣ ବିଭାଗ ପକ୍ଷରୁ ସୂଚନା ମିଳିଛି। ଜଣେ ମିଲ୍ ମାଲିକଙ୍କ ଇଙ୍ଗିତରେ ମଣ୍ଡି ଚାଲୁଛି। ତାଙ୍କ ଇଚ୍ଛାରେ ଧାନ କିଣାଯାଉଛି। ଚାଷୀଙ୍କଠାରୁ ୭ରୁ ୧୦କେଜି ପର୍ଯ୍ୟନ୍ତ କଟ୍‌ନିଛଟ୍‌ନି କରାଯାଉଛି। ପ୍ରଶାସନ ନିକଟରେ ସମସ୍ତ ଖବର ଥିବା ସତ୍ତ୍ୱେ ନୀରବଦ୍ରଷ୍ଟା ସାଜିଛି। ଜାନୁୟାରୀ ୧୮ରେ ଜିଲାରେ ମଣ୍ଡି ଖୋଲିଥିବା ବେଳେ ଶୁକ୍ରବାର ସୁଦ୍ଧା ୧ଲକ୍ଷ ୨୦ ହଜାର କ୍ୱିଣ୍ଟାଲ ଧାନ କିଣାଯାଇଥିବା ଜିଲା ଯୋଗାଣ ଅଧିକାରୀ ସୁଗୁଡା ମୁର୍ମୁ କହିଛନ୍ତି। ଗତବର୍ଷ ଜାନୁୟାରୀ ଶେଷ ସୁଦ୍ଧା ୩ଲକ୍ଷ କ୍ୱିଣ୍ଟାଲ ଧାନ କିଣାସରିଥିଲା। ତେବେ ବିଭାଗୀୟ କର୍ତ୍ତୃପକ୍ଷଙ୍କ ଅବହେଳାରୁ ଜିଲାରେ ଚଳିତଥର ଧାନକିଣା ମନ୍ଥର ଗତିରେ ଚାଲିଛି। ଫଳରେ ମାର୍ଚ୍ଚ ଶେଷ ସୁଦ୍ଧା ଧାନକିଣା ଟାର୍ଗେଟ୍ ପୂରଣ ହେବା ନେଇ ଆଶଙ୍କା ଦେଖାଦେଇଛି। ମଣ୍ଡି ଠିକ୍‌ରେ ଖୋଲୁ ନ ଥିବାରୁ ଆନ୍ଧ୍ରପ୍ରଦେଶ ବେପାରୀମାନେ ଗାଁରେ ପଶି ଧାନ କିଣୁଛନ୍ତି। ବେଗୁନିଆ, ବୋଲଗଡ଼, ଟାଙ୍ଗୀ, ଚିଲିକା, ବାଣପୁର ଆଦି ଅଞ୍ଚଳରୁ ଦୈନିକ ୨୦ରୁ ୩୦ଟନ୍ ଧାନ ଚାଲାଣ ହେଉଥିବା ଜଣାପଡିଛି। ସବୁ ଜାଣି ପ୍ରଶାସନ ନୀରବଦ୍ରଷ୍ଟା ବୋଲି ବିଭିନ୍ନ ଚାଷୀ ସଙ୍ଗଠନ ଅଭିଯୋଗ କରିଛନ୍ତି।

ଜିଲାର ଅନେକ ମିଲ୍ ମାଲିକଙ୍କ ଗୋଦାମରେ ବେଆଇନ ଭାବେ ଧାନ ଗଚ୍ଛିତ ରହିଛି। ମଣ୍ଡି ବନ୍ଦ ଥିବା ବେଳେ ମିଲ୍ ମାଲିକମାନେ ଏତେ ପରିମାଣର ଧାନ କେଉଁଠୁ କିଣିଲେ, ତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ବାଲିଅନ୍ତା ଓ ବାଲିପାଟଣା ବ୍ଲକର ୧୮ଟି ପାକ୍ସରୁ ଧାନ କିଣିବା ପାଇଁ ଶାନ୍ତୁଲିଆ ରାଇସ୍ ମିଲ୍ ଜିଲା ଯୋଗାଣ ବିଭାଗ ସହ ପଞ୍ଜୀକୃତ କରିଛି। ତେବେ ଏହି ପାକ୍ସରୁ ଧାନ ଉଠୁ ନ ଥିବା ବେଳେ ଉକ୍ତ ରାଇସ୍ ମିଲ୍‌ରେ ବିପୁଳ ପରିମାଣର ଧାନ ଗଚ୍ଛିତ ରହିଥିବା ନେଇ ଚାଷୀଙ୍କ ପକ୍ଷରୁ ଅଭିଯୋଗ ହୋଇଥିଲା। ଏ ନେଇ ଅତିରିକ୍ତ ଜିଲା ଯୋଗାଣ ଅଧିକାରୀ ବିଷ୍ଣୁଚରଣ ପରିଡ଼ା,ଏଆର୍‌ସିଏସ୍ ସ୍ମିଗ୍ଧା ଶତପଥୀ, ଭୁବନେଶ୍ୱର ସଦର ଏସିଏସ୍‌ଓ ଗାୟତ୍ରୀ ପଟ୍ଟନାୟକଙ୍କୁ ନେଇ ଗଠିତ ଏକ ୩ଜଣିଆ ଟିମ୍ ଉକ୍ତ ରାଇସ୍ ମିଲ୍‌ରେ ଚଢ଼ାଉ କରିଥିଲା। ଚଢ଼ାଉ ବେଳେ ମିଲର୍ସ ଗଚ୍ଛିତ ଧାନ ସମ୍ପର୍କରେ କୌଣସି ସନ୍ତୋଷଜନକ ଉତ୍ତର ଦେଇପାରି ନ ଥିଲେ। ଏ ସମ୍ପର୍କରେ ଯୋଗାଣ ବିଭାଗ ପକ୍ଷରୁ ଜିଲାପାଳଙ୍କୁ ରିପୋର୍ଟ କରାଯାଇଥିବା ଜିଲା ଯୋଗାଣ ଅଧିକାରୀ ମୁର୍ମୁ କହିଛନ୍ତି। ତେବେ ଶାନ୍ତୁଲିଆ ରାଇସ୍ ମିଲ୍‌ରେ ଚଢ଼ାଉ ପରେ ଅନ୍ୟ ମିଲ୍ ମାଲିକମାନେ ମଣ୍ଡିରୁ ଧାନ ଉଠାଇବାକୁ ମନା କରିଛନ୍ତି। ଫଳରେ ମଣ୍ଡିରୁ ଧାନ ଉଠିପାରୁନାହିଁ। ଜିଲାପାଳଙ୍କ ସହ ଆଲୋଚନା କରାଯାଇ ଖୁବ୍‌ଶୀଘ୍ର ଏହାର ସମାଧାନ କରାଯିବ ବୋଲି ମୁର୍ମୁ କହିଛନ୍ତି।

ସୂଚନାଥାଉ କି, ଜିଲାରେ ୨୦୨୧-୨୨ ଖରିଫ ଋତୁରେ ୪୬ ହଜାର ଚାଷୀ ନାମ ପଞ୍ଜୀକୃତ କରିଥିବା ବେଳେ ୧୫ ଲକ୍ଷ କ୍ୱିଣ୍ଟାଲ ଧାନ କିଣିବା ପାଇଁ ଲକ୍ଷ୍ୟଧାର୍ଯ୍ୟ ରହିଛି। ୧୩୯ଟି ପାକ୍ସରେ ଧାନ କିଣିବା ପାଇଁ ବ୍ୟବସ୍ଥା ରହିଛି।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ପ୍ରଶାନ୍ତ



@ ପ୍ରଭାତ



@ ତିତିଲି



@ ଅମର



@ ରାଖାଲ



@ ସିଦ୍ଧେଶ୍ୱର

## ସ୍କର୍ପିୟନ, ବଜରଙ୍ଗୀ ଫାଇଟର ବିଜୟୀ

ଜଟଣୀ,୨୮।୧(ଡି.ଏନ୍.ଏ.)

ଜଟଣୀ ପୌରାଞ୍ଚଳ କୁଦିଆରୀ ଗ୍ରାମଠାରେ ଚାଲିଥିବା କୁଦିଆରୀ ପ୍ରିମିୟର ଲିଗ କ୍ରିକେଟ ଟୁର୍ନାମେଣ୍ଟରେ ଶୁକ୍ରବାର ଦୁଇଟି ମ୍ୟାଚ ଅନୁଷ୍ଠିତ ହୋଇଥିଲା। ପ୍ରଥମ ମ୍ୟାଚରେ ଜଗନ୍ନାଥ ସ୍ପୋର୍ଟିଂକୁ ହରାଇ ସ୍କର୍ପିୟନ ବିଜୟୀ ହୋଇଛି। ଟସ୍ ଜିତି ସ୍କର୍ପିୟନ ଟିମ୍ ପ୍ରଥମେ ବ୍ୟାଟିଂ କରି ୨୦ଓଭରରେ ୯ଉଇକେଟ ବିନିମୟରେ ୧୬୯ରନ ସଂଗ୍ରହ କରିଥିଲା। ଜବାବରେ ଜଗନ୍ନାଥ ସ୍ପୋର୍ଟିଂ ୧୪.୩ଓଭରରେ ସମସ୍ତ ଉଇକେଟ ବିନିମୟରେ ୧୦୬ରନ ସଂଗ୍ରହ କରି ପରାଜିତ ହୋଇଥିଲା। ସେହିପରି ଦ୍ୱିତୀୟ ମ୍ୟାଚରେ ଟାଇଟଲ ଷ୍ଟାରକୁ ହରାଇ ବଜରଙ୍ଗୀ ଫାଇଟର ବିଜୟୀ ହୋଇଛି। ଟସ୍ ଜିତି ଟାଇଟଲ ଷ୍ଟାର ପ୍ରଥମେ ବ୍ୟାଟିଂ କରି ୨୦ ଓଭରରେ ୮ ଉଇକେଟ ବିନିମୟରେ ୧୪୫ ରନ ସଂଗ୍ରହ କରିଥିଲା। ଜବାବରେ ବଜରଙ୍ଗୀ ଫାଇଟର ୧୯.୫ଓଭରରେ ୬ଉଇକେଟ ବିନିମୟରେ ୧୪୬ରନ ସଂଗ୍ରହ କରି ବିଜୟୀ ହୋଇଥିଲା। ସ୍ୱାଧୀନ ପଟ୍ଟନାୟକ, ଆଦିତ୍ୟ ମହାକୁଡ଼, ଅଶୋକ ବେହେରା, ସୁରଜିତ ମହାନ୍ତି ମ୍ୟାଚ୍ ପରିଚାଳନା କରିଥିଲେ।



ଯୁକ୍ତ ୨ ପରୀକ୍ଷା ବାତିଲ୍ ଦାବିରେ ଶୁକ୍ରବାର ପୁରୀ ବାଲିଘାଇ କଲେଜ ସମ୍ମୁଖରେ ଛାତ୍ରମାନେ ଟାୟାର ଜାଳି ବିକ୍ଷୋଭ କରୁଛନ୍ତି ।



ଏସ୍‌ଏଫ୍‌ଆଇ ଏବଂ ପ୍ରଗତିଶୀଳ ଛାତ୍ର ଫୋରମ୍ ପକ୍ଷରୁ ଶିକ୍ଷା ବଞ୍ଚାଅ- ଦେଶ ବଞ୍ଚାଅ ଦାବିରେ ଶୁକ୍ରବାର ପୁରୀ ସରକାରୀ ବିଦ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି ।



ଚାରିଛକ ସରକାରୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରସ୍ଥ ଜନ୍ମମୃତ୍ୟୁ ପଞ୍ଜୀକରଣ କାର୍ଯ୍ୟାଳୟରେ ଅବ୍ୟବସ୍ଥା ପ୍ରତିବାଦରେ ଶୁକ୍ରବାର ଅଞ୍ଚଳବାସୀଙ୍କ ଧାରଣା ।

## ଆଜି କ'ଣ କେଉଁଠି

**ଭୁବନେଶ୍ୱର**

- ଗାନ୍ଧୀବାଦୀ ସଙ୍ଗଠନ ପକ୍ଷରୁ ପ୍ରତିବାଦ ସଭା, ମାଷ୍ଟରକ୍ୟାଣ୍ଟିନ ଛକ, ଅପରାହ୍ନ ୪ଟା।
- ସ୍ତମ୍ଭକାର ପଦ୍ମଚରଣ ନାୟକ ଅଭିନନ୍ଦନ ସମିତି ପକ୍ଷରୁ ସ୍ତମ୍ଭକାର ପଦ୍ମଚରଣ ନାୟକଙ୍କ ଜୟନ୍ତୀ ପାଳନ, ଲୋହିଆ ଏକାଡେମୀ, ଅପରାହ୍ନ ୪ଟା ୩୦।
- ଭୁବନେଶ୍ୱର ସାହିତ୍ୟ ସମାଜ ଟ୍ରଷ୍ଟର ସାହିତ୍ୟ ମାସିକୀ କାର୍ଯ୍ୟକ୍ରମ, ସୂଚନା ଭବନ, ଅପରାହ୍ନ ୫ଟା ୩୦।

**କଟକ**

- ଇଣ୍ଟରନ୍ୟାଶନାଲ କ୍ଲବ ପକ୍ଷରୁ ପଥଚାରୀଙ୍କ ପାଇଁ ପଥପ୍ରାନ୍ତେ ଦୈନିକ ଖବରକାଗଜ, ମଙ୍ଗଳାବାଗ ମେଡିକାଲ ରୋଡ, ସକାଳ ୧୦ଟା।
- ଏସୟୁସିଆଇ ପକ୍ଷରୁ ପୋଲିସ ମହାନିର୍ଦ୍ଦେଶକଙ୍କୁ ସ୍ମାରକପତ୍ର ପ୍ରଦାନ, ପୋଲିସ ମୁଖ୍ୟାଳୟ, ପୂର୍ବାହ୍ନ ୧୧ଟା।
- କଟକ ଲେଖକ ସହଯୋଗ ସମିତି ଆନୁକୂଲ୍ୟରେ ପୁସ୍ତକ ଲୋକାର୍ପଣ ଉତ୍ସବ, ଶ୍ରୀରାମଚନ୍ଦ୍ର ଭବନ, ସନ୍ଧ୍ୟା ୬ଟା ୩୦।

# ବରଯାତ୍ରୀ ବେଶରେ ଆସି ୨ ଲକ୍ଷ ଟଙ୍କାର ଗହଣା ଚୋରି

**ଭୁବନେଶ୍ୱର,୨୮।୧(ବ୍ୟୁରୋ)**

ରାଜଧାନୀରେ ଲୁଟେରା ଓ ଚୋରଙ୍କ ଉତ୍ପାତ ବଢ଼ି ଚାଲିଥିବାବେଳେ ନୂଆ ନୂଆ ପନ୍ଥା ଆପଣାଇ ପୋଲିସକୁ ଖୋଲା ଚ୍ୟାଲେଞ୍ଜ କରୁଛନ୍ତି। କେତେବେଳେ ଗ୍ରାହକ ବେଶରେ ତ ଆଉ କେତେ ବେଳେ ଅତିଥି ବେଶରେ ଆସି ଲୁଟ୍‌ପାଟ କରୁଛନ୍ତି। ୨ଜଣ ଚୋର ବରଯାତ୍ରୀ ବେଶରେ ଆସି ଶହୀଦନଗର ଥାନା ଅନ୍ତର୍ଗତ କେସୁରା ଅଞ୍ଚଳରେ ଥିବା ଏକ ବିବାହ ମଣ୍ଡପରୁ ୨ ଲକ୍ଷ ଟଙ୍କାର ଗହଣାଭର୍ତ୍ତି ବ୍ୟାଗ୍ ନେଇଯାଇଛନ୍ତି। ରବିବାର ଏହି ଘଟଣା ଘଟିଥିବାବେଳେ ସୋମବାର ବିଶ୍ୱଜିତ ମହାରଣା ନାମକ ଜଣେ ବ୍ୟକ୍ତି ଥାନାରେ ଅଭିଯୋଗ କରିବା ପରେ ପୋଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ସିସିଟିଭି ଫୁଟେଜରେ ଚୋରିର ଦୃଶ୍ୟ ରହିଥିବାବେଳେ ଲୁଟେରାଙ୍କୁ ଚିହ୍ନଟ କରିବାକୁ ପୋଲିସ ଚେଷ୍ଟା ଚଳାଇଛି।

## ସିସିଟିଭିରେ ଚୋରିର ଦୃଶ୍ୟ

ଜଣେ ଯୁବକ ଅନ୍ୟଜଣେ ନାବାଳକଙ୍କୁ ସାଙ୍ଗରେ ଧରି ଗହଣା ବ୍ୟାଗ ଚୋରି କରି ନେଉଥିବା ସିସିଟିଭି ଫୁଟେଜରୁ ଜଣାପଡୁଛି। ଅଭିଯୋଗ ଆଧାରରେ ଏତଲା ହୋଇଥିଲେ ମଧ୍ୟ ପୋଲିସ ଲୁଟେରାଦ୍ୱୟଙ୍କୁ ଧରିବାରେ ସଫଳ ହୋଇପାରିନାହିଁ। ତେବେ ବିଶ୍ୱଜିତ ବାରମ୍ବାର ଥାନାକୁ ଆସି ନିରାଶ ହେବାରୁ ପୋଲିସର ତଦନ୍ତ ଉପରେ ପ୍ରଶ୍ନ ଉଠାଇଛନ୍ତି। ଏପରିସ୍ଥଳେ ଶୁକ୍ରବାର ଚୋରି ବେଳର ଭିଡିଓ ପଦାକୁ ଆସିବା ପରେ ଏହି ଘଟଣାକୁ ନେଇ ରାଜଧାନୀରେ ଚର୍ଚ୍ଚା ଜୋର୍ ଧରିଛି।

ସୂଚନା ଅନୁଯାୟୀ, ଭଉଣୀ ବାହାଘର ପାଇଁ ବିଶ୍ୱଜିତ୍ କେସୁରାସ୍ଥିତ ପଲ୍ଲବୀ ମଣ୍ଡପକୁ ଗତ ରବିବାର ପାଇଁ ବୁକ୍ କରିଥିଲେ। ସନ୍ଧ୍ୟାରେ ସେଠାରେ ବିବାହ ଚାଲିଥିବାବେଳେ ଅତିଥିଙ୍କ ଗହଳି ହୋଇଥିଲା। ଭିଡର ସୁଯୋଗ ନେଇ ଜଣେ ଯୁବକ ଅନ୍ୟଜଣେ ନାବାଳକଙ୍କୁ ସାଙ୍ଗରେ ଧରି ଚୋରି କରିବା ପାଇଁ ମଣ୍ଡପକୁ ବରଯାତ୍ରୀ ବେଶରେ ଆସିଥିଲେ। କେଉଁ ଅତିଥିମାନେ କିଭଳି ଗିଫ୍ଟ ଆଣିଛନ୍ତି ତାହା ମଧ୍ୟ ଲୁଟେରାଦ୍ୱୟ ସେଠାରେ ରହି ନଜର ରଖିଥିଲେ। ନାବାଳକ ଜଣକ ଗିଫ୍ଟ ରହୁଥିବା ସ୍ଥାନ ନିକଟରେ ରହିବା ସହ ଘର ବାହାରେ ଥିବା ମୁଖ୍ୟ ଅଭିଯୁକ୍ତଙ୍କୁ ସୂଚନା ଦେଉଥିଲେ। ସୁଯୋଗ ମିଳିବା ପରେ ନାବାଳକ ଜଣକ ବିଶ୍ୱଜିତଙ୍କ ପରିବାର ଲୋକେ ରଖିଥିବା ଏକ ଗହଣା ଭର୍ତ୍ତି ବ୍ୟାଗ୍‌କୁ ନେଇ ଯୁବକଙ୍କ ସହ ଚମ୍ପଟ ମାରୁଥିବା ସିସିଟିଭି ଫୁଟେଜରେ ଦେଖିବାକୁ ମିଳୁଛି।


ଗିଫ୍ଟ ରହୁଥିବା ଘର ନିକଟରେ ମୁଖ୍ୟ ଅଭିଯୁକ୍ତ ଜଗି ରହିଛନ୍ତି। ନାବାଳକ ଜଣକ ଅଳଙ୍କାର ଭର୍ତ୍ତି ବ୍ୟାଗ୍ ଧରି ଆସିବା ପରେ ଉଭୟ ଚମ୍ପଟ ମାରୁଛନ୍ତି।

## ସରକାରୀ ଜାଗାରୁ ମାଟି ଚାଲାଣ, ୨ ଗିରଫ

**ବାଲିଅନ୍ତା,୨୮।୧(ଡି.ଏନ୍.ଏ.)**

ବାଲିଅନ୍ତା ବ୍ଲକ ଅଧୀନ ପାରି ବାସୁଦେଇପୁର ଗ୍ରାମ ନିକଟସ୍ଥ ଏକ ସରକାରୀ ଜାଗାରୁ ବେଆଇନ ମାଟି ଉଠାଇ ବଜାରକୁ ଚୋରା ଚାଲାଣ କରିବା ଅଭିଯୋଗରେ ପୋଲିସ ୨ଜଣଙ୍କୁ ଗିରଫ କରି ଶୁକ୍ରବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଅନୁଗୋଳ ଜିଲା ପାଲଲହଡ଼ା ଅଞ୍ଚଳର ଡ୍ରାଇଭର ଭରତ ଚନ୍ଦ୍ର ବେହେରା ଓ ବାଲିଅନ୍ତା ଥାନା ଅଞ୍ଚଳର ଗୌତମ ଲେଙ୍କା। ଏ ନେଇ ପୋଲିସ ଏକ ମାମଲା(ନଂ.୨୦/୨୨) ରୁଜୁ କରି ତଦନ୍ତ ଚଳାଇଛି। ସୂଚନା ଅନୁଯାୟୀ, ବାଲିଅନ୍ତା ଥାନା ଅଧୀନ ପାରିବାସୁଦେଇପୁର ଗ୍ରାମର ଏକ ସରକାରୀ ଜାଗାରେ ଦୀର୍ଘଦିନ ହେବ ବେଆଇନ ଭାବେ ମାଟି ଚାଲାଣ ହେଉଥିବା ଅଭିଯୋଗ ହୋଇଆସୁଥିଲା। ଫଳରେ ରବିବାର ରାତିରେ ପୋଲିସ ଓ ତହସିଲ ବିଭାଗ ପକ୍ଷରୁ ମିଳିତ ଚଢ଼ାଉ କରାଯାଇଥିଲା। ଚଢ଼ାଉରେ ଗୋଟିଏ ଜେସିବି ଓ ୨ଟି ହାଇୱା ଗାଡ଼ିକୁ ଜବତ କରିବା ସହ ୨ଜଣଙ୍କୁ ଗିରଫ କରାଯାଇଥିଲା।

## 'ମତଗତ ଭିନ୍ନତା ସତ୍ତ୍ୱେ ବ୍ୟକ୍ତିଙ୍କୁ ଭଲପାଇ ହେବ'

**ଭୁବନେଶ୍ୱର,୨୮।୧(ବ୍ୟୁରୋ):** ଓଡ଼ିଶା ରାଜ୍ୟ ଅଭିଲେଖାଗାରରେ ୫୯ତମ ସଂସ୍କୃତି ଚର୍ଚ୍ଚା ସମ୍ମାନ ମହୋତ୍ସବ ଭର୍ଚୁଆଲରେ ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବରେ ଆଲୋଚକ ଭାବେ କବି ତଥା ସମ୍ପାଦକ ଡ. ସଂଗ୍ରାମ ଜେନା ଯୋଗଦେଇ 'ଅନ୍ତରଙ୍ଗ ଅନୁଭୂତିରେ ଗାନ୍ଧୀ'ଙ୍କ ବିଷୟରେ ବର୍ଣ୍ଣନା କରି ନୀତି, ଆଦର୍ଶ ଓ ବିଚାର ଏସବୁ ଦେଇଁ ଗାନ୍ଧିଜୀ ବ୍ୟକ୍ତିର ହୃଦୟକୁ ଛୁଇଁ ପାରିଥିଲେ। ସେ ଲେଖିଥିବା ଅସଂଖ୍ୟ ଚିଠି ଏସବୁର ପ୍ରମାଣ ବୋଲି କହିଥିଲେ। ଆହୁରି ସେ କହିଥିଲେ, ଗାନ୍ଧିଜୀଙ୍କ ସହିତ ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବେ ଜଡ଼ିତ ଥିବା ବ୍ୟକ୍ତିମାନେ ଗାନ୍ଧିଜୀଙ୍କ ସମ୍ପର୍କରେ ସେମାନଙ୍କ ଆତ୍ମଜୀବନୀରେ ଲେଖୁଛନ୍ତି। ମତଗତ ଭିନ୍ନତା, ଆଦର୍ଶ ଓ ପ୍ରଥାର ବିଭିନ୍ନତା ସତ୍ତ୍ୱେ ବ୍ୟକ୍ତିକୁ ଭଲପାଇ ହେବ ବୋଲି ଗାନ୍ଧିଜୀ ନିଜ ଜୀବନରେ ପରୀକ୍ଷା କରି ଦେଖାଇ ଦେଇଛନ୍ତି। ୩୦ରେ ଆଜାଦୀ କା ଅମୃତ ମହୋତ୍ସବ ତଥା ମହାତ୍ମା ଗାନ୍ଧୀଙ୍କ ମହାପ୍ରୟାଣ ଦିବସ ରାଜ୍ୟ ଅଭିଲେଖାଗାର ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହେବ। ଏହି ଉତ୍ସବରେ ଗବେଷକ ଡ. ନିବେଦିତା ମହାନ୍ତି ଏବଂ ଖବରଦାତା ପ୍ରଦୋଷ ପଟ୍ଟନାୟକ ଯଥାକ୍ରମେ 'ଭାରତ ସ୍ୱାଧୀନତା ସଂଗ୍ରାମ ଏବଂ ଓଡ଼ିଶା' ଏବଂ 'ବିଶ୍ୱ ଦୃଷ୍ଟିରେ ଜାତିର ପିତା ମହାତ୍ମା ଗାନ୍ଧୀ' ବିଷୟ ଉପରେ ବକ୍ତବ୍ୟ ରଖିବେ। ଏହି ଅବସରରେ ଡ. ସଂଗ୍ରାମ ଜେନାଙ୍କ ଦ୍ୱାରା ଆଲୋଚ୍ୟ ସଂସ୍କୃତି ଚର୍ଚ୍ଚାର ବିଷୟ 'ଅନ୍ତରଙ୍ଗ ଅନୁଭୂତିରେ ଗାନ୍ଧୀ' ଅଭିଲେଖାଗାରର ୟୁ୍ୟଟ୍ୟୁବ ଚ୍ୟାନେଲରେ ଲୋକାର୍ପଣ କରାଯିବ। ସ୍ୱାଗତ ଭାଷଣ ଓଡ଼ିଶା ରାଜ୍ୟ ଅଭିଲେଖାଗାରର ଅଧୀକ୍ଷକ ଡ. ଶେଖ ସୋଲେମାନ ଅଲ୍ଲୀ ଦେଇଥିବା ବେଳେ ଉପେନ୍ଦ୍ର ବେହେରା ଧନ୍ୟବାଦ ଦେଇଥିଲେ।


ଭୁବନେଶ୍ୱର ଜୟଦେବ ବିହାରସ୍ଥିତ ସୁଦର୍ଶନ ଆର୍ଟ ଆଣ୍ଡ କ୍ରାଫ୍ଟ ଭିଲେଜ୍‌ରେ ଦୁଇଜଣ ଶିଳ୍ପୀ ମୁଗୁନି ପଥରରେ ଏକ ବୃଷଭ ତିଆରି କରୁଛନ୍ତି।

## ଇଟାଭାଟି ଶ୍ରମିକଙ୍କ ପିଲାଙ୍କ ସୁରକ୍ଷା ନେଇ ତଦାରଖ

**ବାଲିଅନ୍ତା,୨୮।୧(ଡି.ଏନ୍.ଏ.)**

ଖୋର୍ଦ୍ଧା ଜିଲାର ଶିଶୁ ସୁରକ୍ଷା ନେଇ ତଦାରଖ କମିଟିର ଏକ ୬ଜଣିଆ ଟିମ୍ ଶୁକ୍ରବାର ବାଲିଅନ୍ତା ବ୍ଲକ ଅଞ୍ଚଳରେ ଥିବା ୪ଟି ଇଟାଭାଟିକୁ ଗସ୍ତ କରିଥିଲା। ଉକ୍ତ ଇଟାଭାଟିଗୁଡ଼ିକରେ କାର୍ଯ୍ୟ କରୁଥିବା ଶ୍ରମିକଙ୍କ ପିଲାମାନଙ୍କ ଶିକ୍ଷା ଓ ସ୍ୱାସ୍ଥ୍ୟକୁ ନେଇ ଟିମ୍ ପକ୍ଷରୁ ସମୀକ୍ଷା କରାଯାଇଥିଲା। ଇଟାଭାଟିରେ ରହୁଥିବା ଶିଶୁମାନଙ୍କ ସୁରକ୍ଷାକୁ ସୁନିଶ୍ଚିତ କରିବାକୁ ଯାଇ ମାଲିକମାନଙ୍କ ସହ ଟିମ୍ ଆଲୋଚନା କରିଥିଲେ। ଶ୍ରମିକମାନେ ପିଲାମାନଙ୍କୁ ଉପଯୁକ୍ତ ସ୍ୱାସ୍ଥ୍ୟ ଓ ଶିକ୍ଷା ପ୍ରଦାନ କରିବା ଦିଗରେ ଇଟାଭାଟିର ମାଲିକଙ୍କ ଭୂମିକା ଉପରେ ସଚେତନ କରାଯାଇଥିଲା। ଭୁବନପୁର ଗ୍ରାମରେ ଥିବା ୨ଟି ଇଟାଭାଟିରେ ଥିବା ପିଲାମାନଙ୍କ ପାଠପଢ଼ା ପ୍ରତି ମାଲିକମାନେ ଯତ୍ନଶୀଳ ଥିବା କମିଟିର କର୍ମକର୍ତ୍ତା ତଦାରଖ ସମୟରେ ଜାଣିବାକୁ ପାଇଥିଲେ। ଇଟାଭାଟି ପାଖରେ ଥିବା ସରକାରୀ ବିଦ୍ୟାଳୟରେ ମଧ୍ୟ ଶ୍ରମିକଙ୍କ ପିଲାମାନଙ୍କ ପାଠପଢ଼ା ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଥିବା କମିଟିର ସଭ୍ୟମାନେ ସମୀକ୍ଷା ସମୟରେ ଅବଗତ ହୋଇଥିଲେ। ଜିଲା ଶିଶୁ ସୁରକ୍ଷା ୟୁନିଟର ସାମାଜିକ ଅଧିକାରୀ ରଞ୍ଜନ କୁମାର ଗୋଚ୍ଛାୟତ, ବାଲିଅନ୍ତା ବ୍ଲକ ଶିକ୍ଷାଧିକାରୀ ହିମାଂଶୁ ଭୂଷଣ ଓଝା, ଜିଲା ଶିକ୍ଷା ଯୋଗାଣ ଅଧିକାରୀ ଦେବବ୍ରତ ବାରିକ, ଅଶୋକ କୁମାର ଦାସ ଓ ଚାଇଲ୍ଡ ଲାଇନର ସଭ୍ୟମାନେ ଏହି ଟିମ୍‌ରେ ସାମିଲ ଥିଲେ।

## ଅଭିଯୁକ୍ତଙ୍କ ତଥ୍ୟ ଦେଇ ନ ଥିଲେ ହୋଟେଲ କର୍ତ୍ତୃପକ୍ଷ

**ଭୁବନେଶ୍ୱର,୨୮।୧(ବ୍ୟୁରୋ)**

**ପଶ୍ଚିମବଙ୍ଗର ଲୁଟେରା ଗ୍ୟାଙ୍ଗ୍ ଗିରଫ ଘଟଣା**

- ସରାଇ ଆକ୍ଟର ଅବମାନନା କରିଥିଲେ ହୋଟେଲ କର୍ମଚାରୀ
- ଦୁଇ ହୋଟେଲର ମ୍ୟାନେଜରଙ୍କୁ ନୋଟିସ ଦେଇ ଛାଡ଼ିଲା ପୋଲିସ

ରାଜଧାନୀରେ ଅଭିନବ ଉପାୟରେ ବିଭିନ୍ନ ଔଷଧ ଦୋକାନରୁ ଚୋରି କରି ଖସି ପଳାଉଥିବାବେଳେ ପଶ୍ଚିମବଙ୍ଗ ଲୁଟେରା ଗ୍ୟାଙ୍ଗ୍‌ର ୪ ଜଣଙ୍କୁ କମିଶନରେଟ ପୋଲିସ ଗିରଫ କରିଥିଲା। ତେବେ ଏହି ମାମଲାରେ ପୋଲିସ ତଦନ୍ତ ଜାରି ରଖିଥିବାବେଳେ ଅଭିଯୁକ୍ତମାନେ ରହିଥିବା ରାଜଧାନୀର ୨ଟି ହୋଟେଲ କର୍ତ୍ତୃପକ୍ଷ ସରାଇ ଆକ୍ଟର ଅବମାନନା କରିଥିବା ଜଣାପଡିଛି। ଏହି ଆକ୍ଟ ଅନୁଯାୟୀ ହୋଟେଲରେ ରହୁଥିବା ସମସ୍ତ ଅତିଥିଙ୍କ ବିବରଣୀ ଦେବା ପାଇଁ ମାଲିକମାନେ ବାଧ୍ୟ ଅଟନ୍ତି। ହେଲେ ଅଭିଯୁକ୍ତମାନେ ଖାରବେଳନଗର ଓ ଅଶୋକ ନଗରରେ ଥିବା ଦୁଇଟି ହୋଟେଲରେ ଭୁଲ୍ ତଥ୍ୟ ଦେଇ ରହିଥିଲେ ମଧ୍ୟ ମ୍ୟାନେଜର ଓ କର୍ମଚାରୀମାନେ ଯାଞ୍ଚ କରି ନ ଥିଲେ। ଏଥିସହ ଅଭିଯୁକ୍ତଙ୍କ ରହଣି ନେଇ ସରାଇ ଆପ୍ ଜରିଆରେ ପୋଲିସକୁ ମଧ୍ୟ ଜଣାଇ ନ ଥିଲେ। ତେଣୁ ଉକ୍ତ ଦୁଇ ହୋଟେଲର ୨ ମ୍ୟାନେଜରଙ୍କୁ ନୟାପଲ୍ଲୀ ଥାନା ପୋଲିସ ଗୁରୁବାର ଅଟକ ରଖି ଅଧିକ ପଚରାଉଚରା କରିଥିଲା। ପରବର୍ତ୍ତୀ ସମୟରେ ସେମାନଙ୍କୁ ନୋଟିସ ଦେଇ ଛଡ଼ାଯାଇଥିବା ଡିସିପି ଉମାଶଙ୍କର ଦାସ କହିଛନ୍ତି। ଦୁଇଟି ହୋଟେଲର କାଗଜପତ୍ର ଓ ଲାଇସେନ୍ସ ଆଦି ଯାଞ୍ଚ କରାଯାଉଛି। ପୁନର୍ବାର ଉକ୍ତ ହୋଟେଲଦ୍ୱୟ ସରାଇ ଆକ୍ଟର ଅବମାନନା କଲେ ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଡିସିପି କହିଛନ୍ତି।

# ତ୍ରିକୋଣୀୟ ପ୍ରେମକୁ ନେଇ ଛାତ୍ରଙ୍କୁ ଛୁରାମାଡ଼

**ଭୁବନେଶ୍ୱର,୨୮।୧(ବ୍ୟୁରୋ)**

ତ୍ରିକୋଣୀୟ ପ୍ରେମକୁ ନେଇ ରାଜଧାନୀରେ ଜଣେ ଛାତ୍ରୀଙ୍କୁ ଆକ୍ରମଣ ହେବା ସହ ଛାତ୍ରଙ୍କୁ ଛୁରାମାଡ଼ ହୋଇଛି। ପ୍ରଥମ ପ୍ରେମିକଙ୍କ ଛୁରାମାଡ଼ରେ ଦ୍ୱିତୀୟ ପ୍ରେମିକ ଆହତ ହୋଇଛନ୍ତି। ଚନ୍ଦ୍ରଶେଖରପୁର ଥାନା ଶୈଳଶ୍ରୀବିହାର ଅଞ୍ଚଳରେ ଶୁକ୍ରବାର ଏହି ଘଟଣା ଘଟିଛି। ଆହତ ଛାତ୍ରଙ୍କୁ ସ୍ଥାନୀୟ ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ପୋଲିସ ଛୁରା ମାଡ଼ କରିଥିବା ଅନ୍ୟଜଣେ ଛାତ୍ରଙ୍କୁ ଅଟକ ରଖି ପଚରାଉଚରା କରୁଛି। ତେବେ ରିପୋର୍ଟ ଲେଖାହେବା ପର୍ଯ୍ୟନ୍ତ ଏନେଇ ଥାନାରେ ମାମଲା ରୁଜୁ ହୋଇ ନ ଥିବାବେଳେ ଦୁଇପକ୍ଷ ଆପୋସ ସାମାଧାନ ପାଇଁ ଚେଷ୍ଟା କରୁଥିବା ସୂଚନା ମିଳିଛି। ସୂଚନା ଅନୁଯାୟୀ, ପୁରୀ ଜିଲାର ଜଣେ ଯୁବତୀ ଏକ ଘରୋଇ ଇଞ୍ଜିନିୟରିଂ କଲେଜରେ ବି.ଟେକ୍ ପଢୁଛନ୍ତି। ସେହି କଲେଜରେ ପଢୁଥିବା ଜଗତ୍‌ସିଂପୁର ଜିଲାର ଜଣେ ଛାତ୍ର ଦୁଇବର୍ଷ ହେବ ତାଙ୍କୁ ପ୍ରେମ କରୁଥିଲେ। ଅନ୍ୟଏକ ଇଞ୍ଜିନିୟରିଂ କଲେଜରେ ପଢୁଥିବା ପୁରୀ ଜିଲାର ଜଣେ ଛାତ୍ର ସମ୍ପୃକ୍ତ ଯୁବତୀଙ୍କୁ ମଧ୍ୟ ଭଲପାଇ ବସିଥିଲେ। ଶୁକ୍ରବାର ଶୈଳଶ୍ରୀବିହାର ଛକ ରାସ୍ତାରେ ଦ୍ୱିତୀୟ ପ୍ରେମିକ ଉକ୍ତ ଯୁବତୀଙ୍କ ସହ ବୁଲାବୁଲି କରୁଥିଲେ। ଏନେଇ ପ୍ରଥମ ପ୍ରେମିକ ଖବରପାଇ ତାଙ୍କ ସାଙ୍ଗ ସହ ସେଠାକୁ ଆସି ଯୁବତୀଙ୍କୁ ମାଡ଼ ମାରିଥିଲେ। ଘଟଣାକୁ ନେଇ ସେମାନଙ୍କ ମଧ୍ୟରେ ଝଗଡ଼ା ହୋଇଥିଲା। ଯୁବତୀଙ୍କ ସହ ବୁଲିଥିବା ଦ୍ୱିତୀୟ ପ୍ରେମିକ ପ୍ରତିବାଦ କରିବାରୁ ସେମାନଙ୍କ ମଧ୍ୟରେ ବଚସା ସହ ଗଣ୍ଡଗୋଳ ହୋଇଥିଲା। ସ୍ଥାନୀୟ ଲୋକେ ପୋଲିସକୁ ଜଣାଇଥିଲେ।

## ମାର୍ଥା କପ୍ କ୍ରିକେଟ: ସତ୍ୟପୀର ସ୍ପୋର୍ଟିଂ ଫାଇନାଲରେ

**ବେଗୁନିଆ,୨୮।୧(ଡି.ଏନ୍.ଏ.)**

ବେଗୁନିଆ ବ୍ଲକ ବୋତଲମା ପଞ୍ଚାୟତ ଅନ୍ତର୍ଗତ ଅଠରାଙ୍ଗ ଗ୍ରାମସ୍ଥିତ ଦୁଃଖିଶ୍ୟାମ ମହାପାତ୍ର ଖେଳପଡିଆରେ ଚାଲିଥିବା ଦ୍ୱିତୀୟ ମାର୍ଥା କପ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଶୁକ୍ରବାର ୨ୟ ସେମିଫାଇନାଲ ମ୍ୟାଚ୍‌ରେ କାଇପଦରର ସତ୍ୟପୀର ସ୍ପୋର୍ଟିଂ କ୍ଲବ ବିଜୟୀ ହେବା ସହ ଫାଇନାଲରେ ପ୍ରବେଶ କରିଛି। ଟସ୍ ଜିତି ପାନବରଜର ଫ୍ରେଣ୍ଡ୍ସ କ୍ରିକେଟ କ୍ଲବ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ସମସ୍ତ ଉଇକେଟ ବିନିମୟରେ ୧୬୪ରନ୍ ସଂଗ୍ରହ କରିଥିଲା। ଜବାବରେ ସତ୍ୟପୀର ସ୍ପୋର୍ଟିଂ ୧୪ ଓଭରରେ ଆବଶ୍ୟକ ୧୬୫ ରନ୍ ସଂଗ୍ରହ କରି ବିଜୟୀ ହୋଇଥିଲା। ଏମ୍‌ଡି ତାବ୍ରିଜ୍ ୫୩ରନ, ସୁଶାନ୍ତ ୬୪ରନ ସଂଗ୍ରହ କରିଥିଲେ। ବିଜୟୀ ଟିମ୍‌ର ସୁନେନ୍ଦ୍ର ୪ଟି ଉଇକେଟ ହାସଲ କରିଥିବାରୁ ସେ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିଲେ। ସମର ସିଂ ଯାଦବ ମ୍ୟାଚ୍ ରେଫରି, ମାନସ ବେହେରା ଓ ଜୟନ୍ତ ମାର୍ଥା ମ୍ୟାଚ୍ ପରିଚାଳନା କରିଥିଲେ।

## ଚାଇଲ୍ଡ ଆଣ୍ଡ ୱିମେନ୍ ଡେଭଲପ୍‌ମେଣ୍ଟ: ସୋସାଇଟି ଲୋଗୋ ଉନ୍ମୋଚିତ

**ଭୁବନେଶ୍ୱର, ୨୮।୧ (ବ୍ୟୁରୋ):** ଚାଇଲ୍ଡ ଆଣ୍ଡ ୱିମେନ୍ ଡେଭଲପ୍‌ମେଣ୍ଟ ସୋସାଇଟିର ନୂତନ ଲୋଗୋକୁ ଶୁକ୍ରବାର ରାଜଭବନଠାରେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ଉନ୍ମୋଚନ କରି କହିଥିଲେ, ଲୋକସେବା ହେଉଛି ଈଶ୍ୱରଙ୍କ ଶ୍ରେଷ୍ଠ ଅର୍ଚ୍ଚନା। ପ୍ରତ୍ୟେକ ମଣିଷ ଈଶ୍ୱରଙ୍କ ଅଂଶ ବିଶେଷ ଏବଂ ଏହି ଚେତନାର ବ୍ୟାପକ ପ୍ରସାର ହେବା ଦରକାର। ନିଜକୁ ଅନ୍ୟ ଭିତରେ ଅନୁଭବ କରିବା ହିଁ ଆଧ୍ୟାତ୍ମିକତା। ଅନ୍ୟର ସେବାରେ ଯେଉଁ ଆନନ୍ଦ ମିଳେ ତା'ର ବିକଳ୍ପ ନାହିଁ। ଜନତାର ସେବା ହିଁ ଜଗନ୍ନାଥଙ୍କ ସେବା ବୋଲି ରାଜ୍ୟପାଳ କହିଛନ୍ତି। ଏଥିସହ 'ଦେବଦତ୍ତ'କୁ ଲୋକାର୍ପଣ କରଥିଲେ। ପ୍ରଫେସର କଳ୍ପନା ଦାସ କାର୍ଯ୍ୟକ୍ରମ ସମ୍ପର୍କରେ କହିଥିଲେ।

# ଭୋଟ୍ ପାଇଁ ଗାଁ ବୁଲିଲେଣି ପ୍ରାର୍ଥୀ

**ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ**

**ଖୋର୍ଦ୍ଧା ଅଫିସ,୨୮।୧**

ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ପାଇଁ ପ୍ରଚାର ଆରମ୍ଭ ହୋଇଛି। ୱାର୍ଡମେମ୍ବର, ସରପଞ୍ଚ, ସମିତିସଭ୍ୟଙ୍କ ସମେତ ଜିଲା ପରିଷଦ ପ୍ରାର୍ଥୀମାନେ ପ୍ରଚାର ମଇଦାନକୁ ଓହ୍ଲାଇଛନ୍ତି। କୋଭିଡ୍ କଟକଣା ମଧ୍ୟରେ ୫ଟି ପର୍ଯ୍ୟାୟରେ ନିର୍ବାଚନ ଅନୁଷ୍ଠିତ ହେବ। କୋଭିଡ୍ ଗାଇଡ୍‌ଲାଇନ ଅନୁସାରେ ସମସ୍ତ ଦଳ ପ୍ରଚାର କରିବେ। ଏନେଇ ଖୋର୍ଦ୍ଧା ଜିଲା ପାଇଁ ନିଯୁକ୍ତ ନିର୍ବାଚନ ପର୍ଯ୍ୟବେକ୍ଷକ ରାଜନୈତିକ ଦଳଙ୍କ ସହ ଆଲୋଚନା କରିଛନ୍ତି। ପ୍ରଚାର ବେଳେ ପ୍ରାର୍ଥୀଙ୍କ ସମେତ ୫ଜଣ ସାମିଲ ହୋଇପାରିବେ। ମାସ୍କ ପରିଧାନ ଏବଂ ସାମାଜିକ ଦୂରତ୍ୱକୁ ଗୁରୁତ୍ୱ ଦିଆଯାଇଛି। ଏହାକୁ ଦୃଷ୍ଟିରେ ରଖି ପ୍ରାର୍ଥୀମାନେ ପ୍ରଚାର ଜାରି ରଖିଛନ୍ତି। ଜିଲା ପରିଷଦ ପ୍ରାର୍ଥୀ ଦଳୀୟ ଟିକେଟରେ ଲଢୁଥିବା ବେଳେ ସରପଞ୍ଚ, ସମିତିସଭ୍ୟ ପ୍ରାର୍ଥୀମାନେ ପରୋକ୍ଷରେ ଦଳୀୟ ସମର୍ଥନରେ ନିର୍ବାଚନ ଲଢୁଛନ୍ତି। ପ୍ରାର୍ଥୀମାନେ ଗାଁ ଗାଁ ବୁଲି ଭୋଟ୍ ଭିକ୍ଷା କରୁଛନ୍ତି। ନିର୍ବାଚନ ପାଇଁ ସରଗରମ ରହିଛି ଗାଁ ରାଜନୀତି। ପ୍ରଚାର ମଇଦାନରେ ବିଜେଡି ଆଗରେ ରହିଥିବା ବେଳେ ବିରୋଧୀ ଭାଜପା, କଂଗ୍ରେସ ଏବଂ ଅନ୍ୟାନ୍ୟ ଦଳ ପଛରେ ରହିଛନ୍ତି।

ତିନି ପ୍ରମୁଖ ଦଳ ଭିନ୍ନ ଶୈଳୀରେ ଭୋଟରଙ୍କୁ ମନାଇବା ପାଇଁ ଉଦ୍ୟମ ଜାରି ରଖିଛନ୍ତି। ବିଜେଡି ପ୍ରାର୍ଥୀମାନେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସ୍ୱଚ୍ଛ ଶାସନ ଓ ଜନହିତକର କାର୍ଯ୍ୟକ୍ରମକୁ ପାଥେୟ କରି ଲୋକଙ୍କ ନିକଟତର ହେବାକୁ ଲାଗିଛନ୍ତି। ଅନ୍ୟପଟେ ଭାଜପା ଓ କଂଗ୍ରେସ ରାଜ୍ୟ ସରକାରଙ୍କ ବିଭିନ୍ନ ବିଫଳତାକୁ ନେଇ ପ୍ରଚାର ମଇଦାନକୁ ଓହ୍ଲାଇବାକୁ ଯୋଜନା କରିଛନ୍ତି। ଚଳିତ ନିର୍ବାଚନରେ ସରପଞ୍ଚ ଓ ସମିତି ସଭ୍ୟ ୨ଲକ୍ଷ ଏବଂ ଜିଲା ପରିଷଦ ପ୍ରାର୍ଥୀମାନେ ସର୍ବାଧିକ ୫ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଖର୍ଚ୍ଚ କରିପାରିବେ ବୋଲି ନିର୍ଦ୍ଦେଶନାମା ରହିଛି। ତେବେ ଦଳୀୟ ପାଣ୍ଠି ଆସି ନ ଥିବାରୁ ଅନେକ ଜିଲା ପରିଷଦ ପ୍ରାର୍ଥୀ ପ୍ରଚାର ମଇଦାନକୁ ଓହ୍ଲାଇ ନ ଥିବା ଦେଖିବାକୁ ମିଳିଛି। ଦଳୀୟ ପାଣ୍ଠି ଆସିବା ପରେ ପ୍ରଚାର ଜମିବ ବୋଲି ଅନେକ ପ୍ରାର୍ଥୀ କହିଛନ୍ତି। ଅନ୍ୟପଟେ ଏବେଠୁ ଗାଁରେ ଭୋଜିଭାତର ଆସର ଜମିଲାଣି। ଭୋଟରଙ୍କୁ ମନାଇବା ପାଇଁ ଚାଲିଛି ରଣନୀତି। ଏଥିସହ ଅସନ୍ତୁଷ୍ଟ କର୍ମୀଙ୍କୁ ମନାଇବା ପାଇଁ ସମସ୍ତ ଦଳରେ ବୈଠକ ଚାଲିଛି। ଜିଲାର ୩୦ଟି ଜୋନ୍‌ରେ ୧୨୯ ପ୍ରାର୍ଥୀ ରହିଛନ୍ତି। ୨୦୧୨ ଓ ୨୦୧୭ ମସିହାରୁ ଜିଲା ପରିଷଦ ବିଜେଡି ହାତରେ ରହିଛି। ଚଳିତ ବର୍ଷ ଜିଲା ପରିଷଦ ଅଧ୍ୟକ୍ଷ ପଦବୀ ମହିଳାଙ୍କ ପାଇଁ ସଂରକ୍ଷିତ ରହିଛି। ବିଜେଡି ସମସ୍ତ ଆସନରେ ବିଜୟୀ ହେବ ବୋଲି ଆଶା ରଖିଛି। ବିରୋଧୀ କଂଗ୍ରେସ ଏବଂ ଭାଜପା ମଧ୍ୟରେ ଦଳୀୟ ଅସନ୍ତୁଷ୍ଟ, ଗୋଷ୍ଠୀକନ୍ଦଳ ଯୋଗୁ ପ୍ରାର୍ଥୀଙ୍କ ସହିତ ସେଭଳି କୌଣସି ହେଭିୱେଟ୍ ନେତାଙ୍କୁ ଦେଖିବାକୁ ମିଳୁନାହିଁ। ବିଜେଡିର ସ୍ଥିତି ଭଲ ରହିଥିବା ବେଳେ କଂଗ୍ରେସ, ଭାଜପା ପାଇଁ ମର୍ଯ୍ୟାଦାର ପ୍ରଶ୍ନ ହୋଇଛି।

## ଖଙ୍ଗୁରିଆକୁ ହରାଇ ରମାବିଲ ଚାମ୍ପିୟନ

**ବୋଲଗଡ଼,୨୮।୧(ଡି.ଏନ୍.ଏ.)**

ବୋଲଗଡ଼ ବ୍ଲକ ଖଙ୍ଗୁରିଆ ମିନିଷ୍ଟାଡିୟମରେ ଚାଲିଥିବା ମା' ରାମଚଣ୍ଡୀ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଶୁକ୍ରବାର ଅନୁଷ୍ଠିତ ଫାଇନାଲ ମ୍ୟାଚ୍‌ରେ ଆୟୋଜକ ଖଙ୍ଗୁରିଆ ରାମଚଣ୍ଡୀ କ୍ଲବ୍‌କୁ ହରାଇ ନୟାଗଡ଼ ଜିଲା ରଣପୁର ବ୍ଲକର ରମାବିଲ କ୍ରିକେଟ ଟିମ୍ ବିଜୟୀ ହେବା ସହ ଚାମ୍ପିୟନ ହୋଇଛି। ଟସ୍ ଜିତି ଖଙ୍ଗୁରିଆ ଟିମ୍ ପ୍ରଥମେ ବ୍ୟାଟିଂ କରି ୧୩.୫ ଓଭରରେ ସମସ୍ତ ଉଇକେଟ ବିନିମୟରେ ୭୯ରନ୍ ସଂଗ୍ରହ କରିଥିଲା। ଜବାବରେ ରମାବିଲ ଟିମ୍ ୧୧.୫ ଓଭରରେ ଗୋଟିଏ ଉଇକେଟ ହରାଇ ଆବଶ୍ୟକ ୮୦ରନ୍ କରି ବିଜୟୀ ହୋଇଥିଲା। ଆୟୋଜିତ ପୁରସ୍କାର ବିତରଣ ଉତ୍ସବରେ ସାମାଜିକ କର୍ମୀ ଅଭିଷେକ ସିଂ ସାମନ୍ତ ମୁଖ୍ୟ ଅତିଥିଭାବେ ଯୋଗଦେଇ ଚାମ୍ପିୟନ ଟିମ୍‌କୁ ଟ୍ରଫି ସହ ୧୦ହଜାର ଓ ରନର୍ସଅପ ଟିମ୍‌କୁ ଟ୍ରଫି ସହ ୭ ହଜାର ଟଙ୍କା ପ୍ରଦାନ କରିଥିଲେ। ଅତିଥି ଭାବେ ସମିତିସଭ୍ୟ ପ୍ରଦୀପ ସାହୁ, ପୂର୍ବତନ ସରପଞ୍ଚ ସୁବାସ ସ୍ୱାଇଁ, ସାମାଜିକ କର୍ମୀ ଶୁଭେନ୍ଦୁ ସାହୁ, ବାପୁ ଜଗଦ୍ଦେବ ପ୍ରମୁଖ ଯୋଗଦେଇ ଅନ୍ୟ କୃତୀ ଖେଳାଳିଙ୍କୁ ପୁରସ୍କୃତ କରିଥିଲେ। ରାକେଶ ଜୟସିଂ ଓ ଦିଲ୍ଲୀପ ସ୍ୱାଇଁ ମ୍ୟାଚ୍ ପରିଚାଳନା କରିଥିଲେ। ମୁନା, ଡାକ, ଦିଲ୍ଲୀପ, ପୁପୁ, ବାଇନ, ମେରୁଆ, ହାପି ପ୍ରମୁଖ ଟୁର୍ଣ୍ଣାମେଣ୍ଟରେ ସହଯୋଗ କରିଥିଲେ।


ଚାଇଲ୍ଡ ଆଣ୍ଡ ୱିମେନ୍ ଡେଭଲପ୍‌ମେଣ୍ଟ ସୋସାଇଟିର ନୂତନ ଲୋଗୋକୁ ଶୁକ୍ରବାର ରାଜଭବନଠାରେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ଉନ୍ମୋଚନ କରୁଛନ୍ତି।


ଭୁବନେଶ୍ୱର ୟୁନିଟ୍-୪ ସରକାରୀ ହସ୍ପିଟାଲ୍‌ରେ କୋଭିଡ୍ ପରୀକ୍ଷା ପାଇଁ ଜଣେ ଯୁବତୀଙ୍କ ସ୍ୱାବ୍ ସଂଗ୍ରହ କରାଯାଉଛି।


ଖୋର୍ଦ୍ଧା ଜିଲା ବୋଲଗଡ଼ ବ୍ଲକ ଖଙ୍ଗୁରିଆ ମିନି ଷ୍ଟାଡିୟମରେ ଚାଲିଥିବା ମା' ରାମଚଣ୍ଡୀ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଉଦ୍‌ଯାପନୀ ଉତ୍ସବରେ ଚାମ୍ପିୟନ ନୟାଗଡ଼ର ରମାବିଲ ଦଳର ଖେଳାଳିମାନେ ପୁରସ୍କାର ଗ୍ରହଣ କରୁଛନ୍ତି।

## କଟକଣା ଉଲ୍ଲଂଘନ କରି ଶବଦାହ

ପୁରୀ ଅଫିସ: ପୁରୀ ସ୍ୱର୍ଗଦ୍ୱାରରେ ଶବଦାହ ଉପରୁ କଟକଣା ହଟିବା ପରେ ଶୁକ୍ରବାର ଗହଳି ଦେଖିବାକୁ ମିଳିଛି। ପ୍ରଶାସନ ଓ ସ୍ୱର୍ଗଦ୍ୱାର ସେବା ସମିତି କଟକଣା ପାଳନ କରାଇବାରେ ସମର୍ଥ ହୋଇପାରିନାହାଁନ୍ତି। ମୃତକଙ୍କ ସହ ସର୍ବାଧିକ ୧୦ ଜଣ ବ୍ୟକ୍ତି ସ୍ୱର୍ଗଦ୍ୱାରକୁ ପ୍ରବେଶ କରିବା ନେଇ ନିର୍ଦ୍ଦେଶନାମା ରହିଥିଲେ ମଧ୍ୟ ଏହାର ଉଲ୍ଲଂଘନ ହୋଇଛି। ଲୋକେ ନିଜ ଇଚ୍ଛା ମୁତାବକ ସ୍ୱର୍ଗଦ୍ୱାରରେ ପ୍ରବେଶ କରି ଶବଦାହ କରୁଛନ୍ତି। ଶୁକ୍ରବାର ରାତ୍ର ୧୦ଟା ସୁଦ୍ଧା ୩୨ ଜଣଙ୍କ ଶବଦାହ ହୋଇଥିବାବେଳେ ଏମାନଙ୍କ ମଧ୍ୟରେ ୨୬ ଜଣ ଜିଲା ବାହାରର ବ୍ୟକ୍ତି ଥିଲେ। ଏହି ଅଣକୋଭିଡ୍ ମୃତକମାନଙ୍କର ସମ୍ପୂର୍ଣ୍ଣ କୋଭିଡ୍ କଟକଣା ମଧ୍ୟରେ ଶବଦାହ ହୋଇଛି ବୋଲି ସ୍ୱର୍ଗଦ୍ୱାର ସେବା ସମିତି ପକ୍ଷରୁ କୁହାଯାଇଛି। ଅନ୍ୟପକ୍ଷରେ ସ୍ୱର୍ଗଦ୍ୱାର ସମ୍ମୁଖ ମହୋଦଧିରେ ଅସ୍ଥି ବିସର୍ଜନ କରାଯାଉଥିବା ଦେଖିବାକୁ ମିଳିଛି।

## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୨୮।୧।୨୦୨୨

| ୩୧୩୮ ଟଙ୍କା | |
|---|---|
| ସୁନା | ମିଳିନାହିଁ |
| ରୁପା | ମିଳିନାହିଁ |

## ସଂକ୍ଷେପରେ

### ଧାନ କଟ୍‌ନିଛଟ୍‌ନିକୁ ନେଇ ଚାଷୀ ଅସନ୍ତୋଷ

କଣାସ,୨୮।୧(ସ୍ୱ.ପ୍ର.)- କଣାସ ବ୍ଲକରେ ଧାନମଣ୍ଡି ଖୋଲାଯାଇ ଚାଷୀଙ୍କଠାରୁ ଧାନ କ୍ରୟ କରାଯାଉଛି। ହେଲେ ଏବେ କେତେକ ମିଲର ମଣ୍ଡିଗୁଡ଼ିକରେ ଚାଷୀଙ୍କଠାରୁ ଧାନ କିଣିବା ବେଳେ କୁଇଣ୍ଟାଲ ପିଛା ୧୦କେଜି ଧାନ କାଟୁଥିବା ଅଭିଯୋଗ ହୋଇଛି। ଏହାକୁ ନେଇ ଚାଷୀମାନେ ବିରୋଧ କରିବା ସହ ସାହୁପଡ଼ା ପଞ୍ଚାୟତର ସାହୁପଡା ସମବାୟ ସମିତିରେ ହୋଇଥିବା ଧାନ ମଣ୍ଡିରେ ଧାନ କାଟକୁ ପ୍ରତିବାଦ କରି ଚନ୍ଦନପୁର ଚାଷୀମାନେ ମିଲର କର୍ମକର୍ତ୍ତା ଓ ଗାଡ଼ିକୁ ଅଟକାଇ ରଖିଥିଲେ। ଖବର ପାଇ ସାକ୍ଷୀଗୋପାଳ ଆର୍‌ଏମ୍‌ସିର କର୍ମଚାରୀ ରବୀନ୍ଦ୍ର କୁମାର ସାହୁ ଓ ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ ଘଟଣାସ୍ଥଳରେ ପହଞ୍ଚି ଧାନର ମାନ ପରୀକ୍ଷା କରି ଚାଷୀଙ୍କ ସହିତ ଆଲୋଚନା କରିଥିଲେ। ସରକାରୀ ନିୟମ ୧୯୪୦ ଟଙ୍କା ଥିବାବେଳେ ମିଲର ୧୫୦୦ ଟଙ୍କାରେ ଧାନ ଦେବା ପାଇଁ ଦାବି କରୁଥିବାରୁ ଚାଷୀ ଓ ମିଲରଙ୍କ ମଧ୍ୟରେ ବାଦବିବାଦ ଲାଗି ରହିଥିଲା। ମଣ୍ଡିରେ ଏବେ ୪୦୦ରୁ ଉର୍ଦ୍ଧ୍ୱ ବସ୍ତା ଧାନ ପଡିରହିଛି। ଚାଷୀ ଓ ମିଲରଙ୍କ ମଧ୍ୟରେ କୌଣସି ସମସ୍ୟା ତୁଟିପାରି ନ ଥିବାରୁ ଉତ୍ତେଜନା ଲାଗିରହିଛି।

### ବଟି ଆଦାୟ୍ କରି ୨ ଗିରଫ

ପୁରୀ ଅଫିସ, ୨୮।୧: ବଟି ଆଦାୟ୍ ଅଭିଯୋଗରେ ବାସେଲିସାହି ଥାନା ପୋଲିସ ଶୁକ୍ରବାର ୨ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଗୋଖାସାହିର ଜଳିଆ ବେହେରା ଓ ଖିରୁ ବେହେରା। ପୋଲିସ ଏମାନଙ୍କ ନିକଟରୁ ଗୋଟିଏ ଖଣ୍ଡା ଓ ନଗଦ ୭୦୦ ଟଙ୍କା ଜବତ କରିଛି। ଏ ନେଇ ପୋଲିସ ଏକ କେସ୍ (ନଂ.୧୪/୨୨) ରୁଜୁ କରିଛି। ଅଭିଯୁକ୍ତ ଦ୍ରବ୍ୟ ଦୋକାନ ଓ ଗାଡ଼ିରୁ ବଟି ଆଦାୟ୍ କରୁଥିବା ଅଭିଯୋଗ ହୋଇଥିଲା।

### କିନ୍ନର ସଂଘ ପକ୍ଷରୁ କରୋନା ସଚେତନତା

ପିପିଲି,୨୮।୧(ଡି.ଏନ୍.ଏ.)- ପୁରୀ ଜିଲା କିନ୍ନର ସଂଘ ପକ୍ଷରୁ ପିପିଲି ମୁଖ୍ୟ ବଜାର୍‌ରେ ଶୁକ୍ରବାର କରୋନା ସଚେତନତା ପାଇଁ ରୋଡ୍ ଶୋ' କରାଯାଇଥିଲା। ଲୋକଙ୍କୁ ମାସ୍କ ଓ ସାନିଟାଇଜ୍ ବ୍ୟବହାର କରିବା, ଜନଗହଳିଠାରୁ ଦୂରେଇ ରହିବା ଆଦି ବୁଝାଇଥିଲେ। ବିନା ହେଲମେଟରେ ଯାଉଥିବା ବାଇକ ଆରୋହୀଙ୍କୁ ହେଲମେଟ ବ୍ୟବହାର କରିବା ପାଇଁ ଅନୁରୋଧ କରିଥିଲେ। ପରେ ପିପିଲି ବସ୍ତି ଅଞ୍ଚଳ ବୁଲି ଛାତ୍ରୀଛାତ୍ରଙ୍କୁ ମାସ୍କ, ବିସ୍କୁଟ, ଖାତା, ପେନ ପ୍ରଦାନ କରି ଭଲ ମଣିଷ ହେବା ପାଇଁ ଉପଦେଶ ଦେଇଥିଲେ। ଜିଲା ସଭାନେତ୍ରୀ ପ୍ରିୟାଂଶୁ ଦାସଙ୍କ ତତ୍ତ୍ୱାବଧାନ ଓ କବିତା ନାୟକଙ୍କ ନେତୃତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଜିଲା ସମ୍ପାଦିକା ପିହୁଁ ମିଶ୍ର, ଗୁରୁ ମା' ଦେବକୀ ମା, ଶ୍ରଦ୍ଧା ଓ ଲକି କିନ୍ନର ପ୍ରମୁଖ ସାମିଲ ଥିଲେ। ସେହିପରି ପୁରୀ ପୁରୀ ମେଡିକାଲ ଛକଠାରେ କିନ୍ନର ସଂଘ, ସାଥୀ, ସିପାର୍ ଏବଂ ୟୁଏନ୍‌ଡିପି ମିଳିତ ଆନୁକୂଲ୍ୟରେ କରୋନା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଦେବକୀ ମା', ବିଶ୍ୱଭୂଷଣ ପଟ୍ଟନାୟକ, ରାଜବୀର ଦାସ, ସୁସ୍ମିତା ଦାସ, ଆୟେଷା ବେହେରା, ପ୍ରିୟାଂଶୀ ଦାସ ପ୍ରମୁଖ ସାମିଲ ଥିଲେ।

# ନୂଆ ରୂପ ଅପେକ୍ଷାରେ ନୀଳାଚଳ ଅର୍ବାନ ହାଟ

ପୁରୀ ଅଫିସ,୨୮।୧:



ସାଂସ୍କୃତିକ କାର୍ଯ୍ୟକ୍ରମ ପାଇଁ ହାଟ ପରିସରରେ ଥିବା ମଣ୍ଡପ ।

ହସ୍ତଶିଳ୍ପ ଓ ବୟନ ଶିଳ୍ପର ପ୍ରଚାର ପ୍ରସାର ତଥା ପର୍ଯ୍ୟଟକଙ୍କ ମଧ୍ୟରେ ଏହି ସାମଗ୍ରୀର ଚାହିଦା ବଢ଼ାଇବା ପାଇଁ ୨୦୦୯ରେ ପୁରୀରେ କାର୍ଯ୍ୟକ୍ଷମ ହୋଇଥିଲା ନୀଳାଚଳ ଅର୍ବାନ ହାଟ। ଏଠାକୁ ରାଜ୍ୟ ଓ ରାଜ୍ୟ ବାହାରର ଲୋକେ ବୁଲିବାକୁ ଆସିବା ସହ ମନପସନ୍ଦର ସାମଗ୍ରୀ କିଣାକିଣି କରୁଥିଲେ। ତେବେ ୨୦୧୯ ଫନୀ ବାତ୍ୟାରେ ଏହି ହାଟର ଭିତ୍ତିଭୂମି କ୍ଷତିଗ୍ରସ୍ତ ହୋଇଥିଲା। ସେବେଠୁ ଏହା ଆଜିପର୍ଯ୍ୟନ୍ତ ସେମିତି ଭଗ୍ନାବସ୍ଥାରେ ପଡ଼ିରହିଛି। ପୁନରୁଦ୍ଧାର ଅପେକ୍ଷାରେ ଥିବା ଏହି ଅର୍ବାନ୍ ହାଟ ପ୍ରତି ପ୍ରଶାସନର ନଜର ପଡୁନାହିଁ।

କେନ୍ଦ୍ର ସରକାରଙ୍କ ଏକ ପ୍ରକଳ୍ପ ଅଧୀନରେ ୧୧ କୋଟି ଟଙ୍କା ବ୍ୟୟରେ ଏହି ହାଟ ପ୍ରତିଷ୍ଠା କରାଯାଇଥିଲା। ଏହାକୁ ତତ୍କାଳୀନ ରାଷ୍ଟ୍ରପତି ପ୍ରତିଭା ଦେବୀ ସିଂ ପାଟିଲ ଉଦ୍‌ଘାଟନ କରିଥିଲେ। ଇଡ୍‌କୋ ଏବଂ ରାଜ୍ୟ ପର୍ଯ୍ୟଟନ ବିଭାଗ ଏହି ହାଟ ପରିଚାଳନା କରୁଥିଲେ। ଏଠାରେ ୩୯ଟି ଶପିଂ କାଉଣ୍ଟର ଥିବାବେଳେ ପର୍ଯ୍ୟଟଙ୍କୁ ଆକୃଷ୍ଟ କରାଇବା ପାଇଁ ଜଳ ଫୁଆରା, ସାଂସ୍କୃତିକ କାର୍ଯ୍ୟକ୍ରମ ପାଇଁ ମଣ୍ଡପ ପ୍ରଭୃତି ନିର୍ମାଣ ହୋଇଥିଲା। ଫଳରେ ଏଠାକୁ ଲୋକଙ୍କ ସୁଅ ଛୁଟିଥିଲା। ପ୍ରାୟ ଦୁଇବର୍ଷ ପର୍ଯ୍ୟନ୍ତ ହାଟ ଭଲ ଚାଲିଲା। ପରେ ବିଭିନ୍ନ କାରଣରୁ ଏଠାକୁ ପର୍ଯ୍ୟଟକ ଓ ଗ୍ରାହକଙ୍କ ଆଗମନ ସଂଖ୍ୟା କମିଲା। ୨୦୧୯ ଫନୀ ମହାବାତ୍ୟାରେ ଏହି ହାଟ ସମ୍ପୂର୍ଣ୍ଣ ରୂପେ କ୍ଷତିଗ୍ରସ୍ତ ହୋଇଥିଲା। ଏହାପରଠୁ ଆଉ ହାଟ ପ୍ରତି ପ୍ରଶାସନ ଦୃଷ୍ଟି ଦେଇନାହିଁ। ସଂସ୍କୃତିପ୍ରେମୀ ଶ୍ୟାମପ୍ରକାଶ ସେନାପତି କହିଛନ୍ତି, ଅର୍ବାନ ହାଟରେ ହସ୍ତଶିଳ୍ପର ପ୍ରଚାର ପ୍ରସାର ସହ ଏଠାକାର ମଞ୍ଚରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହେଉଥିଲା। ପ୍ରତି ସନ୍ଧ୍ୟାରେ ଭିଡ଼ ଜମୁଥିଲା। ପର୍ଯ୍ୟଟକଙ୍କୁ ହସ୍ତଶିଳ୍ପ ସାମଗ୍ରୀ ଯୋଗାଇଦେବା ପାଇଁ ଏହା ଏକ ଭଲ ପ୍ଲାଟଫର୍ମ ଥିଲା। ସେହିପରି ସ୍ୱାଧୀନ ପଣ୍ଡା କହିଛନ୍ତି, ଜିଲା ପ୍ରଶାସନର ଅପାରଗତା ଯୋଗୁ ଏଭଳି ସ୍ଥିତି ଉପୁଜିଲା। ଅର୍ବାନ ହାଟଠାରୁ ଚକ୍ରତୀର୍ଥ ରୋଡ୍ ଦେଇ ବେଳାଭୂମିକୁ ସଂଯୋଗକରି ରାସ୍ତା ନିର୍ମାଣ ସହ ପୁଣି ଅର୍ବାନ ହାଟର ପୁନରୁଦ୍ଧାର ନେଇ ଯୋଜନା ଚାଲିଛି ବୋଲି ବର୍ଷକ ତଳେ ଜିଲାପାଳ ସମର୍ଥ ବର୍ମା କହିଥିଲେ। ମାତ୍ର ଏପର୍ଯ୍ୟନ୍ତ କୌଣସି ପଦକ୍ଷେପ ନିଆଯାଇ ନାହିଁ। ସ୍ଥାନୀୟ ବାସିନ୍ଦା ଏ. କ୍ରିଷ୍ଣାକୁମାର କହିଛନ୍ତି, ଫନୀ ମହାବାତ୍ୟା ପରଠାରୁ ଅର୍ବାନ ହାଟର ଭିତ୍ତିଭୂମି ଭୁଶୁଡ଼ିଯାଇଛି। ତେବେ କେବଳ ଭିତ୍ତିଭୂମି ଭୁଶୁଡ଼ିବା କାରଣରୁ ଅର୍ବାନ ହାଟ ଧ୍ୱଂସ ହୋଇଛି ଏକଥା ଭାବିବା ଭୁଲ୍ ହେବ। ଜିଲା ପ୍ରଶାସନ ଦୋକାନ ଆବଣ୍ଟନ କରି ଯେଉଁ ଭଡ଼ା ଆଦାୟ କରୁଥିଲା ତାହା ଅନେକଙ୍କୁ ବାଧୁଥିଲା। ଚଢ଼ା ଦର ହେତୁ ଅନେକ ଦୋକାନୀ ଅର୍ବାନ ହାଟରେ ବେପାର ବନ୍ଦ କରିଦେଲେ। ଧିରେ ଧିରେ ଅନ୍ୟ ଦୋକାନୀମାନେ ବି ଏଠାରୁ ମୁହଁ ଫେରାଇ ନେଲେ। ଯଦି ଏବେ ପୁଣି ହାଟ ପୁନରୁଦ୍ଧାର ପାଇଁ ଚିନ୍ତା କରାଯାଉଛି, ତା'ହେଲେ ଦୋକାନ ନିଲାମ ବେଳେ ଠିକ ଭଡ଼ା ଓ ଦର ନିର୍ଦ୍ଧାରଣ ହେବା ଦରକାର। ଅନ୍ୟପକ୍ଷରେ ଏ ନେଇ ଉପଜିଲାପାଳ ଭବତାରଣ ସାହୁ କହିଛନ୍ତି, ଅର୍ବାନ ହାଟକୁ କାର୍ଯ୍ୟକ୍ଷମ କରାଯିବା ପାଇଁ ପ୍ରୟାସ ଓ ପ୍ରସ୍ତୁତି ଚାଲିଛି।



ସ୍ୱାଧୀନତା ପାଇଁ ଉତ୍ସର୍ଗୀକୃତ ସଂଗ୍ରାମୀଙ୍କ ଉଦ୍ଦେଶ୍ୟରେ ଶୁକ୍ରବାର ଗୁଣ୍ଡିଚା ମନ୍ଦିରସ୍ଥିତ ଶରଧାବାଲିରେ ଦେଶ ପାଇଁ ଦୀପଟିଏ କାର୍ଯ୍ୟକ୍ରମ ।

## ଦେଶ ପାଇଁ ଦୀପଟିଏ

ପୁରୀ ଅଫିସ, ୨୮।୧:

ସ୍ୱାଧୀନତାର ୭୫ତମ ବର୍ଷ ପୂର୍ତ୍ତି ତଥା ଆଜାଦି କା ଅମୃତ ମହୋତ୍ସବ ପାଳନ ଅବସରରେ ସ୍ୱାଧୀନତା ପାଇଁ ଉତ୍ସର୍ଗୀକୃତ ସଂଗ୍ରାମୀମାନଙ୍କ ଉଦ୍ଦେଶ୍ୟରେ ଶୁକ୍ରବାର ଗୁଣ୍ଡିଚା ମନ୍ଦିରସ୍ଥିତ ଶରଧା ବାଲିରେ ଦେଶ ଦେଶ ପାଇଁ ଦୀପଟିଏ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଏଥିରେ ୭୫୭୫ଟି ଦୀପ ପ୍ରଜ୍ୱଳନ କରାଯାଇଥିଲା। ଏଥିରେ ଏବିଭିପି ଜନଜାତିର ସହପ୍ରମୁଖ ପ୍ରମୋଦ ରାଉତ, ବିଭାଗ ସଂଘ ଚାଳକ ମନୋରଞ୍ଜନ ସାହୁ, ରାଷ୍ଟ୍ରୀୟ କାର୍ଯ୍ୟକାରିଣୀ ସଦସ୍ୟ କବିତା କହଁର, ରାଷ୍ଟ୍ରୀୟ ସୋସିଆଲ ମିଡିଆ ସହସଂଯୋଜକ ସ୍ମୃତିରଞ୍ଜନ ବିଶ୍ୱାଳ, ପୁରୀ ବିଭାଗ ପ୍ରମୁଖ ଅଜିତ କୁମାର ଦଳାଇ, ପ୍ରାନ୍ତ କୋଷାଧ୍ୟକ୍ଷ ସୌମେନ୍ଦ୍ର ଦାସ ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ଜିଲା ପ୍ରମୁଖ ଡ. ସସ୍ମିତା ନାୟକ, ଜିଲା ସଂଯୋଜକ ତାରା ପ୍ରସାଦ ଦାଶ, ବିଭାଗ ଏସ୍‌ଏଫ୍‌ଏସ୍ ପ୍ରମୁଖ ଶିବାନନ୍ଦ ପାଢ଼ୀ ସଂଯୋଜନା କରିଥିଲେ। କୃଷ୍ଣଚନ୍ଦ୍ର ସାହୁ, ବାସୁଦେବ ସେନାପତି, ବିସ୍ମୟ ରଞ୍ଜନ ପଟ୍ଟନାୟକ, ଶୁଭମ୍ ସେଠୀ, ରାଜେଶ ଉପାଧ୍ୟାୟ, ରାକେଶ ସ୍ୱାଇଁ, ଅନିଲ ଭୋଇ, ରଶ୍ମିତା ସାହୁ, ଚନ୍ଦନ କୁମାର ସାହୁ ପ୍ରମୁଖ କାର୍ଯ୍ୟକ୍ରମ ସମ୍ପାଦନ କରିଥିଲେ।

# ଶିକ୍ଷାର ଘରୋଇକରଣକୁ ସମାଲୋଚନା

ପୁରୀ ଅଫିସ ୨୮।୧:

ଭାରତର ଛାତ୍ର ଫେଡେରେଶନ୍ (ଏସ୍‌ଏଫ୍‌ଆଇ) ଏବଂ ପ୍ରଗତିଶୀଳ ଶିକ୍ଷକ ଫୋରମ୍ ପକ୍ଷରୁ ଓଷ୍ଟା ସମ୍ମିଳନୀ କକ୍ଷରେ ଶୁକ୍ରବାର ସମ୍ବିଧାନ ବଞ୍ଚାଅ–ଦେଶ ବଞ୍ଚାଅ, ଶିକ୍ଷା ବଞ୍ଚାଅ–ଦେଶ ବଞ୍ଚାଅ ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଛାତ୍ରନେତା ସର୍ବେଶ୍ୱର ମହାନ୍ତି ସଭାପତିତ୍ୱ କରିଥିଲେ। ଶିକ୍ଷକ ନେତା ସୁରେନ୍ଦ୍ର କୁମାର ଜେନା, ଅଧ୍ୟାପକ ବିମଳ ମାନସିଂହ, ପିଷ୍ଟା ସଭାପତି ବ୍ରହ୍ମାନନ୍ଦ ମହାରଣା, ଅଲଷ୍ଟାର ପୁରୀ ସଭାପତି ପ୍ରଦୀପ ପ୍ରଧାନ ଏବଂ ଓଲଷ୍ଟାର ପୁରୀ ସଭାପତି କୃଷ୍ଣଚନ୍ଦ୍ର ଦାଶ ପ୍ରମୁଖ ଯୋଗ ଦେଇଥିଲେ। ଆବାହିକା ଅନୁରାଧା ବେହେରା ଶିକ୍ଷା ଘରୋଇକରଣ ଓ ବ୍ୟବସାୟୀକରଣର ତୀବ୍ର ସମାଲୋଚନା କରିଥିଲେ। ହିନ୍ଦୁତ୍ୱବାଦୀ –ଫାସିବାଦୀ ରାଜନୈତିକ ଶକ୍ତି ଯୋଜନାବଦ୍ଧ ଭାବେ ସଂଖ୍ୟାଲଘୁ ସମ୍ପ୍ରଦାୟ ବିରୋଧରେ ଘୃଣା ଓ ବିଦ୍ୱେଷ ସୃଷ୍ଟି କରିବାରେ ସଫଳ ହେଉଛନ୍ତି। କୋଭିଡ୍ ପରିସ୍ଥିତିର ସୁଯୋଗ ନେଇ ଶ୍ରମ ଆଇନରେ ସଂଶୋଧନ, କଳା କୃଷକ ଆଇନ ପ୍ରଣୟନ, ଅଗଣତାନ୍ତ୍ରିକ ଜାତୀୟ ଶିକ୍ଷା ଆଇନ–୨୦୨୦ ଆଦି ପ୍ରଣୟନ କରି ଜନସାଧାରଣଙ୍କ ଜୀବନଜୀବିକା ଏବଂ ଅଧିକାର ଉପରେ ଆକ୍ରମଣ କରୁଛନ୍ତି। ସେହିପରି ୧୮ ବର୍ଷ ବୟସ ପର୍ଯ୍ୟନ୍ତ ସବୁ ଛାତ୍ରୀଛାତ୍ରଙ୍କୁ ମାଗଣା ଓ ବାଧ୍ୟତାମୂଳକ ଶିକ୍ଷା, ନାମଲେଖା ଫି' ହ୍ରାସ କରିବା ପାଇଁ ଦାବି କରାଯାଇଛି। ଆଲୋଚନାଚକ୍ରରେ ମାନସ ରଞ୍ଜନ ଦଳବେହେରା, ରୁଦ୍ର ପ୍ରସନ୍ନ ଜେନା, କଲ୍ୟାଣୀ ବେହେରା, ଭବାନୀ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ଆଲୋଚନାଚକ୍ର ପୂର୍ବରୁ ଛାତ୍ରୀଛାତ୍ରଙ୍କ ପକ୍ଷରୁ ସରକାରୀ ବାଳିକା ମହାବିଦ୍ୟାଳୟ ସମ୍ମୁଖରେ ପ୍ରତୀକାତ୍ମକ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା।

## ବ୍ଲକ କଂଗ୍ରେସ କର୍ମୀ ବୈଠକ

ଅସ୍ତରଙ୍ଗ,୨୮।୧(ଡି.ଏନ୍.ଏ.)

ଅସ୍ତରଙ୍ଗ ବ୍ଲକ କଂଗ୍ରେସ କମିଟିର ଏକ ବୈଠକ ବ୍ଲକ ଅଧୀନ ଉପୁଲେଇ ଠାକୁରାଣୀଙ୍କ ନିକଟରେ କୋଭିଡ୍ କଟକଣା ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି। କମିଟିର ସଭାପତି ସୁକାନ୍ତ କୁମାର ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ପ୍ରଦେଶ କଂଗ୍ରେସର ସାଧାରଣ ସମ୍ପାଦକ ବିଶ୍ୱଭୂଷଣ ଦାସ, ପ୍ରଦେଶ କଂଗ୍ରେସ କିଷାନ ସେଲ୍‌ର ଅଧ୍ୟକ୍ଷ ଅମିୟ ପଟ୍ଟନାୟକ ପ୍ରମୁଖ ଯୋଗଦେଇ ପଞ୍ଚାୟତ ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରୁଥିବା କଂଗ୍ରେସ ଦଳ ସମର୍ଥିତ ସମସ୍ତ ପ୍ରାର୍ଥୀ ଓ ପ୍ରାର୍ଥିନୀ କିପରି ଭୋଟ ପାଇ ନିର୍ବାଚିତ ହୋଇପାରିବେ, ସେ ବିଷୟରେ ଉପସ୍ଥିତ ଥିବା କର୍ମୀମାନଙ୍କ ସହ ଆଲୋଚନା କରିଥିଲେ। ଏହି କର୍ମୀ ସମ୍ମିଳନୀରେ ନେତା ବିକାଶ ବାରିକ, ଜିତେନ୍ଦ୍ର ନାୟକ, ପ୍ରଶାନ୍ତ ନାୟକ, ସୁବାସ ବିଶ୍ୱାଳ, ପ୍ରଫୁଲ୍ଲ ମୁରୁଣୀ, ଦୀନବନ୍ଧୁ ବେହେରା, ପ୍ରଶାନ୍ତ ଭୋଳ, ଶିଖର ବାରିକ, ସନ୍ତୋଷ ଦାସ, ଲିଟୁ ବିଶ୍ୱାଳ, ପ୍ରାର୍ଥିନୀ ଶୁଭସ୍ମିତା ସାହୁ, କାମିନି ବେହେରା, ଓ ପୁରୀ ଜିଲା କଂଗ୍ରେସ ସମ୍ପାଦକ ପ୍ରତାପ ବିଶ୍ୱାଳଙ୍କ ସମେତ ବହୁ କର୍ମୀ ଉପସ୍ଥିତ ଥିଲେ।

# ଜନ୍ମମୃତ୍ୟୁ ପଞ୍ଜୀକରଣ କାର୍ଯ୍ୟାଳୟରେ ଅବ୍ୟବସ୍ଥା

ନିମାପଡ଼ା,୨୮।୧(ଡି.ଏନ୍.ଏ.)

### କାର୍ଯ୍ୟାଳୟ ଆଗରେ ଲୋକଙ୍କ ଧାରଣା

ଚାରିଛକ ସରକାରୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଥିବା ଜନ୍ମମୃତ୍ୟୁ ପଞ୍ଜୀକରଣ କାର୍ଯ୍ୟାଳୟରେ ଦୀର୍ଘଦିନ ହେବ ଅବ୍ୟବସ୍ଥା ଲାଗିରହିଛି। କାର୍ଯ୍ୟାଳୟ ଦାୟିତ୍ୱରେ ଥିବା ଅଧିକାରୀ ଅଧିକାଂଶ ସମୟ କାର୍ଯ୍ୟାଳୟକୁ ବିଳମ୍ବରେ ଆସିବା, ଜନ୍ମମୃତ୍ୟୁ ସାର୍ଟିଫିକେଟ ଦେବା ବେଳେ ଆବେଦନକାରୀଙ୍କୁ ଟଙ୍କା ମାଗିବା, ପଞ୍ଜୀକରଣ ସାର୍ଟିଫିକେଟ ଦେବାରେ ବିଳମ୍ବ କରାଯାଉଥିବା ଅଭିଯୋଗ ହୋଇଛି। ଫଳରେ ଲୋକେ ଜନ୍ମମୃତ୍ୟୁ ସାର୍ଟିଫିକେଟ ନେବାକୁ ଆସି ନାନା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏଭଳି ବାରମ୍ବାର ହେବାରୁ ଲୋକେ ଅସନ୍ତୋଷ ପ୍ରକାଶ କରିବା ସହ ଏହାର ପ୍ରତିବାଦରେ ଶୁକ୍ରବାର ପ୍ରାୟ ୩୦ରୁ ଉର୍ଦ୍ଧ୍ୱ ଲୋକ ଜନ୍ମମୃତ୍ୟୁ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଥିଲେ। କିଛି ସମୟ ପରେ ସେମାନେ ବିଭାଗୀୟ ଅଧିକାରୀଙ୍କ ବିରୋଧରେ ଚାରିଛକ ଫାଣ୍ଡିରେ ଲିଖିତ ଅଭିଯୋଗ କରିଥିଲେ। ଏ ନେଇ ଫାଣ୍ଡି ଅଧିକାରୀ ଏଏସ୍‌ଆଇ ଶିଶିର କୁମାର ମହାନ୍ତି ଜନ୍ମମୃତ୍ୟୁ ପଞ୍ଜୀକରଣ ବିଭାଗ ଦାୟିତ୍ୱରେ ଥିବା ଅଧିକାରୀଙ୍କ ସହ ଯୋଗାଯୋଗ କରି ସମସ୍ୟାଗୁଡ଼ିକର ଉଚିତ ପଦକ୍ଷେପ ନେବାକୁ କହିବା ସହ ଖୁବଶୀଘ୍ର ପଞ୍ଜୀକରଣ ସାର୍ଟିଫିକେଟ ପ୍ରଦାନ କରାଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ଲୋକେ ଶାନ୍ତ ହୋଇଥିଲେ। ଅନ୍ୟପଟେ ଜନ୍ମମୃତ୍ୟୁ ପଞ୍ଜୀକରଣ ବିଭାଗ ଦାୟିତ୍ୱରେ ଥିବା ଅଧିକାରୀଙ୍କ ବିରୋଧରେ ଲୋକେ ଚାରିଛକ ମୁଖ୍ୟ ଚିକିତ୍ସାଧିକାରୀଙ୍କ ନିକଟରେ ବାରମ୍ବାର ଅଭିଯୋଗ କରିଥିଲେ ମଧ୍ୟ କୌଣସି ପଦକ୍ଷେପ ନେଉ ନ ଥିବାରୁ ଲୋକଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି।





ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

metroselfie@gmail.com



@ ପ୍ରଶାନ୍ତ



@ ପ୍ରଭାତ



@ ଟିଟିଲି



@ ଅମର



@ ରାଖିଲ



@ ସିଦ୍ଧେଶ୍ୱର

## ମେଣ୍ଢା ଲଢ଼େଇ ପ୍ରତିଯୋଗିତାରେ କଟକଣା ଫୁ

ନିମାପଡ଼ା,୨୮।୧(ଡି.ଏନ୍.ଏ.)



ନିମାପଡ଼ା ବ୍ଲକ ଧଳେଶ୍ୱର ପଞ୍ଚାୟତର ଅଲଣ୍ଡି ଗ୍ରାମ ନିକଟ ଏକ ଗହୀରରେ ଶୁକ୍ରବାର ମେଣ୍ଢା ଓ ବୋଦା ଲଢ଼େଇ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ ପୁରୀ, ଫୁଲବାଣୀ, ଗଜପତି, ଖୋର୍ଦ୍ଧା, ଚଣ୍ଡିଖୋଲ, କାକଟପୁର, ଅସ୍ତରଙ୍ଗ, ଭୁବନେଶ୍ୱର, ପାତ୍ରପଡ଼ା ଆଦି ଅଞ୍ଚଳର ଶତାଧିକ ବ୍ୟକ୍ତିଙ୍କ ମେଣ୍ଢା ଓ ବୋଦା ଅଂଶଗ୍ରହଣ କରିଥିଲେ। ପ୍ରତିଯୋଗିତା ଦେଖିବା ପାଇଁ ଶହ ଶହ ଲୋକଙ୍କ ଭିଡ଼ ଜମିଥିଲା। କେହି ବି କୋଭିଡ୍ କଟକଣା ମାନି ନ ଥିଲେ। ବିଜୟୀ ମେଣ୍ଢା ଓ ବୋଦାକୁ ସ୍ୱତନ୍ତ୍ର ପୁରସ୍କାର ଏବଂ ଅଂଶଗ୍ରହଣ କରିଥିବା ଅନ୍ୟ ମେଣ୍ଢା ଓ ବୋଦାକୁ ସାନ୍ତ୍ୱନାମୂଳକ ପୁରସ୍କାର ଦିଆଯାଇଥିଲା। ସ୍ଥାନୀୟ ଅଞ୍ଚଳର ଯୁବକମାନଙ୍କ ପକ୍ଷରୁ ଏହି ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ରାଜ୍ୟରେ କରୋନା ସଂକ୍ରମଣ ବଢୁଥିବା ବେଳେ ଏଭଳି ସମାଗମ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ପ୍ରଶାସନ କି ପୋଲିସ ପକ୍ଷରୁ ମଧ୍ୟ କୌଣସି ପଦକ୍ଷେପ ନିଆଯାଇ ନ ଥିଲା।



ଯୁକ୍ତ ୨ ପରୀକ୍ଷା ବାତିଲ୍ ଦାବିରେ ଶୁକ୍ରବାର ପୁରୀ ବାଲିଘାଇ କଲେଜ ସମ୍ମୁଖରେ ଛାତ୍ରମାନେ ଟାୟାର ଜାଳି ବିକ୍ଷୋଭ କରୁଛନ୍ତି ।



ଏସ୍‌ଏଫ୍‌ଆଇ ଏବଂ ପ୍ରଗତିଶୀଳ ଛାତ୍ର ଫୋରମ୍ ପକ୍ଷରୁ ଶିକ୍ଷା ବଞ୍ଚାଅ– ଦେଶ ବଞ୍ଚାଅ ଦାବିରେ ଶୁକ୍ରବାର ପୁରୀ ସରକାରୀ ବିଦ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି ।



ଚାରିଛକ ସରକାରୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରସ୍ଥ ଜନ୍ମମୃତ୍ୟୁ ପଞ୍ଜୀକରଣ କାର୍ଯ୍ୟାଳୟରେ ଅବ୍ୟବସ୍ଥା ପ୍ରତିବାଦରେ ଶୁକ୍ରବାର ଅଞ୍ଚଳବାସୀଙ୍କ ଧାରଣା ।

## ଆଜି କ'ଣ କେଉଁଠି

**ଭୁବନେଶ୍ୱର**

- ଗାନ୍ଧୀବାଦୀ ସଙ୍ଗଠନ ପକ୍ଷରୁ ପ୍ରତିବାଦ ସଭା, ମାଷ୍ଟରକ୍ୟାଣ୍ଟିନ ଛକ, ଅପରାହ୍ନ ୪ଟା।
- ସ୍ତମ୍ଭକାର ପଦ୍ମଚରଣ ନାୟକ ଅଭିନନ୍ଦନ ସମିତି ପକ୍ଷରୁ ସ୍ତମ୍ଭକାର ପଦ୍ମଚରଣ ନାୟକଙ୍କ ଜୟନ୍ତୀ ପାଳନ, ଲୋହିଆ ଏକାଡେମୀ, ଅପରାହ୍ନ ୪ଟା ୩୦।
- ଭୁବନେଶ୍ୱର ସାହିତ୍ୟ ସମାଜ ଟ୍ରଷ୍ଟର ସାହିତ୍ୟ ମାସିକୀ କାର୍ଯ୍ୟକ୍ରମ, ସୂଚନା ଭବନ, ଅପରାହ୍ନ ୫ଟା ୩୦।

**କଟକ**

- ଇଣ୍ଟରନ୍ୟାଶନାଲ କ୍ଲବ ପକ୍ଷରୁ ପଥଚାରୀଙ୍କ ପାଇଁ ପଥପ୍ରାନ୍ତେ ଦୈନିକ ଖବରକାଗଜ, ମଙ୍ଗଳାବାଗ ମେଡିକାଲ ରୋଡ, ସକାଳ ୧୦ଟା।
- ଏସୟୁସିଆଇ ପକ୍ଷରୁ ପୋଲିସ ମହାନିର୍ଦ୍ଦେଶକଙ୍କୁ ସ୍ମାରକପତ୍ର ପ୍ରଦାନ, ପୋଲିସ ମୁଖ୍ୟାଳୟ, ପୂର୍ବାହ୍ନ ୧୧ଟା।
- କଟକ ଲେଖକ ସହଯୋଗ ସମିତି ଆନୁକୂଲ୍ୟରେ ପୁସ୍ତକ ଲୋକାର୍ପଣ ଉତ୍ସବ, ଶ୍ରୀରାମଚନ୍ଦ୍ର ଭବନ, ସନ୍ଧ୍ୟା ୬ଟା ୩୦।

# ବରଯାତ୍ରୀ ବେଶରେ ଆସି ୨ ଲକ୍ଷ ଟଙ୍କାର ଗହଣା ଚୋରି

## ସିସିଟିଭିରେ ଚୋରିର ଦୃଶ୍ୟ

ଭୁବନେଶ୍ୱର,୨୮।୧(ବ୍ୟୁରୋ)

ରାଜଧାନୀରେ ଲୁଟେରା ଓ ଚୋରଙ୍କ ଉତ୍ପାତ ବଢ଼ି ଚାଲିଥିବାବେଳେ ନୂଆ ନୂଆ ପନ୍ଥା ଆପଣାଇ ପୋଲିସକୁ ଖୋଲା ଚ୍ୟାଲେଞ୍ଜ କରୁଛନ୍ତି। କେତେବେଳେ ଗ୍ରାହକ ବେଶରେ ତ ଆଉ କେତେ ବେଳେ ଅତିଥି ବେଶରେ ଆସି ଲୁଟ୍‌ପାଟ କରୁଛନ୍ତି। ୨ଜଣ ଚୋର ବରଯାତ୍ରୀ ବେଶରେ ଆସି ଶହୀଦନଗର ଥାନା ଅନ୍ତର୍ଗତ କେସୁରା ଅଞ୍ଚଳରେ ଥିବା ଏକ ବିବାହ ମଣ୍ଡପରୁ୨ ଲକ୍ଷ ଟଙ୍କାର ଗହଣାଭର୍ତ୍ତି ବ୍ୟାଗ୍ ନେଇଯାଇଛନ୍ତି। ରବିବାର ଏହି ଘଟଣା ଘଟିଥିବାବେଳେ ସୋମବାର ବିଶ୍ୱଜିତ ମହାରଣା ନାମକ ଜଣେ ବ୍ୟକ୍ତି ଥାନାରେ ଅଭିଯୋଗ କରିବା ପରେ ପୋଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ସିସିଟିଭି ଫୁଟେଜରେ ଚୋରିର ଦୃଶ୍ୟ ରହିଥିବାବେଳେ ଲୁଟେରାଙ୍କୁ ଚିହ୍ନଟ କରିବାକୁ ପୋଲିସ ଚେଷ୍ଟା ଚଳାଇଛି। ଜଣେ ଯୁବକ ଅନ୍ୟଜଣେ ନାବାଳକଙ୍କୁ ସାଙ୍ଗରେ ଧରି ଗହଣା ବ୍ୟାଗ ଚୋରି କରି ନେଉଥିବା ସିସିଟିଭି ଫୁଟେଜରୁ ଜଣାପଡୁଛି। ଅଭିଯୋଗ ଆଧାରରେ ଏତଲା ହୋଇଥିଲେ ମଧ୍ୟ ପୋଲିସ ଲୁଟେରାଦ୍ୱୟଙ୍କୁ ଧରିବାରେ ସଫଳ ହୋଇପାରିନାହିଁ। ତେବେ ବିଶ୍ୱଜିତ ବାରମ୍ବାର ଥାନାକୁ ଆସି ନିରାଶ ହେବାରୁ ପୋଲିସର ତଦନ୍ତ ଉପରେ ପ୍ରଶ୍ନ ଉଠାଇଛନ୍ତି। ଏପରିସ୍ଥଳେ ଶୁକ୍ରବାର ଚୋରି ବେଳର ଭିଡିଓ ପଦାକୁ ଆସିବା ପରେ ଏହି ଘଟଣାକୁ ନେଇ ରାଜଧାନୀରେ ଚର୍ଚ୍ଚା ଜୋର୍ ଧରିଛି।

ସୂଚନା ଅନୁଯାୟୀ,ଭଉଣୀ ବାହାଘର ପାଇଁ ବିଶ୍ୱଜିତ୍ କେସୁରାସ୍ଥିତ ପଲ୍ଲବୀ ମଣ୍ଡପକୁ ଗତ ରବିବାର ପାଇଁ ବୁକ୍ କରିଥିଲେ। ସନ୍ଧ୍ୟାରେ ସେଠାରେ ବିବାହ ଚାଲିଥିବାବେଳେ ଅତିଥିଙ୍କ ଗହଳି ହୋଇଥିଲା। ଭିଡର ସୁଯୋଗ ନେଇ ଜଣେ ଯୁବକ ଅନ୍ୟଜଣେ ନାବାଳକଙ୍କୁ ସାଙ୍ଗରେ ଧରି ଚୋରି କରିବା ପାଇଁ ମଣ୍ଡପକୁ ବରଯାତ୍ରୀ ବେଶରେ ଆସିଥିଲେ। କେଉଁ ଅତିଥିମାନେ କିଭଳି ଗିଫ୍ଟ ଆଣିଛନ୍ତି ତାହା ମଧ୍ୟ ଲୁଟେରାଦ୍ୱୟ ସେଠାରେ ରହି ନଜର ରଖିଥିଲେ।ନାବାଳକ ଜଣକ ଗିଫ୍ଟ ରହୁଥିବା ସ୍ଥାନ ନିକଟରେ ରହିବା ସହ ଘର ବାହାରେ ଥିବା ମୁଖ୍ୟ ଅଭିଯୁକ୍ତଙ୍କୁ ସୂଚନା ଦେଉଥିଲେ। ସୁଯୋଗ ମିଳିବା ପରେ ନାବାଳକ ଜଣକବିଶ୍ୱଜିତଙ୍କ ପରିବାର ଲୋକେ ରଖିଥିବା ଏକ ଗହଣା ଭର୍ତ୍ତି ବ୍ୟାଗ୍‌କୁ ନେଇ ଯୁବକଙ୍କ ସହ ଚମ୍ପଟ ମାରୁଥିବା ସିସିଟିଭି ଫୁଟେଜରେ ଦେଖିବାକୁ ମିଳୁଛି।



ଗିଫ୍ଟ ରହୁଥିବା ଘର ନିକଟରେ ମୁଖ୍ୟ ଅଭିଯୁକ୍ତ ଜଗି ରହିଛନ୍ତି। ନାବାଳକ ଜଣକ ଅଳଙ୍କାର ଭର୍ତ୍ତି ବ୍ୟାଗ୍ ଧରି ଆସିବା ପରେ ଉଭୟ ଚମ୍ପଟ ମାରୁଛନ୍ତି।

## 'ମତଗତ ଭିନ୍ନତା ସତ୍ତ୍ୱେ ବ୍ୟକ୍ତିକୁ ଭଲପାଇ ହେବ'

ଭୁବନେଶ୍ୱର,୨୮।୧(ବ୍ୟୁରୋ)

ଓଡ଼ିଶା ରାଜ୍ୟ ଅଭିଲେଖାଗାରରେ ୫୯ତମ ସଂସ୍କୃତି ଚର୍ଚ୍ଚା ସମ୍ମାନ ମହୋତ୍ସବ ଭର୍ଚୁଆଲରେ ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବରେ ଆଲୋଚକ ଭାବେ କବି ତଥା ସମ୍ପାଦକ ଡ. ସଂଗ୍ରାମ ଜେନା ଯୋଗଦେଇ 'ଅନ୍ତରଙ୍ଗ ଅନୁଭୂତିରେ ଗାନ୍ଧୀ'ଙ୍କ ବିଷୟରେ ବର୍ଣ୍ଣନା କରି ନୀତି, ଆଦର୍ଶ ଓ ବିଚାର ଏସବୁ ଡେଇଁ ଗାନ୍ଧିଜୀ ବ୍ୟକ୍ତିର ହୃଦୟକୁ ଛୁଇଁ ପାରିଥିଲେ। ସେ ଲେଖିଥିବା ଅସଂଖ୍ୟ ଚିଠି ଏସବୁର ପ୍ରମାଣ ବୋଲି କହିଥିଲେ। ଆହୁରି ସେ କହିଥିଲେ, ଗାନ୍ଧିଜୀଙ୍କ ସହିତ ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବେ ଜଡ଼ିତ ଥିବା ବ୍ୟକ୍ତିମାନେ ଗାନ୍ଧିଜୀଙ୍କ ସମ୍ପର୍କରେ ସେମାନଙ୍କ ଆତ୍ମଜୀବନୀରେ ଲେଖୁଛନ୍ତି। ମତଗତ ଭିନ୍ନତା, ଆଦର୍ଶ ଓ ପ୍ରଥାର ବିଭିନ୍ନତା ସତ୍ତ୍ୱେ ବ୍ୟକ୍ତିକୁ ଭଲପାଇ ହେବ ବୋଲି ଗାନ୍ଧିଜୀ ନିଜ ଜୀବନରେ ପରୀକ୍ଷା କରି ଦେଖାଇ ଦେଇଛନ୍ତି। ୩୦ରେ ଆଜାଦୀ କା ଅମୃତ ମହୋତ୍ସବ ତଥା ମହାତ୍ମା ଗାନ୍ଧୀଙ୍କ ମହାପ୍ରୟାଣ ଦିବସ ରାଜ୍ୟ ଅଭିଲେଖାଗାର ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହେବ। ଏହି ଉତ୍ସବରେ ଗବେଷକ ଡ. ନିବେଦିତା ମହାନ୍ତି ଏବଂ ଖବରଦାତା ପ୍ରଦୋଷ ପଟ୍ଟନାୟକ ଯଥାକ୍ରମେ 'ଭାରତ ସ୍ୱାଧୀନତା ସଂଗ୍ରାମ ଏବଂ ଓଡ଼ିଶା' ଏବଂ ବିଶ୍ୱ ଦୃଷ୍ଟିରେ ଜାତିର ପିତା ମହାତ୍ମା ଗାନ୍ଧୀ' ବିଷୟ ଉପରେ ବକ୍ତବ୍ୟ ରଖିବେ। ଏହି ଅବସରରେଡ. ସଂଗ୍ରାମ ଜେନାଙ୍କ ଦାରା ଆଲୋଚ୍ୟ ସଂସ୍କୃତି ଚର୍ଚ୍ଚାର ବିଷୟ ' ଅନ୍ତରଙ୍ଗ ଅନୁଭୂତିରେ ଗାନ୍ଧୀ' ଅଭିଲେଖାଗାରର ୟୁଟ୍ୟୁବ ଚ୍ୟାନେଲରେ ଲୋକାର୍ପଣ କରାଯିବ। ସ୍ୱାଗତ ଭାଷଣଓଡ଼ିଶା ରାଜ୍ୟ ଅଭିଲେଖାଗାରର ଅଧୀକ୍ଷକ ଡ. ଶେଖ ସୋଲେମାନ ଅଲ୍ଲୀ ଦେଇଥିବା ବେଳେ ଉପେନ୍ଦ୍ର ବେହେରା ଧନ୍ୟବାଦ ଦେଇଥିଲେ।

## ପ୍ରତିଭା ରାୟଙ୍କୁ ସମ୍ବର୍ଦ୍ଧନା

**ଭୁବନେଶ୍ୱର,୨୮।୧(ବ୍ୟୁରୋ):** ଜ୍ଞାନପୀଠ ବିଜେତା ସାହିତ୍ୟିକା ଡ. ପ୍ରତିଭା ରାୟଙ୍କୁ ଭାରତ ସରକାରଙ୍କ ପକ୍ଷରୁ ମର୍ଯ୍ୟାଦାଜନକ ପଦ୍ମଭୂଷଣ ସମ୍ମାନରେ ସମ୍ମାନିତ କରାଯାଇଛି। ଏହି ଅବସରରେ ଶାସ୍ତ୍ରୀୟ ଓଡ଼ିଆ ଉତ୍କର୍ଷ ଅଧ୍ୟୟନ କେନ୍ଦ୍ର ପକ୍ଷରୁ ଡ. ରାୟଙ୍କୁ ସମ୍ବର୍ଦ୍ଧନା ଦିଆଯାଇଛି। କେନ୍ଦ୍ରର ପ୍ରକଳ୍ପ ନିର୍ଦ୍ଦେଶକ ପ୍ରଫେସର ବସନ୍ତ କୁମାର ପଣ୍ଡାଙ୍କ ସହ କେନ୍ଦ୍ରର କାର୍ଯ୍ୟରତ ଗବେଷକ ଡ. ଦେବାଶିଷ ମହାପାତ୍ର, ଡ. ଗୋବିନ୍ଦ ଚନ୍ଦ୍ର ପେଣ୍ଡୋଇ, ଡ. ଅମ୍ବରୀଶ ଶତପଥୀ ପ୍ରମୁଖ ପଦ୍ମଭୂଷଣ ଡ. ରାୟଙ୍କ ବାସଭବନରେ ଭେଟି ସମ୍ବର୍ଦ୍ଧନା ଦେଇ ଓଡ଼ିଆ ଭାଷା ସାହିତ୍ୟ କ୍ଷେତ୍ରକୁ ଆହୁରି ସମୃଦ୍ଧ କରିବାକୁ ପ୍ରେରଣା ଦେଇଥିଲେ। ଡ. ରାୟ ଶାସ୍ତ୍ରୀୟ ଓଡ଼ିଆ ଭାଷାର ଅନେକ ଅନାଲୋଚିତ ଅଧ୍ୟାୟରେ କାର୍ଯ୍ୟ କରୁଥିବା ଗବେଷକ ଗବେଷିକାଙ୍କୁ ଭାଷାର ଭବିଷ୍ୟତ ପ୍ରହରୀ ଭାବେ ଅଭିହିତ କରିଥିଲେ।


ଭୁବନେଶ୍ୱର ଜୟଦେବ ବିହାରସ୍ଥିତ ସୁଦର୍ଶନ ଆର୍ଟ ଆଣ୍ଡ କ୍ରାଫ୍ଟ ଭିଲେଜ୍‌ରେ ଦୁଇଜଣ ଶିଳ୍ପୀ ମୁଗୁନି ପଥରରେ ବୃଷଭ ମୂର୍ତ୍ତି ତିଆରି କରୁଛନ୍ତି।

## ଅଭିଯୁକ୍ତଙ୍କ ତଥ୍ୟ ଦେଇ ନ ଥିଲେ ହୋଟେଲ କର୍ତ୍ତୃପକ୍ଷ

**ପଶ୍ଚିମବଙ୍ଗର ଲୁଟେରା ଗ୍ୟାଙ୍ଗ୍ ଗିରଫ ଘଟଣା**

- ସରାଇ ଆକ୍ଟ ଅବମାନନା କରିଥିଲେ ହୋଟେଲ କର୍ମଚାରୀ
- ଦୁଇ ହୋଟେଲ ମ୍ୟାନେଜରଙ୍କୁ ନୋଟିସ ଦେଇ ଛାଡ଼ିଲା ପୋଲିସ

ଭୁବନେଶ୍ୱର,୨୮।୧(ବ୍ୟୁରୋ)

ରାଜଧାନୀରେ ଅଭିନବ ଉପାୟରେ ବିଭିନ୍ନ ଔଷଧ ଦୋକାନରୁ ଚୋରି କରି ଖସି ପଳାଉଥିବାବେଳେ ପଶ୍ଚିମବଙ୍ଗ ଲୁଟେରା ଗ୍ୟାଙ୍ଗ୍‌ର ୪ ଜଣଙ୍କୁ କମିଶନରେଟ ପୋଲିସ ଗିରଫ କରିଥିଲା। ତେବେ ଏହି ମାମଲାରେ ପୋଲିସ ତଦନ୍ତ ଜାରି ରଖିଥିବାବେଳେ ଅଭିଯୁକ୍ତମାନେ ରହିଥିବା ରାଜଧାନୀର ୨ଟି ହୋଟେଲ କର୍ତ୍ତୃପକ୍ଷ ସରାଇ ଆକ୍ଟର ଅବମାନନା କରିଥିବା ଜଣାପଡିଛି। ଏହି ଆକ୍ଟ ଅନୁଯାୟୀ ହୋଟେଲରେ ରହୁଥିବା ସମସ୍ତ ଅତିଥିଙ୍କ ବିବରଣୀ ଦେବା ପାଇଁ ମାଲିକମାନେ ବାଧ୍ୟ ଅଟନ୍ତି। ହେଲେ ଅଭିଯୁକ୍ତମାନେ ଖାରବେଳନଗର ଓ ଅଶୋକ ନଗରରେ ଥିବା ଦୁଇଟି ହୋଟେଲରେ ଭୁଲ୍ ତଥ୍ୟ ଦେଇ ରହିଥିଲେ ମଧ୍ୟ ମ୍ୟାନେଜର ଓ କର୍ମଚାରୀମାନେ ଯାଞ୍ଚ କରି ନ ଥିଲେ। ଏଥିସହ ଅଭିଯୁକ୍ତଙ୍କ ରହଣି ନେଇ ସରାଇ ଆପ୍ ଜରିଆରେ ପୋଲିସକୁ ମଧ୍ୟ ଜଣାଇ ନ ଥିଲେ। ତେଣୁ ଉକ୍ତ ଦୁଇ ହୋଟେଲର ୨ ମ୍ୟାନେଜରଙ୍କୁ ନୟାପଲ୍ଲୀ ଥାନା ପୋଲିସ ଗୁରୁବାର ଅଟକ ରଖି ଅଧିକ ପଚରାଉଚରା କରିଥିଲା। ପରବର୍ତ୍ତୀ ସମୟରେ ସେମାନଙ୍କୁ ନୋଟିସ ଦେଇ ଛଡ଼ାଯାଇଥିବା ଡିସିପି ଉମାଶଙ୍କର ଦାସ କହିଛନ୍ତି। ଦୁଇଟି ହୋଟେଲର କାଗଜପତ୍ର ଓ ଲାଇସେନ୍ସ ଆଦି ଯାଞ୍ଚ କରାଯାଉଛି। ପୁନର୍ବାର ଉକ୍ତ ହୋଟେଲଦ୍ୱୟ ସରାଇ ଆକ୍ଟର ଅବମାନନା କଲେ ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଡିସିପି କହିଛନ୍ତି।

## ଅନ୍ଧବିଶ୍ୱାସର କାହାଣୀ କହିବ 'ଦମନ୍'

**ରିଲିଜ୍ ହେଲା ଟ୍ରେଲର**

ଭୁବନେଶ୍ୱର,୨୮।୧(ବ୍ୟୁରୋ)

ଅଭିନେତା ବାବୁସାନ ମହାନ୍ତିଙ୍କ ଅଭିନୀତ ତଥା ବହୁ ପ୍ରତୀକ୍ଷିତ ଚଳଚ୍ଚିତ୍ର 'ଦମନ'ର ଟ୍ରେଲର ରିଲିଜ୍ ହୋଇଛି। ଫିଲ୍ମ ନିର୍ମାଣକାରୀ ସଂସ୍ଥା ଜେପି ମୋଶନ୍ ପିକ୍ଚର ଏହାକୁ ସୋସିଆଲ ମିଡିଆ ମାଧ୍ୟମରେ ରିଲିଜ୍ କରାଯାଇଛି।




ନିଛକ ସତ୍ୟ ଓଡ଼ିଆ କାହାଣୀ ଉପରେ ଏହି ଚଳଚ୍ଚିତ୍ର ନିର୍ମାଣ ହୋଇଥିବାରୁ ଫ୍ୟାନ୍‌ମାନଙ୍କ ମଧ୍ୟରେ ପ୍ରଶଂସା ସାଉଁଟିବାରେ ଲାଗିଛି। ଓଡ଼ିଶାର ବିଚ୍ଛିନ୍ନାଞ୍ଚଳ ମାଲକାନଗିରିରେ କିଭଳି ଲୋକ ମ୍ୟାଲେରିଆର ବଶବର୍ତ୍ତୀ ହେଉଥିଲେ ଓ ଅନ୍ଧବିଶ୍ୱାସରେ ବୁଡି ରହି ରୋଗକୁ ଚିହ୍ନି ପାରୁ ନ ଥିଲେ ସେ ବିଷୟରେ ବର୍ଣ୍ଣନା କରାଯାଇଛି। ଏହି ଅଞ୍ଚଳରେ କିପରି ଜଣେ ଡାକ୍ତର ରୋଗ ଆଉ ରୋଗୀଙ୍କୁ ଅନ୍ଧବିଶ୍ୱାସର ଅନ୍ଧାର ଗଳିରୁ ବାହାର କରିବାକୁ ଚେଷ୍ଟା କରୁଛନ୍ତି, ତା' ସହିତ ବାହ୍ୟ ଦୁନିଆରୁ ଅଲଗା ହୋଇ ଡାକ୍ତର ଜଣଙ୍କ କିପରି ନିଜର କର୍ତ୍ତବ୍ୟ ତୁଲାଉଛନ୍ତି ତାହାକୁ ନେଇ ଚଳଚ୍ଚିତ୍ରର କାହାଣୀ ଗତିଶୀଳ ହୋଇଛି। ବାବୁସାନ୍‌ଙ୍କୁ ଏଥିରେ ଡାକ୍ତର ଭୂମିକାରେ ଅଭିନୟ କରୁଥିବାର ଦେଖିବାକୁ ମିଳିବ। ରିଲିଜ୍ ହୋଇଥିବା ଏହାର ଟ୍ରେଲର ଦେଖି ଅଧିକାଂଶ ଓଡ଼ିଆ ଦର୍ଶକ ବହୁତ ପସନ୍ଦ କରିଛନ୍ତି। ଏହା ଓଡ଼ିଆ ଚଳଚ୍ଚିତ୍ର ଜଗତରେ ନୂଆ ଏକ ପରିଚୟ ସୃଷ୍ଟି କରିବ ବୋଲି ସମସ୍ତଙ୍କ ଆଶା। ଚଳଚ୍ଚିତ୍ରର ପ୍ରଯୋଜନାରେ ଦୀପେନ୍ଦ୍ର ସାମଲ ଥିବାବେଳେ ଯୁବ ନିର୍ଦ୍ଦେଶକ ବିଶାଲ ମୌର୍ଯ୍ୟ ଏବଂ ଦେବୀ ପ୍ରସାଦ ଲେଙ୍କା ଏହାର ନିର୍ଦ୍ଦେଶନା ଦେଇଛନ୍ତି।

## ତ୍ରିକୋଣୀୟ ପ୍ରେମକୁ ନେଇ ଛାତ୍ରଙ୍କୁ ଛୁରାମାଡ଼

- ଆକ୍ରମଣରେ ଛାତ୍ରୀ ବି ଆହତ
- ଲୁଟେରା ଭାବି କାବୁ କଲେ ସ୍ଥାନୀୟ ଲୋକେ

ଭୁବନେଶ୍ୱର,୨୮।୧(ବ୍ୟୁରୋ)

ତ୍ରିକୋଣୀୟ ପ୍ରେମକୁ ନେଇ ରାଜଧାନୀରେ ଜଣେ ଛାତ୍ରୀଙ୍କୁ ଆକ୍ରମଣ ହେବା ସହ ଛାତ୍ରଙ୍କୁ ଛୁରାମାଡ଼ ହୋଇଛି। ପ୍ରଥମ ପ୍ରେମିକଙ୍କ ଛୁରାମାଡ଼ରେ ଦ୍ୱିତୀୟ ପ୍ରେମିକ ଆହତ ହୋଇଛନ୍ତି। ଚନ୍ଦ୍ରଶେଖରପୁର ଥାନା ଅନ୍ତର୍ଗତ ଶୈଳଶ୍ରୀବିହାର ଅଞ୍ଚଳରେ ଶୁକ୍ରବାର ଏହି ଘଟଣା ଘଟିଛି। ଛୁରା ମାଡ଼ରେ ଗୁରୁତର ଆହତ ଛାତ୍ରଙ୍କୁ ସ୍ଥାନୀୟ ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ପୋଲିସ ଛୁରା ମାଡ଼ କରିଥିବା ଅନ୍ୟଜଣେ ଛାତ୍ରଙ୍କୁ ଅଟକ ରଖି ପଚରାଉଚରା କରୁଛି। ତେବେ ରିପୋର୍ଟ ଲେଖାହେବା ପର୍ଯ୍ୟନ୍ତ ଏନେଇ ଥାନାରେ ମାମଲା ରୁଜୁ ହୋଇ ନ ଥିବାବେଳେ ଦୁଇପକ୍ଷ ଆପୋସ ସାମାଧାନ ପାଇଁ ଚେଷ୍ଟା କରୁଥିବାସୂଚନା ମିଳିଛି।

ସୂଚନା ଅନୁଯାୟୀ, ପୁରୀ ଜିଲାର ଜଣେ ଯୁବତୀ ସ୍ଥାନୀୟ ଥାନା ଅଞ୍ଚଳର ଏକ ଘରୋଇ ଇଞ୍ଜିନିୟରିଂ କଲେଜରେ ବି.ଟେକ୍ ଶେଷବର୍ଷରେ ପଢୁଛନ୍ତି। ସେହି କଲେଜରେ ପଢୁଥିବା ଜଗତ୍‌ସିଂପୁର ଜିଲାର ଜଣେ ଛାତ୍ର ଦୁଇବର୍ଷ ହେବ ତାଙ୍କୁ ପ୍ରେମ କରୁଥିଲେ। ଇତିମଧ୍ୟରେ ଅନ୍ୟଏକ ଇଞ୍ଜିନିୟରିଂ କଲେଜରେ ପଢୁଥିବା ପୁରୀ ଜିଲାର ଜଣେ ଛାତ୍ର ସମ୍ପୃକ୍ତ ଯୁବତୀଙ୍କୁ ମଧ୍ୟ ଭଲପାଇ ବସିଥିଲେ। ଶୁକ୍ରବାର ସନ୍ଧ୍ୟାରେ ଶୈଳଶ୍ରୀବିହାର ଛକ ରାସ୍ତାରେ ଦ୍ୱିତୀୟ ପ୍ରେମିକ ଉକ୍ତ ଯୁବତୀଙ୍କ ସହ ବୁଲାବୁଲି କରୁଥିଲେ। ଏନେଇ ପ୍ରଥମ ପ୍ରେମିକ ଖବରପାଇ ତାଙ୍କ ସାଙ୍ଗ ସହ ସେଠାକୁ ଆସି ଯୁବତୀଙ୍କୁ ମାଡ଼ ମାରିଥିଲେ। ଘଟଣାକୁ ନେଇ ସେମାନଙ୍କ ମଧ୍ୟରେ ଝଗଡ଼ା ହୋଇଥିଲା। ତେବେ ଯୁବତୀଙ୍କ ସହ ବୁଲିଥିବା ଦ୍ୱିତୀୟ ପ୍ରେମିକ ପ୍ରତିବାଦ କରିବାରୁ ସେମାନଙ୍କ ମଧ୍ୟରେ ବଚସା ହୋଇଥିଲା। ଏହି ସମୟରେ ପ୍ରଥମ ପ୍ରେମିକ ସାଙ୍ଗରେ ଆଣିଥିବା ଏକ ଛୁରିରେ ଦ୍ୱିତୀୟ ପ୍ରେମିକଙ୍କୁ ବାରମ୍ବାର ଆକ୍ରମଣ କରିଥିଲେ। ଚିତ୍କାର ଶୁଣି ସ୍ଥାନୀୟ ଲୋକେ ଲୁଟ୍ ଘଟଣା ଭାବି ସମସ୍ତଙ୍କୁ କାବୁ କରି ପୋଲିସକୁ ଖବର ଦେଇଥିଲେ।

## କବିତା, ଗଳ୍ପ ସଂକଳନ ଲୋକାର୍ପିତ

ଭୁବନେଶ୍ୱର,୨୮।୧(ବ୍ୟୁରୋ)

ଡ. ଆଭାଞ୍ଜଳି ଶତପଥୀଙ୍କ କବିତା ସଂକଳନ 'ମଧୁର ମୂର୍ଚ୍ଛନା' ଓ ଗଳ୍ପ ସଂକଳନ 'ସମର୍ପଣ' ଶୁକ୍ରବାର ଉନ୍ମୋଚିତ ହୋଇଯାଇଛି। ଉତ୍ସବରେ ବରିଷ୍ଠ ଲେଖକ ସୁରେଶ ଚନ୍ଦ୍ର ମହାପାତ୍ର ଅଧ୍ୟକ୍ଷତା କରିଥିଲେ। କୃପାସାଗର ସାହୁ ପ୍ରାରମ୍ଭିକ ଅଭିଭାଷଣ ରଖି ବହୁ ପଠନ, ଭ୍ରମଣ ଏବଂ ବହୁ ଲିଖନ ସୃଷ୍ଟିର ସଫଳତାର ଚାବିକାଠି ବୋଲି କହିଥିଲେ। କାର୍ଯ୍ୟକ୍ରମରେ ପ୍ରଖ୍ୟାତ ଗାଳ୍ପିକ ପ୍ରଦୋଷ ମିଶ୍ର ଉପସ୍ଥିତ ରହି କହିଥିଲେ, ସାହିତ୍ୟ ମନୁଷ୍ୟକୁ ଚିରନ୍ତନ ଆନନ୍ଦ ଦିଏ। ପ୍ରତ୍ୟେକ ମାନବ ଜଣେ ଜଣେ କଳାକାର। କେହି କେହି ଏହାକୁ ପ୍ରକାଶ କରନ୍ତି, ଅନ୍ୟ କେତେଜଣ ଏହାକୁ ଶ୍ରଦ୍ଧାରେ ଗ୍ରହଣ କରିଥା'ନ୍ତି। ସେଥିପାଇଁ ସାହିତ୍ୟ ବଞ୍ଚି ରହିଛି। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ କବି ଦୁର୍ଗାଚରଣ ଷଡ଼ଙ୍ଗୀ, କବି ଅଶୋକ ମହାନ୍ତି ଏବଂ ଲେଖିକା ମମତା ପଟ୍ଟନାୟକ ଉପସ୍ଥିତ ଥିଲେ। ପ୍ରକାଶକ ତଥା ସତ୍ୟମ୍ ବୁକ୍ ଏଜେନ୍ସିର ନୀଳଚକ୍ର ଦାଶ ଧନ୍ୟବାଦ ଦେଇଥିଲେ।

## ସିଦ୍ଧ ମହାବୀରଙ୍କ ମନ୍ଦିର ପ୍ରତିଷ୍ଠା ଉତ୍ସବ



ଅସ୍ତରଙ୍ଗ,୨୮।୧(ଡି.ଏନ୍.ଏ.)- ପୁରୀ ଜିଲା ଅସ୍ତରଙ୍ଗ ବ୍ଲକ ଅଧୀନ ଜିଉଁନ୍ତି ଗ୍ରାମର ପ୍ରସିଦ୍ଧ ଶୈବପୀଠ ଶ୍ରୀ ଶ୍ରୀ ଈଶ୍ୱରନାଥଙ୍କ ମନ୍ଦିର ପରିସରରେ ଏକ ନବନିର୍ମିତ ସିଦ୍ଧ ମହାବୀରଙ୍କ ମନ୍ଦିରର ପ୍ରତିଷ୍ଠା ଉତ୍ସବ କୋଭିଡ୍ କଟକଣା ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି। ଗତ ୨୫ ତାରିଖରେ ଜଳାଧିବାସ, ୨୬ ତାରିଖରେ ଯଜ୍ଞାରମ୍ଭ ହୋଇ ୨୭ ତାରିଖରେ ସ୍ୱତନ୍ତ୍ର ରୀତିନୀତି ପୂର୍ବକ ପ୍ରଭୁ ସିଦ୍ଧ ମହାବୀରଙ୍କ ବିଗ୍ରହ ପ୍ରତିଷ୍ଠା କରାଯାଇ ଯଜ୍ଞରେ ପୂର୍ଣ୍ଣାହୁତି ହୋଇଥିଲା। ଉତ୍ସବରେ ଜିଉଁନ୍ତି ଗ୍ରାମ ସହିତ ଆଖପାଖ ଅଞ୍ଚଳରୁ ଅନେକ ଶ୍ରଦ୍ଧାଳୁ ଯୋଗଦେଇ ମହାବୀରଙ୍କ ଦର୍ଶନ କରିବା ସହ ପୂଜାର୍ଚ୍ଚନା କରିଥିଲେ। ପରେ ଅନୁଷ୍ଠାନ ତରଫରୁ ଶ୍ରଦ୍ଧାଳୁଙ୍କ ନିମନ୍ତେ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିଲା। ପଣ୍ଡିତ ଅମୂଲ୍ୟ କୁମାର କରଙ୍କ ନେତୃତ୍ୱରେ ଏକ ୭ଜଣିଆ ପଣ୍ଡିତ ମଣ୍ଡଳୀ ଯୋଗଦେଇ ପ୍ରତିଷ୍ଠା ଉତ୍ସବ ଏବଂ ଯଜ୍ଞ କାର୍ଯ୍ୟ ତୁଲାଇଥିବା ବେଳେ କର୍ତ୍ତାକର୍ତ୍ତା ଭାବେ ମନ୍ଦିର ବଡ଼ପଣ୍ଡା ପ୍ରଫୁଲ୍ଲ କୁମାର ପଣ୍ଡା ଏବଂ ଶକୁନ୍ତଳା ପଣ୍ଡା ଦାୟିତ୍ୱ ନିର୍ବାହ କରିଥିଲେ। ଗ୍ରାମର ଗୋପବନ୍ଧୁ ଯୁବ ସାମାଜିକ ସଂଗଠନର ସମସ୍ତ କର୍ମକର୍ତ୍ତା ଉକ୍ତ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

## ଚାଇଲ୍ଡ ଆଣ୍ଡ୍ ଓ୍ୱମେନ୍ ଡେଭଲପ୍‌ମେଣ୍ଟ ସୋସାଇଟି ଲୋଗୋ ଉନ୍ମୋଚିତ

ଭୁବନେଶ୍ୱର, ୨୮।୧ (ବ୍ୟୁରୋ)

ଚାଇଲ୍ଡ ଆଣ୍ଡ୍ ଓ୍ୱମେନ୍ ଡେଭଲପ୍‌ମେଣ୍ଟ ସୋସାଇଟିର ଲୋଗୋକୁ ଶୁକ୍ରବାର ରାଜଭବନଠାରେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ଉନ୍ମୋଚନ କରିଛନ୍ତି। ଏହି ଅବସରରେ ରାଜ୍ୟପାଳ କହିଛନ୍ତି, ଲୋକସେବା ହେଉଛି ଈଶ୍ୱରଙ୍କ ଶ୍ରେଷ୍ଠ ଅର୍ଚ୍ଚନା। ପ୍ରତ୍ୟେକ ମଣିଷ ଈଶ୍ୱରଙ୍କ ଅଂଶ ବିଶେଷ ଏବଂ ଏହି ଚେତନାର ବ୍ୟାପକ ପ୍ରସାର ହେବା ଦରକାର। ନିଜକୁ ଅନ୍ୟ ଭିତରେ ଅନୁଭବ କରିବା ହିଁ ଆଧ୍ୟାତ୍ମିକତା। ଅନ୍ୟର ସେବାରେ ଯେଉଁ ଆନନ୍ଦ ମିଳେ ତା'ର ବିକଳ୍ପ ନାହିଁ। ଜନତାର ସେବା ହିଁ ଜଗନ୍ନାଥଙ୍କ ସେବା ବୋଲି ରାଜ୍ୟପାଳ କହିଛନ୍ତି। ଏଥିସହ ଅନୁଷ୍ଠାନ ପକ୍ଷରୁ ଦିବ୍ୟାଙ୍ଗଙ୍କ ଉନ୍ନତିକଳ୍ପେ ସମର୍ପିତ ପ୍ରୋଜେକ୍ଟ 'ଦେବଦତ୍ତ'କୁ ଲୋକାର୍ପଣ କରିଛନ୍ତି। ଅନୁଷ୍ଠାନର ମୁଖ୍ୟପ୍ରଫେସର କଳ୍ପନା ଦାସବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ। ରାଜଭବନର ଅଧିକାରୀଙ୍କ ସମେତ ଅନୁଷ୍ଠାନର ସ୍ୱେଚ୍ଛାସେବୀମାନେ ଉପସ୍ଥିତ ଥିଲେ।

## ହେଲ୍‌ମେଟ୍ ପାଇଁ 'ପୁଷ୍ପା' ଫଣ୍ଡା

**ଭୁବନେଶ୍ୱର,୨୮।୧(ବ୍ୟୁରୋ):** ସାଉଥ୍ ବ୍ଲକ୍‌ବଷ୍ଟର ଫିଲ୍ମ 'ପୁଷ୍ପା'କୁ ନେଇ ଏବେ ସବୁଠି କ୍ରେଜ୍ ଦେଖିବାକୁ ମିଳିଛି। ସବୁଠି ଏହି ଫିଲ୍ମର ଡାଏଲଗ, ଗୀତ ଚର୍ଚ୍ଚା ହେଉଥିବା ବେଳେ ରାଜ୍ୟ ପରିବହନ କର୍ତ୍ତୃପକ୍ଷ (ଏସ୍‌ଟିଏ) ହେଲ୍‌ମେଟ୍ ପିନ୍ଧିବା ନେଇ ଆପଣାଇଛି ପୁଷ୍ପା ଫଣ୍ଡା। ଫିଲ୍ମର ଡାଏଲଗ ଭଳି ଏଣିକି ପୁଷ୍ପା ହେଉ କି ପୁଷ୍ପରାଜ। ବିନା ହେଲ୍‌ମେଟ୍ ଚାଲାଣ ସମସ୍ତଙ୍କର କଟିବ ବୋଲି ସତର୍କ କରାଇଛି ଏସ୍‌ଟିଏ। ବାଇକ୍ ଚଳାଇବା ବେଳେ ହେଲ୍‌ମେଟ୍ ପିନ୍ଧିବା ଲାଗି ଏସ୍‌ଟିଏ ପରାମର୍ଶ ଦେଇଛି। ହେଲ୍‌ମେଟ୍ ନ ପିନ୍ଧିଲେ କାହାରିକୁ ଛଡ଼ାଯିବନି, ଫାଇନକଟାଯିବ। ହେଲ୍‌ମେଟ୍ ନ ପିନ୍ଧି ଆପଣ ନିଜ ଜୀବନକୁ ବିପଦରେ ପକାଉଛନ୍ତି। ଦ୍ରୁତ ଗାଡ଼ି ଚଳାନ୍ତୁ ନାହିଁ, ଗାଡ଼ି ଚଳାଇଲା ବେଳେ ହେଲ୍‌ମେଟ୍ ପିନ୍ଧନ୍ତୁ। ପରିବହନ ବିଭାଗ ଏପରି ସଚେତନାତ୍ମକ ବାର୍ତ୍ତା ନିୟମିତ ଦେଇ ଆସୁଛି। ହେଲେ ବେପରୁଆମାନେ ଏଥିପ୍ରତି ତିଳେ ମାତ୍ର ଧ୍ୟାନ ଦେଉନାହାନ୍ତି। ସବୁ ନିୟମକୁ ଅମାନ୍ୟ କରି ଦ୍ରୁତ ଗତିରେ ଗାଡ଼ି ଚଳାଉଛନ୍ତି। ଆଉ ଗାଡ଼ି ଚଳାଇଲା ବେଳେ ହେଲ୍‌ମେଟ୍ ପିନ୍ଧୁ ନାହାନ୍ତି। ଯେଉଁଥିପାଇଁ ଦୁର୍ଘଟଣାର ଶିକାର ହୋଇ ନିଜେ ମୃତ୍ୟୁ ମୁଖରେ ପଡ଼ିବା ସହିତ ଅନ୍ୟ ପ୍ରତି ବିପଦ ଆଣୁଛନ୍ତି। ତେଣୁ ହେଲ୍‌ମେଟ୍ ପିନ୍ଧିବା ପାଇଁ ଏସ୍‌ଟିଏ ଏଭଳି ଉପାୟ ଆପଣାଇ ସଚେତନତା କରୁଛି।





ଚାଇଲ୍ଡ ଆଣ୍ଡ୍ ଓ୍ୱମେନ୍ ଡେଭଲପ୍‌ମେଣ୍ଟ ସୋସାଇଟିର ନୂତନ ଲୋଗୋକୁ ଶୁକ୍ରବାର ରାଜଭବନଠାରେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ଉନ୍ମୋଚନ କରୁଛନ୍ତି।


ଭୁବନେଶ୍ୱର ୟୁନିଟ୍-୪ ସରକାରୀ ହସ୍ପିଟାଲ୍‌ରେ କୋଭିଡ୍ ପରୀକ୍ଷା ପାଇଁ ଜଣେ ଯୁବତୀଙ୍କ ସ୍ୱାବ୍ ସଂଗ୍ରହ କରାଯାଉଛି।


ଖୋର୍ଦ୍ଧା ଜିଲା ବୋଲଗଡ଼ ବ୍ଲକ ଖଙ୍ଗୁରିଆ ମିନି ଷ୍ଟାଡିୟମରେ ଚାଲିଥିବା ମା' ରାମଚଣ୍ଡୀ କ୍ରିକେଟ ଟୁର୍ନାମେଣ୍ଟର ଉଦ୍‌ଯାପନୀ ଉତ୍ସବରେ ଚାମ୍ପିୟନ ନୟାଗଡ଼ର ରମାବିଲ ଦଳର ଖେଳାଳିମାନେ ପୁରସ୍କାର ଗ୍ରହଣ କରୁଛନ୍ତି।

## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୨୮।୧।୨୦୨୨

| ୩୧୩୮ ଟଙ୍କା | |
|---|---|
| ସୁନା | ମିଳିନାହିଁ |
| ରୁପା | ମିଳିନାହିଁ |

# ନୂଆ ରୂପ ଅପେକ୍ଷାରେ ନୀଳାଚଳ ଅର୍ବାନ ହାଟ

ପୁରୀ ଅଫିସ,୨୮।୧:

ହସ୍ତଶିଳ୍ପ ଓ ବୟନ ଶିଳ୍ପର ପ୍ରଚାର ପ୍ରସାର ତଥା ପର୍ଯ୍ୟଟକଙ୍କ ମଧ୍ୟରେ ଏହି ସାମଗ୍ରୀର ଚାହିଦା ବଢ଼ାଇବା ପାଇଁ ୨୦୦୯ରେ ପୁରୀରେ କାର୍ଯ୍ୟକ୍ଷମ ହୋଇଥିଲା ନୀଳାଚଳ ଅର୍ବାନ ହାଟ। ଏଠାକୁ ରାଜ୍ୟ ଓ ରାଜ୍ୟ ବାହାରର ଲୋକେ ବୁଲିବାକୁ ଆସିବା ସହ ମନପସନ୍ଦର ସାମଗ୍ରୀ କିଣାକିଣି କରୁଥିଲେ। ତେବେ ୨୦୧୯ ଫନୀ ବାତ୍ୟାରେ ଏହି ହାଟର ଭିତ୍ତିଭୂମି କ୍ଷତିଗ୍ରସ୍ତ ହୋଇଥିଲା। ସେବେଠୁ ଏହା ଆଜିପର୍ଯ୍ୟନ୍ତ ସେମିତି ଭଗ୍ନାବସ୍ଥାରେ ପଡ଼ିରହିଛି। ପୁନରୁଦ୍ଧାର ଅପେକ୍ଷାରେ ଥିବା ଏହି ଅର୍ବାନ୍ ହାଟ ପ୍ରତି ପ୍ରଶାସନର ନଜର ପଡୁନାହିଁ।

କେନ୍ଦ୍ର ସରକାରଙ୍କ ଏକ ପ୍ରକଳ୍ପ ଅଧୀନରେ ୧୧ କୋଟି ଟଙ୍କା ବ୍ୟୟରେ ଏହି ହାଟ ପ୍ରତିଷ୍ଠା କରାଯାଇଥିଲା। ଏହାକୁ ତତ୍କାଳୀନ ରାଷ୍ଟ୍ରପତି ପ୍ରତିଭା ଦେବୀ ସିଂ ପାଟିଲ ଉଦ୍‌ଘାଟନ କରିଥିଲେ। ଇଡ୍‌କୋ ଏବଂ ରାଜ୍ୟ ପର୍ଯ୍ୟଟନ ବିଭାଗ ଏହି ହାଟ ପରିଚାଳନା କରୁଥିଲେ। ଏଠାରେ ୩୯ଟି



ସାଂସ୍କୃତିକ କାର୍ଯ୍ୟକ୍ରମ ପାଇଁ ହାଟ ପରିସରରେ ଥିବା ମଣ୍ଡପ ।

ଶପିଂ କାଉଣ୍ଟର ଥିବାବେଳେ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରାଇବା ପାଇଁ ଜଳ ଫୁଆରା, ସାଂସ୍କୃତିକ କାର୍ଯ୍ୟକ୍ରମ ପାଇଁ ମଣ୍ଡପ ପ୍ରଭୃତି ନିର୍ମାଣ ହୋଇଥିଲା। ଫଳରେ ଏଠାକୁ ଲୋକଙ୍କ ସୁଅ ଛୁଟିଥିଲା। ପ୍ରାୟ ଦୁଇବର୍ଷ ପର୍ଯ୍ୟନ୍ତ ହାଟ ଭଲ ଚାଲିଲା। ପରେ ବିଭିନ୍ନ କାରଣରୁ ଏଠାକୁ ପର୍ଯ୍ୟଟକ ଓ ଗ୍ରାହକଙ୍କ ଆଗମନ ସଂଖ୍ୟା କମିଲା। ୨୦୧୯ ଫନୀ ମହାବାତ୍ୟାରେ ଏହି ହାଟ ସମ୍ପୂର୍ଣ୍ଣ ରୂପେ କ୍ଷତିଗ୍ରସ୍ତ ହୋଇଥିଲା। ଏହାପରଠୁ ଆଉ ହାଟ ପ୍ରତି ପ୍ରଶାସନ ଦୃଷ୍ଟି ଦେଇନାହିଁ। ସଂସ୍କୃତିପ୍ରେମୀ ଶ୍ୟାମପ୍ରକାଶ ସେନାପତି କହିଛନ୍ତି, ଅର୍ବାନ ହାଟରେ ହସ୍ତଶିଳ୍ପର ପ୍ରଚାର ପ୍ରସାର ସହ ଏଠାକାର ମଞ୍ଚରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହେଉଥିଲା। ପ୍ରତି ସନ୍ଧ୍ୟାରେ ଭିଡ଼ ଜମୁଥିଲା। ପର୍ଯ୍ୟଟକଙ୍କୁ ହସ୍ତଶିଳ୍ପ ସାମଗ୍ରୀ ଯୋଗାଇଦେବା ପାଇଁ ଏହା ଏକ ଭଲ ପ୍ଲାଟଫର୍ମ ଥିଲା। ସେହିପରି ସ୍ୱାଧୀନ ପଣ୍ଡା କହିଛନ୍ତି, ଜିଲା ପ୍ରଶାସନର ଅପାରଗତା ଯୋଗୁ ଏଭଳି ସ୍ଥିତି ଉପୁଜିଲା। ଅର୍ବାନ ହାଟଠାରୁ ଚକ୍ରତୀର୍ଥ ରୋଡ୍ ଦେଇ ବେଳାଭୂମିକୁ ସଂଯୋଗକରି ରାସ୍ତା ନିର୍ମାଣ ସହ ପୁଣି ଅର୍ବାନ ହାଟର ପୁନରୁଦ୍ଧାର ନେଇ ଯୋଜନା ଚାଲିଛି ବୋଲି ବର୍ଷକ ତଳେ ଜିଲାପାଳ ସମର୍ଥ ବର୍ମା କହିଥିଲେ। ମାତ୍ର ଏପର୍ଯ୍ୟନ୍ତ କୌଣସି ପଦକ୍ଷେପ ନିଆଯାଇ ନାହିଁ। ସ୍ଥାନୀୟ ବାସିନ୍ଦା ଏ. କ୍ରିଷ୍ଣାକୁମାର କହିଛନ୍ତି, ଫନୀ ମହାବାତ୍ୟା ପରଠାରୁ ଅର୍ବାନ ହାଟର ଭିତ୍ତିଭୂମି ଭୁଶୁଡ଼ିଯାଇଛି। ତେବେ କେବଳ ଭିତ୍ତିଭୂମି ଭୁଶୁଡ଼ିବା କାରଣରୁ ଅର୍ବାନ ହାଟ ଧ୍ୱଂସ ହୋଇଛି ଏକଥା ଭାବିବା ଭୁଲ୍ ହେବ। ଜିଲା ପ୍ରଶାସନ ଦୋକାନ ଆବଣ୍ଟନ କରି ଯେଉଁ ଭଡ଼ା ଆଦାୟ କରୁଥିଲେ ତାହା ଅନେକଙ୍କୁ ବାଧୁଥିଲା। ଚଢ଼ା ଦର ହେତୁ ଅନେକ ଦୋକାନୀ ଅର୍ବାନ ହାଟରେ ବେପାର ବନ୍ଦ କରିଦେଲେ। ଧିରେ ଧିରେ ଅନ୍ୟ ଦୋକାନୀମାନେ ବି ଏଠାରୁ ମୁହଁ ଫେରାଇ ନେଲେ। ଯଦି ଏବେ ପୁଣି ହାଟ ପୁନରୁଦ୍ଧାର ପାଇଁ ଚିନ୍ତା କରାଯାଉଛି, ତା'ହେଲେ ଦୋକାନ ନିଲାମ ବେଳେ ଠିକ ଭଡ଼ା ଓ ଦର ନିର୍ଦ୍ଧାରଣ ହେବା ଦରକାର। ଅନ୍ୟପକ୍ଷରେ ଏ ନେଇ ଉପଜିଲାପାଳ ଭବତାରଣ ସାହୁ କହିଛନ୍ତି, ଅର୍ବାନ ହାଟକୁ କାର୍ଯ୍ୟକ୍ଷମ କରାଯିବା ପାଇଁ ପ୍ରୟାସ ଓ ପ୍ରସ୍ତୁତି ଚାଲିଛି।

## ସଂକ୍ଷେପରେ

### ମଦ ଜବତ, ୪ ଗିରଫ

**କଟକ ଅଫିସ, ୨୮।୧:** ମଙ୍ଗଳାବାଗ୍ ପୋଲିସ ୨ଟି ସ୍ଥାନରେ ଚଢ଼ାଉ କରି ୪ ଜଣ ମଦ ବ୍ୟବସାୟୀଙ୍କୁ ଗିରଫ କରି ଶୁକ୍ରବାର କୋର୍ଟଚାଲାଣ କରିଛି। ସେମାନେ ହେଲେ ରାଣୀହାଟ ତେଲିସାହି ଅଞ୍ଚଳର ବିଶ୍ୱମୟ ସାହୁ, ମେଡିକାଲ ରୋଡ୍ ଅଞ୍ଚଳର ଉମା ପ୍ରସାଦ ବେହେରା, ମଙ୍ଗଳାବାଗ୍ ଥାନା ଅନ୍ତର୍ଗତ ଉଚ୍ଚସାହିର ଲୋକନାଥ ବେହେରା ଓ ସୁରଜ କୁମାର ସାହୁ। ସେମାନଙ୍କ ନିକଟରୁ ୧୩ ଲିଟରରୁ ଉର୍ଦ୍ଧ୍ୱ ଦେଶୀ ମଦ ଜବତ କରାଯାଇଛି। ଏସ୍‌ସିବି ମେଡିକାଲ କଲେଜ ଆଣ୍ଡ୍ ହସ୍ପିଟାଲ ଫାଟକ ସମ୍ମୁଖରେ ବିଶ୍ୱମୟ ଓ ଉମା ମଦ ବିକ୍ରି କରୁଥିବାବେଳେ ପୋଲିସ ଚଢ଼ାଉ କରି ସେମାନଙ୍କୁ ଗିରଫ କରିଥିଲା। ସେମାନଙ୍କ ନିକଟରୁ ୭ ଲିଟର ମଦ ଓ ସ୍କୁଟି ଜବତ କରାଯାଇଥିଲା। ସେହିପରି ସ୍ଥାନୀୟ ହାଡ଼ିଆପଠାରେ ଲୋକନାଥ ଓ ସୁରଜ ମଦ ବିକ୍ରି କରୁଥିବାବେଳେ ପୋଲିସ ଗିରଫ କରିଥିଲା ବୋଲି ଡିସିପି ପ୍ରତୀକ୍ ସିଂ ସୂଚନା ଦେଇଛନ୍ତି।

### ଶ୍ୟାମାମଣି ଦେବୀଙ୍କୁ ସମ୍ବର୍ଦ୍ଧନା

**କଟକ ଅଫିସ, ୨୮।୧:** ପଦ୍ମଶ୍ରୀ ସମ୍ମାନରେ ସମ୍ମାନିତ ହେବାକୁ ଥିବା ଡ. ଶ୍ୟାମାମଣି ଦେବୀଙ୍କୁ ତାଙ୍କ ବାସଭବନରେ ବିଜେଡି ପକ୍ଷରୁ ଶୁକ୍ରବାର ସମ୍ବର୍ଦ୍ଧିତ କରାଯାଇଛି। ପୂର୍ବତନ ବିଧାୟକ ଦେବାଶିଷ ସାମନ୍ତରାୟ ତାଙ୍କୁ ସମ୍ମାନିତ କରି କହିଛନ୍ତି, ଶ୍ୟାମାମଣି ଦେବୀ ଶାସ୍ତ୍ରୀୟ ସଙ୍ଗୀତ ଧାରାର ଏକ ବଳିଷ୍ଠ ଉଚ୍ଚାରଣ। ଶାସ୍ତ୍ରୀୟ ସଙ୍ଗୀତ, ଛାନ୍ଦ, ଲୋକଗୀତ ଓ ଭକ୍ତି ସଂଗୀତରେ ବଳିଷ୍ଠ ଅବଦାନ ପାଇଁ ସେ ପଦ୍ମଶ୍ରୀ ସମ୍ମାନରେ ସମ୍ମାନିତ ହେବାକୁ ଯାଉଛନ୍ତି। ଏହି କାର୍ଯ୍ୟକ୍ରମରେ ଓଡ଼ିଶା ମୋ ପରିବାର କଟକ ସିଟି ସଂଯୋଜକ ରଞ୍ଜନ ବିଶ୍ୱାଳ ଉପସ୍ଥିତ ଥିଲେ।

### ନଗର କଂଗ୍ରେସ କମିଟି ବୈଠକ

**କଟକ ଅଫିସ, ୨୮।୧:** କଟକ ନଗର କଂଗ୍ରେସ କମିଟି ବୈଠକ ସ୍ଥାନୀୟ ବିଦ୍ୟାଧରପୁରଠାରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଧାୟକ ଇଂ. ମହମ୍ମଦ ମୋକିମ ଯୋଗଦେଇ କହିଥିଲେ, ଆଞ୍ଚଳିକ ଉନ୍ନୟନ ପାଣ୍ଠି ସହାୟତାରେ ବିଦ୍ୟାଧରପୁର ଗ୍ରାମ ମନ୍ଦିରର ଉନ୍ନତୀକରଣ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଛି। ଏଥିସହିତ ନୂତନ ରାସ୍ତା ନିର୍ମାଣ ଓ ଗ୍ରାମ ଆଲୋକୀକରଣ କାର୍ଯ୍ୟ ମଧ୍ୟ ଶେଷ କରାଯାଇଛି। ଗତ ସାଧାରଣ ନିର୍ବାଚନ ଭଳି ଆଗାମୀ ପୌର ନିର୍ବାଚନରେ ଗ୍ରାମବାସୀଙ୍କ ସହଯୋଗ ରହିବ ବୋଲି ମୋକିମ ଆଶା ପ୍ରକାଶ କରିଥିଲେ। ନଗର କଂଗ୍ରେସ ସଭାପତି ଗିରିବାଳା ବେହେରାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ବୈଠକରେ ୱାର୍ଡ ସଭାପତି ପ୍ରଦୋଷ ଦାସ, ଧରଣୀ ସାହୁ, ଜଳଧର ପ୍ରଧାନ, ନଟିଆ ବେହେରା, ରଞ୍ଜନ ବେହେରା, ସାରଥି ରାଉତ, କିଶୋର ରାଉତ, କୁନା ରାଉତ, ଆଲୋକ ମହନ୍ତ, ବାପି ପ୍ରଧାନ ପ୍ରମୁଖ ଯୋଗଦେଇଥିଲେ।



ସ୍ୱାଧୀନତା ପାଇଁ ଉତ୍ସର୍ଗୀକୃତ ସଂଗ୍ରାମୀଙ୍କ ଉଦ୍ଦେଶ୍ୟରେ ଶୁକ୍ରବାର ଗୁଣ୍ଡିଚା ମନ୍ଦିରସ୍ଥିତ ଶରଧା ବାଲିରେ ଦେଶ ପାଇଁ ଦୀପଟିଏ କାର୍ଯ୍ୟକ୍ରମ ।

## ଅନ୍‌ଲାଇନରେ ମିଳିବ ଜନ୍ମମୃତ୍ୟୁ ପଞ୍ଜୀକରଣ ସାର୍ଟିଫିକେଟ

କଟକ ଅଫିସ, ୨୮।୧

ଜନ୍ମ ଓ ମୃତ୍ୟୁ ପଞ୍ଜୀକରଣ ସାର୍ଟିଫିକେଟ ପାଇବା ପାଇଁ ଏଣିକି ଲୋକଙ୍କୁ ପିଏଚ୍‌ସି, ସିଏଚ୍‌ସି ଓ ମ୍ୟୁନିସିପାଲିଟିକୁ ଦୌଡ଼ିବାକୁ ପଡ଼ିବ ନାହିଁ। ଉକ୍ତ ସାର୍ଟିଫିକେଟ ଅନ୍‌ଲାଇନ ମାଧ୍ୟମରେ ଜନସେବା କେନ୍ଦ୍ରଗୁଡ଼ିକରୁ ମିଳିପାରିବ। ରାଜ୍ୟ ସରକାରଙ୍କ ଜନ୍ମ ଓ ମୃତ୍ୟୁ ପଞ୍ଜୀକରଣ ନୂତନ ପଦ୍ଧତି ମାଧ୍ୟମରେ ରାଜ୍ୟର ୩୧୪ ଗ୍ରାମୀଣ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ୧୧୪ ଇ-ପୌରାଞ୍ଚଳରେ ଏହି ସେବା ଉପଲବ୍ଧ ହେବା ପାଇଁ ୱେବ୍‌ସାଇଟ୍ ସଂଯୋଗ କରାଯାଇଛି। ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଜାନୁୟାରୀ ୧ ତାରିଖରେ www.birthdeath.odisha.gov.in ୱେବସାଇଟ୍ ସଂଯୋଗର ଶୁଭାରମ୍ଭ ହୋଇଛି। ଜନସାଧାରଣ ଏହି ୱେବ୍‌ସାଇଟ୍ ମାଧ୍ୟମରେ ନିଜ ଅଞ୍ଚଳରେ ଥିବା ଜନସେବା କେନ୍ଦ୍ରଗୁଡ଼ିକରୁ ଜନ୍ମ ଓ ମୃତ୍ୟୁ ପଞ୍ଜୀକରଣ ସାର୍ଟିଫିକେଟ ପାଇପାରିବେ ବୋଲି ଜିଲା ସୂଚନା ଓ ଲୋକସମ୍ପର୍କ କାର୍ଯ୍ୟାଳୟ ପକ୍ଷରୁ ଶୁକ୍ରବାର ଏକ ପ୍ରେସ୍ ବିବୃତିରେ ସୂଚନା ଦିଆଯାଇଛି।

## ଟ୍ରେଲରରେ ପିଟିହେଲା ବସ୍, ୨ ଆହତ

ଚୌଦ୍ୱାର,୨୮।୧(ଡି.ଏନ୍.ଏ.)

୧୬ ନମ୍ବର ଜାତୀୟ ରାଜପଥର ଟାଙ୍ଗୀ ଥାନା ଅନ୍ତର୍ଗତ ବଇଁଚୁଆ ଛକ ନିକଟରେ ଶୁକ୍ରବାର ମଧ୍ୟାହ୍ନରେ ଏକ ଟ୍ରେଲର ପଛରେ ଯାତ୍ରୀବାହୀ ବସ୍ ପିଟି ହୋଇଯାଇଛି। ଏଥିରେ ଟ୍ରେଲର ଚାଳକ ଓ ବସ୍‌ର ଆଗ ସିଟ୍‌ରେ ବସିଥିବା ଜଣେ ଯାତ୍ରୀ ସାମାନ୍ୟ ଆହତ ହୋଇଛନ୍ତି। ପ୍ରତ୍ୟକ୍ଷଦର୍ଶୀଙ୍କ କହିବାନୁଯାୟୀ, ଭୁବନେଶ୍ୱରରୁ ଏକ ଯାତ୍ରୀବାହୀ ବସ୍ ଯାଜପୁର ଜିଲା ମଙ୍ଗଳପୁର ଅଭିମୁଖେ ଯାଉଥିଲା। ଏହି ସମୟରେ ଆଗରେ ଯାଉଥିବା ଲୁହା ପାଇପ୍ ବୋଝେଇ ଟ୍ରେଲରର ଚାଳକ ହଠାତ୍ ବ୍ରେକ୍ ମାରିବାକୁ ପଛରୁ ଉକ୍ତ ବସ୍ ଭାରସାମ୍ୟ ହରାଇ ସେଥିରେ ପିଟିହୋଇ ଯାଇଥିଲା। ଦୁର୍ଘଟଣା ଏତେ ଭୟଙ୍କର ଥିଲା ଯେ, ଟ୍ରେଲରରେ ଥିବା



ଦୁର୍ଘଟଣାଗ୍ରସ୍ତ ଟ୍ରେଲର ଓ ବସ୍।

ଲୁହା ପାଇପ୍‌ଗୁଡ଼ିକ କ୍ୟାବିନ ଭାଙ୍ଗି ଆଗକୁ ବାହାରି ଯାଇଥିଲା। ଏଥିରେ ଟ୍ରେଲର ଚାଳକ ଆହତ ହୋଇଥିଲେ ମଧ୍ୟ ବସ୍ ଯାତ୍ରୀମାନେ ଅଳ୍ପକେ ରକ୍ଷା ପାଇଯାଇଛନ୍ତି। ଦୁର୍ଘଟଣା ପରେ ଅନେକ ଲୁହା ପାଇପ ରାସ୍ତାରେ ବିଛାଡିହୋଇ ପଡ଼ିଥିଲା। ଏଥିଯୋଗୁ ୧ ଘଣ୍ଟା ଧରି ଯାନବାହନ ଚଳାଚଳ ବାଧାପ୍ରାପ୍ତ ହୋଇଥିଲା। ଟାଙ୍ଗୀ ପୋଲିସ ଘଟଣାସ୍ଥଳରେ ପହଞ୍ଚି ରାସ୍ତାରୁ ପାଇପ ଓ ଦୁର୍ଘଟଣାଗ୍ରସ୍ତ ଗାଡ଼ିକୁ ହଟାଇବା ପରେ ଗାଡ଼ି ଚଳାଚଳ ସ୍ୱାଭାବିକ ହୋଇଥିଲା।

## ମର୍ଯ୍ୟାଦାପୂର୍ଣ୍ଣ ମାତୃତ୍ୱସେବା ମହିଳାଙ୍କ ଅଧିକାର ଆଲୋଚନାଚକ୍ର

କଟକ ଅଫିସ, ୨୮।୧

ଏସ୍‌ସିବି ନର୍ସିଂ ମହାବିଦ୍ୟାଳୟ ପକ୍ଷରୁ 'ମର୍ଯ୍ୟାଦାପୂର୍ଣ୍ଣ ମାତୃତ୍ୱସେବା ଗର୍ଭବତୀ ମହିଳାଙ୍କର ଏକ ସାର୍ବଜନୀନ ଅଧିକାର' ଶୀର୍ଷକ ଭର୍ଚୁଆଲ ସେମିନାର ଗୁରୁବାର ଓ ଶୁକ୍ରବାର ଦୁଇଦିନ ଧରି ଅନୁଷ୍ଠିତ ହୋଇଯାଇଛି। ସିଡିଏମ୍‌ଓ ସତ୍ୟବ୍ରତ ଛୋଟରାୟ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଏସ୍‌ସିବି ନର୍ସିଂ ମହାବିଦ୍ୟାଳୟ ପ୍ରିନ୍ସିପାଲ ବିଜୟଲକ୍ଷ୍ମୀ ଦାଶଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ପ୍ରଫେସର ଶ୍ୟାମା କାନୁନ୍‌ଗୋ ମୁଖ୍ୟବକ୍ତା, ଡା. ଦୀନବନ୍ଧୁ ସାହୁ ଓ ଡା. ଫୁଲଣା ଦେଈ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଲୋପାମୁଦ୍ରା ରାଉତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସେହିପରି ଦ୍ୱିତୀୟ ଦିନ କାର୍ଯ୍ୟକ୍ରମରେ ଡା. ମୃତ୍ୟୁଞ୍ଜୟ ମିଶ୍ର ଯୋଗଦେଇ ମର୍ଯ୍ୟାଦାପୂର୍ଣ୍ଣ ମାତୃତ୍ୱ ସେବାର ବିଭିନ୍ନ ଦିଗ ଉପରେ କହିଥିଲେ। ଏଥିରେ ଡା. ଦିଲୀପ ରଞ୍ଜନ ପାତ୍ର, ମଧୁସ୍ମିତା ପାଟଯୋଶୀ, ସୁଚରିତା ଦାଶ, ଅଞ୍ଜନାବାଳା ବେହୁରା, ସନ୍ଧ୍ୟାରାଣୀ ନାଥ, ଅନସୂୟା ବେହେରା, ଜୟଶ୍ରୀ ଜେନା, ରଶ୍ମି ବେହେରା ଓ ସସ୍ମିତା ସେଠୀ ପ୍ରମୁଖ ଯୋଗଦେଇଥିଲେ।

## ହାତୀ ଆକ୍ରମଣରେ ମଇଁଷି ମୃତ, ୫ ଗୁରୁତର

ଆଠଗଡ଼,୨୮।୧(ସ୍ୱ.ପ୍ର.)

ଆଠଗଡ଼ ବନଖଣ୍ଡ ସଦର ରେଞ୍ଜ ଅନ୍ତର୍ଗତ ତଳଗଡ ଗ୍ରାମରେ ଗୁରୁବାର ରାତିରେ ହାତୀ ଆକ୍ରମଣରେ ଗୋଟିଏ ମଇଁଷିର ମୃତ୍ୟୁ ଘଟିଥିବାବେଳେ ୫ ଗୁରୁତର ହୋଇଛନ୍ତି। ଏସବୁ ମଇଁଷି ଅରୁଣ ବେହେରାଙ୍କ ମଇଁଷି ଗୋଠର। ହାତୀ ରାତିରେ ମଇଁଷି ଗୋଠରେ ପଶି ଆକ୍ରମଣ କରିଥିଲା ବୋଲି ଅରୁଣ ବନ ବିଭାଗକୁ ସୂଚନା ଦେଇଛନ୍ତି। ଖବରପାଇ ଆଠଗଡ଼ ସଦର ରେଞ୍ଜର ଗଜେନ୍ଦ୍ର ପାଲ ସିଂ ମାଥୁର ଏବଂ ବନପାଳ କୃଷ୍ଣଚନ୍ଦ୍ର ସ୍ୱାଇଁଙ୍କ ସହ ଏକ ଟିମ୍ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିବା ସହ କ୍ଷତିପୂରଣ ଦେବାକୁ ପ୍ରତିଶ୍ରୁତି ଦେଇଛି। ମୃତ ମଇଁଷି ପାଇଁ ୫ ହଜାର ଏବଂ ଗୁରୁତରଙ୍କ ଚିକିତ୍ସା ପାଇଁ ୧୦ହଜାର ଟଙ୍କା ବିଭାଗ ପକ୍ଷରୁ କ୍ଷତିପୂରଣ ଦିଆଯିବ ବୋଲି ରେଞ୍ଜର ମାଥୁର ପ୍ରକାଶ କରିଛନ୍ତି।

## ସେଲ୍ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ପ୍ରଶାନ୍ତ



@ ପ୍ରଭାତ



@ ତିତିଲି



@ ଅମର



@ ରାଖାଲ



@ ସିଦ୍ଧେଶ୍ୱର

## ଏସ୍‌ସିବି ପରିସରରୁ ଦଲାଲ ଗିରଫ

କଟକ ଅଫିସ, ୨୮।୧

ଏସ୍‌ସିବି ମେଡିକାଲ କଲେଜ ଆଣ୍ଡ୍ ହସ୍ପିଟାଲ ପରିସରରୁ ଜଣେ ଦଲାଲଙ୍କୁ ମଙ୍ଗଳାବାଗ୍ ପୋଲିସ ଗିରଫ କରି ଶୁକ୍ରବାର କୋର୍ଟଚାଲାଣ କରିଛି। ସେ ହେଲେ କ୍ୟାଣ୍ଟନମେଣ୍ଟ ଥାନା ଅନ୍ତର୍ଗତ ସୂତାହାଟ ଅଞ୍ଚଳର ମହମ୍ମଦ ଅକିଲ(୩୩)। ଡିସିପି ପ୍ରତୀକ୍ ସିଂଙ୍କ ସୂଚନା ଅନୁଯାୟୀ, ଏସ୍‌ସିବି ମେଡିକାଲ ଆସୁଥିବା ରୋଗୀଙ୍କୁ ଦଲାଲ୍‌ମାନେ ବିଭିନ୍ନ ପ୍ରଲୋଭନ ଦେଖାଇ ନର୍ସିଂହୋମ୍ ପଠାଉଥିବା ପୋଲିସ ନିକଟରେ ଅଭିଯୋଗ ହୋଇଥିଲା। ଗୁରୁବାର ପୋଲିସ ସେଠାରେ ଚଢ଼ାଉ କରି ଅକିଲଙ୍କୁ ଗିରଫ କରିଥିଲା। କମ୍ ମୂଲ୍ୟରେ ନର୍ସିଂହୋମ୍‌ରେ ଉତ୍ତମ ଚିକିତ୍ସା ମିଳିପାରିବ ବୋଲି କହି ରୋଗୀମାନଙ୍କୁ ପ୍ରଲୋଭିତ କରୁଥିଲେ ବୋଲି ଅଭିଯୁକ୍ତ ଜଣଙ୍କ ପୋଲିସ ନିକଟରେ ସ୍ୱୀକାର କରିଥିଲେ। ଏ ନେଇ ଥାନାରେ ମାମଲା(ନଂ.୧୩/୨୨) ରୁଜୁ ହୋଇଛି।





ଯୁକ୍ତ ୨ ପରୀକ୍ଷା ବାତିଲ୍ ଦାବିରେ ଶୁକ୍ରବାର ପୁରୀ ବାଲିଘାଇ କଲେଜ ସମ୍ମୁଖରେ ଛାତ୍ରମାନେ ଟାୟାର ଜାଳି ବିକ୍ଷୋଭ କରୁଛନ୍ତି ।



ଏସ୍‌ଏଫ୍‌ଆଇ ଏବଂ ପ୍ରଗତିଶୀଳ ଛାତ୍ର ଫୋରମ୍ ପକ୍ଷରୁ ଶିକ୍ଷା ବଞ୍ଚାଅ- ଦେଶ ବଞ୍ଚାଅ ଦାବିରେ ଶୁକ୍ରବାର ପୁରୀ ସରକାରୀ ବିଦ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି ।



ଚାରିଛକ ସରକାରୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରସ୍ଥ ଜନ୍ମମୃତ୍ୟୁ ପଞ୍ଜୀକରଣ କାର୍ଯ୍ୟାଳୟରେ ଅବ୍ୟବସ୍ଥା ପ୍ରତିବାଦରେ ଶୁକ୍ରବାର ଅଞ୍ଚଳବାସୀଙ୍କ ଧାରଣା ।

## ଆଜି କ'ଣ କେଉଁଠି

**ଭୁବନେଶ୍ୱର**

- ଗାନ୍ଧୀବାଦୀ ସଙ୍ଗଠନ ପକ୍ଷରୁ ପ୍ରତିବାଦ ସଭା, ମାଷ୍ଟରକ୍ୟାଣ୍ଟିନ ଛକ, ଅପରାହ୍ନ ୪ଟା।
- ସ୍ତମ୍ଭକାର ପଦ୍ମଚରଣ ନାୟକ ଅଭିନନ୍ଦନ ସମିତି ପକ୍ଷରୁ ସ୍ତମ୍ଭକାର ପଦ୍ମଚରଣ ନାୟକଙ୍କ ଜୟନ୍ତୀ ପାଳନ, ଲୋହିଆ ଏକାଡେମୀ, ଅପରାହ୍ନ ୪ଟା ୩୦।
- ଭୁବନେଶ୍ୱର ସାହିତ୍ୟ ସମାଜ ଟ୍ରଷ୍ଟର ସାହିତ୍ୟ ମାସିକୀ କାର୍ଯ୍ୟକ୍ରମ, ସୂଚନା ଭବନ, ଅପରାହ୍ନ ୫ଟା ୩୦।

**କଟକ**

- ଇଣ୍ଟରନ୍ୟାଶନାଲ କ୍ଲବ ପକ୍ଷରୁ ପଥଚାରୀଙ୍କ ପାଇଁ ପଥପ୍ରାନ୍ତେ ଦୈନିକ ଖବରକାଗଜ, ମଙ୍ଗଳାବାଗ ମେଡିକାଲ ରୋଡ, ସକାଳ ୧୦ଟା।
- ଏସୟୁସିଆଇ ପକ୍ଷରୁ ପୋଲିସ ମହାନିର୍ଦ୍ଦେଶକଙ୍କୁ ସ୍ମାରକପତ୍ର ପ୍ରଦାନ, ପୋଲିସ ମୁଖ୍ୟାଳୟ, ପୂର୍ବାହ୍ନ ୧୧ଟା।
- କଟକ ଲେଖକ ସହଯୋଗ ସମିତି ଆନୁକୂଲ୍ୟରେ ପୁସ୍ତକ ଲୋକାର୍ପଣ ଉତ୍ସବ, ଶ୍ରୀରାମଚନ୍ଦ୍ର ଭବନ, ସନ୍ଧ୍ୟା ୬ଟା ୩୦।

## ସଂକ୍ଷେପରେ

### ପୋଖରୀରେ ବୁଡ଼ି ଶିଶୁପୁତ୍ର ମୃତ

ବଡ଼ମ୍ବା,୨୮।୧(ଡି.ଏନ.ଏ): ବଡ଼ମ୍ବା ଥାନା ଅନ୍ତର୍ଗତ ଝାଜିଆ ଗ୍ରାମର ଏକ ଅଢ଼େଇ ବର୍ଷର ଶିଶୁ ଶୁକ୍ରବାର ପୋଖରୀରେ ବୁଡ଼ିଯିବାରୁ ତାର ମୃତ୍ୟୁ ଘଟିଛି। ସେ ହେଲେ ମାଧବ ବିଶ୍ୱାଳଙ୍କ ପୁଅ ରିଷି। ସେ ଘର ବାହାରେ ଖେଳୁଥିବାବେଳେ ନିକଟରେ ଥିବା ପୋଖରୀକୁ ଚାଲିଯାଇଥିଲା। ଗୁରୁତର ଅବସ୍ଥାରେ ତାକୁ ପରିବାର ଲୋକେ ପାଣିରୁ ଉଦ୍ଧାର କରି ବଡ଼ମ୍ବା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ରିଷିଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ଖବର ଲେଖାହେବା ପର୍ଯ୍ୟନ୍ତ ଥାନାରେ କୌଣସି ଅଭିଯୋଗ ହୋଇ ନ ଥିଲା।

### ମହାନଦୀରେ କୁମ୍ଭୀର ଠାବ



ଆଠଗଡ଼,୨୮।୧(ସ୍ୱ.ପ୍ର.): କଟକସ୍ଥିତ ମହାନଦୀର ନୂଆପାଟଣା ମଧୁସୂଦନ ସେତୁ ନିକଟରେ ଆଠଗଡ଼ ବନ ବିଭାଗ ପକ୍ଷରୁ ଶୁକ୍ରବାର କୁମ୍ଭୀର ଠାବ କରାଯାଇଛି। ତାକୁ ଦେଖିବାକୁ ପ୍ରବଳ ଭିଡ଼ ହେବାରୁ ବିଭାଗ ପକ୍ଷରୁ ଉଦ୍ଧାର କାର୍ଯ୍ୟ ସମ୍ଭବ ହୋଇ ପାରି ନ ଥିଲା ବୋଲି ଖୁଣ୍ଟୁଣୀ ବନାଞ୍ଚଳ ଅଧିକାରୀ ଗଜେନ୍ଦ୍ର ପାଲ ସିଂ ମାଥୁର କହିଛନ୍ତି। ଏହି କାର୍ଯ୍ୟ ରବିବାର କରାଯିବ ବୋଲି ସେ ପ୍ରକାଶ କରିଛନ୍ତି। ଆଠଗଡ଼ ସହକାରୀ ବନ ସଂରକ୍ଷକ ହରେକୃଷ୍ଣ ମଲ୍ଲିକଙ୍କ ନେତୃତ୍ୱରେ ରେଞ୍ଜର ମାଥୁର, ଫରେଷ୍ଟର କୃଷ୍ଣ ଚନ୍ଦ୍ର ସ୍ୱାଇଁ, ନନ୍ଦନକାନନ କୁମ୍ଭୀର ବିଶେଷଜ୍ଞ ଡାକ୍ତର ରାଜେଶ କୁମାରଙ୍କ ସହ ଅନ୍ୟାନ୍ୟ ବନ ବିଭାଗ କର୍ମଚାରୀ ସେତୁ ନିକଟରେ ପହଞ୍ଚି କୁମ୍ଭୀରକୁ ଠାବ କରିଥିଲେ।

### ଅବସରପ୍ରାପ୍ତ କଲେଜ ଅଧ୍ୟକ୍ଷଙ୍କ ପରଲୋକ

ନିଶ୍ଚିନ୍ତକୋଇଲି,୨୮।୧(ସ୍ୱ.ପ୍ର.): ନିଶ୍ଚିନ୍ତକୋଇଲି ପଞ୍ଚାୟତ ପ୍ରହଲ୍ଲାଦ ମହାବିଦ୍ୟାଳୟର ପୂର୍ବତନ ଅଧକ୍ଷ ଡ. ଜଗଦୀଶ ଚନ୍ଦ୍ର ମିଶ୍ରଙ୍କ ଶୁକ୍ରବାର ପରଲୋକ ଘଟିଛି। ୨୦୧୪ରେ ସେ ଅବସର ନେଇଥିଲେ। ମିଶ୍ର ଜଣେ ସୁବକ୍ତା, ଉଚ୍ଚକୋଟୀର ଅଧାପକ ଓ ଛାତ୍ରବତ୍ସଳ ଶିକ୍ଷକ ଥିଲେ। ଶ୍ରେଷ୍ଠ ଜାତୀୟ ସେବା ଯୋଜନା ଅଧିକାରୀ ଭାବେ ସେ ରାଷ୍ଟ୍ରୀୟସ୍ତରରେ ଇନ୍ଦିରା ଗାନ୍ଧୀ ପୁରସ୍କାର ପାଇଥିଲେ। ଅବସର ପରେ ସେ ବିଭିନ୍ନ ସାମାଜିକ,ସାଂସ୍କୃତିକ, ଧାର୍ମିକ,ସାହିତ୍ୟିକ ଅନୁଷ୍ଠାନ ସହ ଜଡ଼ିତ ଥିଲେ। ତାଙ୍କ ବିୟୋଗରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

# ବରଯାତ୍ରୀ ବେଶରେ ଆସି ୨ ଲକ୍ଷ ଟଙ୍କାର ଗହଣା ଚୋରି

ଭୁବନେଶ୍ୱର,୨୮।୧(ବ୍ୟୁରୋ)

ରାଜଧାନୀରେ ଲୁଟେରା ଓ ଚୋରଙ୍କ ଉତ୍ପାତ ବଢ଼ି ଚାଲିଥିବାବେଳେ ନୂଆ ନୂଆ ପନ୍ଥା ଆପଣାଇ ପୋଲିସକୁ ଖୋଲା ଚ୍ୟାଲେଞ୍ଜ କରୁଛନ୍ତି। କେତେବେଳେ ଗ୍ରାହକ ବେଶରେ ତ ଆଉ କେତେ ବେଳେ ଅତିଥି ବେଶରେ ଆସି ଲୁଟ୍‌ପାଟ କରୁଛନ୍ତି। ୨ଜଣ ଚୋର ବରଯାତ୍ରୀ ବେଶରେ ଆସି ଶହୀଦନଗର ଥାନା ଅନ୍ତର୍ଗତ କେସୁରା ଅଞ୍ଚଳରେ ଥିବା ଏକ ବିବାହ ମଣ୍ଡପରୁ ୨ ଲକ୍ଷ ଟଙ୍କାର ଗହଣାଭର୍ତ୍ତି ବ୍ୟାଗ୍ ନେଇଯାଇଛନ୍ତି। ରବିବାର ଏହି ଘଟଣା ଘଟିଥିବାବେଳେ ସୋମବାର ବିଶ୍ୱଜିତ ମହାରଣା ନାମକ ଜଣେ ବ୍ୟକ୍ତି ଥାନାରେ ଅଭିଯୋଗ କରିବା ପରେ ପୋଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ସିସିଟିଭି ଫୁଟେଜରେ ଚୋରିର ଦୃଶ୍ୟ ରହିଥିବାବେଳେ ଲୁଟେରାଙ୍କୁ ଚିହ୍ନଟ କରିବାକୁ ପୋଲିସ ଚେଷ୍ଟା ଚଳାଇଛି।

**ସିସିଟିଭିରେ ଚୋରିର ଦୃଶ୍ୟ**

ଜଣେ ଯୁବକ ଅନ୍ୟଜଣେ ନାବାଳକଙ୍କୁ ସାଙ୍ଗରେ ଧରି ଗହଣା ବ୍ୟାଗ ଚୋରି କରି ନେଉଥିବା ସିସିଟିଭି ଫୁଟେଜରୁ ଜଣାପଡୁଛି। ଅଭିଯୋଗ ଆଧାରରେ ଏତଲା ହୋଇଥିଲେ ମଧ୍ୟ ପୋଲିସ ଲୁଟେରାଦ୍ୱୟଙ୍କୁ ଧରିବାରେ ସଫଳ ହୋଇପାରିନାହିଁ। ତେବେ ବିଶ୍ୱଜିତ ବାରମ୍ବାର ଥାନାକୁ ଆସି ନିରାଶ ହେବାରୁ ପୋଲିସର ତଦନ୍ତ ଉପରେ ପ୍ରଶ୍ନ ଉଠାଇଛନ୍ତି। ଏପରିସ୍ଥଳେ ଶୁକ୍ରବାର ଚୋରି ବେଳର ଭିଡିଓ ପଦାକୁ ଆସିବା ପରେ ଏହି ଘଟଣାକୁ ନେଇ ରାଜଧାନୀରେ ଚର୍ଚ୍ଚା ଜୋର୍ ଧରିଛି।

ସୂଚନା ଅନୁଯାୟୀ, ଭଉଣୀ ବାହାଘର ପାଇଁ ବିଶ୍ୱଜିତ୍ କେସୁରାସ୍ଥିତ ପଲ୍ଲବୀ ମଣ୍ଡପକୁ ଗତ ରବିବାର ପାଇଁ ବୁକ୍ କରିଥିଲେ। ସନ୍ଧ୍ୟାରେ ସେଠାରେ ବିବାହ ଚାଲିଥିବାବେଳେ ଅତିଥିଙ୍କ ଗହଳି ହୋଇଥିଲା। ଭିଡର ସୁଯୋଗ ନେଇ ଜଣେ ଯୁବକ ଅନ୍ୟଜଣେ ନାବାଳକଙ୍କୁ ସାଙ୍ଗରେ ଧରି ଚୋରି କରିବା ପାଇଁ ମଣ୍ଡପକୁ ବରଯାତ୍ରୀ ବେଶରେ ଆସିଥିଲେ। କେଉଁ ଅତିଥିମାନେ କିଭଳି ଗିଫ୍ଟ ଆଣିଛନ୍ତି ତାହା ମଧ୍ୟ ଲୁଟେରାଦ୍ୱୟ ସେଠାରେ ରହି ନଜର ରଖିଥିଲେ। ନାବାଳକ ଜଣକ ଗିଫ୍ଟ ରହୁଥିବା ସ୍ଥାନ ନିକଟରେ ରହିବା ସହ ଘର ବାହାରେ ଥିବା ମୁଖ୍ୟ ଅଭିଯୁକ୍ତଙ୍କୁ ସୂଚନା ଦେଉଥିଲେ। ସୁଯୋଗ ମିଳିବା ପରେ ନାବାଳକ ଜଣକ ବିଶ୍ୱଜିତଙ୍କ ପରିବାର ଲୋକେ ରଖିଥିବା ଏକ ଗହଣା ଭର୍ତ୍ତି ବ୍ୟାଗ୍‌କୁ ନେଇ ଯୁବକଙ୍କ ସହ ଚମ୍ପଟ ମାରୁଥିବା ସିସିଟିଭି ଫୁଟେଜରେ ଦେଖିବାକୁ ମିଳୁଛି।




ଗିଫ୍ଟ ରହୁଥିବା ଘର ନିକଟରେ ମୁଖ୍ୟ ଅଭିଯୁକ୍ତ ଜଗି ରହିଛନ୍ତି। ନାବାଳକ ଜଣକ ଅଳଙ୍କାର ଭର୍ତ୍ତି ବ୍ୟାଗ୍ ଧରି ଆସିବା ପରେ ଉଭୟ ଚମ୍ପଟ ମାରୁଛନ୍ତି।

## ୧୩ରେ କଟକ ଘରୋଇ ବସ୍ ମାଲିକ ସଂଘ ନିର୍ବାଚନ

କଟକ ଅଫିସ, ୨୮।୧

କଟକ ଘରୋଇ ବସ୍ ମାଲିକ ସଂଘର ସାଧାରଣ ପରିଷଦ ବୈଠକ ଶୁକ୍ରବାର ସ୍ଥାନୀୟ ସାରଳା ଭବନରେ ଅନୁଷ୍ଠିତ ହୋଇଯାଇଛି। ଜିଲା ପ୍ରଶାସନର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆସନ୍ତା ୧୩ ତାରିଖରେ ସଂଘର କର୍ମକର୍ତ୍ତା ନିର୍ବାଚନ ଅନୁଷ୍ଠିତ ହେବ ବୋଲି ବୈଠକରେ ନିଷ୍ପତ୍ତି ହୋଇଛି। ଏଡିଏମ୍‌ଙ୍କୁ ପର୍ଯ୍ୟବେକ୍ଷକ ଭାବେ ଅବସ୍ଥାପିତ କରାଯିବ। ବୈଠକରେ ଲକ୍ଷ୍ମୀଭୂଷଣ ତ୍ରିପାଠୀ ଅଧକ୍ଷତା କରି କହିଥିଲେ, କରୋନା ମହାମାରୀ ଯୋଗୁ ଦୀର୍ଘଦିନ ଧରି ଘରୋଇ ବସ୍ ମାଲିକମାନେ ଆର୍ଥିକ ଦୂରବସ୍ଥା ଦେଇ ଗତି କରୁଛନ୍ତି । ଏପରି କି ବସ୍ ମାଲିକମାନେ ବ୍ୟାଙ୍କ ଋଣ ପରିଶୋଧ କରିବା ପାଇଁ ଅସୁବିଧାର ସମ୍ମୁଖୀନ ହେବା ସହ ଟିକସ ଦେବା ସମ୍ଭବପର ହୋଇପାରୁନାହିଁ। ଏଭଳି ସ୍ଥିତିରେ କିଛି ନୀତି କୋହଳ କରିବା ପାଇଁ ବୈଠକରେ ସରକାରଙ୍କୁ ନିବେଦନ କରାଯାଇଥିଲା। ଏହି ବୈଠକରେ ଶରତ ପ୍ରଧାନ, ରବି ମଲ୍ଲିକ, ମାଧବ ମହାନ୍ତିଙ୍କ ସମେତ ବହୁ ଘରୋଇ ବସ୍ ମାଲିକ ସଂଘର ସଦସ୍ୟ ଉପସ୍ଥିତ ରହିଥିଲେ। ସୂଚନାଯୋଗ୍ୟ,୨୦୧୧ ମସିହାରେ ସଂଘ କର୍ମକର୍ତ୍ତାମାନଙ୍କର ନିର୍ବାଚନ ଅନୁଷ୍ଠିତ ହୋଇଥିଲା।



ଭୁବନେଶ୍ୱର ଜୟଦେବ ବିହାରସ୍ଥିତ ସୁଦର୍ଶନ ଆର୍ଟ ଆଣ୍ଡ କ୍ରାଫ୍ଟ ଭିଲେଜ୍‌ରେ ଦୁଇଜଣ ଶିଳ୍ପୀ ମୁଗୁନି ପଥରରେ ଏକ ବୃଷଭ ପ୍ରତିମୂର୍ତ୍ତି ତିଆରି କରୁଛନ୍ତି।

## ୨ ଘରୁ ଟଙ୍କା, ସୁନା ଲୁଟିଲେ ଦୁର୍ବୃତ୍ତ

ନିଶ୍ଚିନ୍ତକୋଇଲି,୨୮।୧(ସ୍ୱ.ପ୍ର.)

ନିଶ୍ଚିନ୍ତକୋଇଲି ଥାନା କେଣ୍ଟାଳୋ ପଞ୍ଚାୟତ କୁଳବଡ଼କ୍ଷୀର ଗ୍ରାମରେ ଗୁରୁବାର ରାତିରେ ୨ ଘରୁ ତାଲା ଭାଙ୍ଗି ଦୁର୍ବୃତ୍ତ ୮ଲକ୍ଷରୁ ଊର୍ଦ୍ଧ୍ୱ ମୂଲ୍ୟର ସୁନା ଅଳଙ୍କାର ଓ ନଗଦ ଟଙ୍କା ଲୁଟି ନେଇଥିବା ଅଭିଯୋଗ ହୋଇଛି। କୁଳବଡ଼କ୍ଷୀର ଗ୍ରାମର ଶାନ୍ତନୁ ନାୟକ ଭୁବନେଶ୍ୱରରେ ତାଙ୍କ ସ୍ତ୍ରୀଙ୍କ ସହ ରହୁଛନ୍ତି। ତାଙ୍କ ପରିବାରର ଅନ୍ୟ ଲୋକେ ଘରେ ରହୁଥିଲେ। ତେବେ ରାତିରେ ଦୁର୍ବୃତ୍ତମାନେ ତାଙ୍କ ଘର ତାଲା ଭାଙ୍ଗି ୧୫ ସୁନାମୁଦି, ୨ଟି ସୁନାଚେନ ସମେତ ବିଭିନ୍ନ ସୁନାଅଳଙ୍କାର ଓ ନଗଦ ୨୦ ହଜାର ଟଙ୍କା ଲୁଟି ନେଇଛନ୍ତି। ଲୁଟ୍ ଅଳଙ୍କାରର ମୂଲ୍ୟ ୪ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ହେବ ବୋଲି ତାଙ୍କ ପରିବାର ଲୋକେ ପ୍ରକାଶ କରିଛନ୍ତି। ସେହିପରି ଏହି ପଞ୍ଚାୟତ କୁଳସୁକରପଡ଼ା ଗ୍ରାମର ଉଦୟ କୁମାର ରାଉତରାୟ ତାଙ୍କ ଝିଅ ବିବାହ ନିମନ୍ତେ ଘରେ ସୁନାଅଳଙ୍କାର ରଖିଥିଲେ। ରାତିରେ ଦୁର୍ବୃତ୍ତ ତାଙ୍କ ଘରର କବାଟ ଭାଙ୍ଗି ସୁନାହାର, ଚେନ ଓ ମୁଦି ସମେତ ନଗଦ ୫ ହଜାର ଟଙ୍କା ଲୁଟି ନେଇଥିବା ଅଭିଯୋଗ ହୋଇଛି। ଏହି ଲୁଟ ସାମଗ୍ରୀର ଆନୁମାନିକ ମୂଲ୍ୟ ୪ ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ହେବ ବୋଲି କୁହାଯାଉଛି। ସେହିପରି ଜାନୁୟାରୀ ୨୬ ତାରିଖ ରାତିରେ କୁଳସୁକରପଡା ଗ୍ରାମର ବଳରାମ ଦାସଙ୍କ ଘରୁ ବିଭିନ୍ନ ଯାନ୍ତ୍ରିକ ସାମଗ୍ରୀ ଚୋରି ହୋଇଥିବା ଅଭିଯୋଗ ହୋଇଛି। ଏସବୁ ଚୋରି ନେଇ ଥାନାରେ ୩ଟି ପୃଥକ ଅଭିଯୋଗ ହୋଇଛି। ନିଶ୍ଚିନ୍ତକୋଇଲି ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

## ମତଦାନ କେନ୍ଦ୍ର ନ ହେଲେ ଭୋଟ ବର୍ଜନ

**ଉପଜିଲାପାଳଙ୍କୁ ଆଦିବାସୀମାନଙ୍କ ଦାବିପତ୍ର**

ଆଠଗଡ଼,୨୮।୧(ସ୍ୱ.ପ୍ର.)

ଆଠଗଡ଼ ବ୍ଲକ ଅନ୍ତର୍ଗତ ଗୋବରା ପଞ୍ଚାୟତର ଆଦିବାସୀ ଅଧୁଷିତ ଅଞ୍ଚଳ ଭଗୁଆ ଏବଂ ଓରଦା ଗ୍ରାମର ଆଦିବାସୀମାନେ ମତଦାନ କେନ୍ଦ୍ର ନ ହେଲେ ଭୋଟ ବର୍ଜନ କରିବାକୁ ଶୁକ୍ରବାର ଚେତାବନୀ ଦେଇଛନ୍ତି। ଗ୍ରାମରେ ମତଦାନ କେନ୍ଦ୍ର କରିବାକୁ ସେମାନେ ଆଠଗଡ଼ ଉପଜିଲାପାଳଙ୍କ ଜରିଆରେ କଟକ ଜିଲାପାଳଙ୍କୁ ଦାବିପତ୍ର ଦେଇଛନ୍ତି। ନିର୍ବାଚନ ସମୟରେ ଗ୍ରାମରେ ମତଦାନ କେନ୍ଦ୍ର ହେଉ ନ ଥିବାରୁ ସେମାନଙ୍କୁ ପ୍ରାୟ ୨୦ କିଲୋମିଟର ଦୂର ଯିବାକୁ ପଡ଼େ। ଫେରିବା ବେଳକୁ ହାତୀ କିମ୍ବା ବାର୍ହା ଆକ୍ରମଣର ଭୟ ଥାଏ। ଗତ ପଞ୍ଚାୟତ ନିର୍ବାଚନରେ ଏଠାରେ ଭୋଟ ଗ୍ରହଣ କେନ୍ଦ୍ର କରିବାକୁ ନିବେଦନ କରାଯାଇଥିଲା। ମାତ୍ର ଉପଜିଲାପାଳ କିମ୍ବା ବିଡିଓ ଏଥିପ୍ରତି ଧ୍ୟାନଦେଇ ନ ଥିଲେ। ଏଥର ଉକ୍ତ ସମସ୍ୟା ହେଲେ ଭୋଟ ବର୍ଜନ କରାଯିବ ବୋଲି ଦାବିପତ୍ରରେ ଉଲ୍ଲେଖ କରିଛନ୍ତି। ଦାବିପତ୍ର ପ୍ରଦାନ ସମୟରେ ହରିଶ ଚନ୍ଦ୍ର ହାଇବ୍ରୁ, ରଞ୍ଜିତ ହେସା, ଜିଙ୍ଗି କାୟମ, ବେହେରା କାୟମ, ଲାଡୁଆ ବାନାରା, ଶାନ୍ତିଲତା ଗାଗରାଇ ଓ ପ୍ରଶାନ୍ତ କୁମାର ଦରା ପ୍ରମୁଖ ଉପସ୍ଥିତ ଥିଲେ।

## ତ୍ରିକୋଣୀୟ ପ୍ରେମକୁ ନେଇ ଛାତ୍ରଙ୍କୁ ଛୁରାମାଡ଼

- ଆକ୍ରମଣରେ ଛାତ୍ରୀ ବି ଆହତ
- ଲୁଟେରା ଭାବି କାବୁ କଲେ ସ୍ଥାନୀୟ ଲୋକେ

ଭୁବନେଶ୍ୱର,୨୮।୧(ବ୍ୟୁରୋ)

ତ୍ରିକୋଣୀୟ ପ୍ରେମକୁ ନେଇ ରାଜଧାନୀରେ ଜଣେ ଛାତ୍ରୀଙ୍କୁ ଆକ୍ରମଣ ହେବା ସହ ଛାତ୍ରଙ୍କୁ ଛୁରାମାଡ଼ ହୋଇଛି। ପ୍ରଥମ ପ୍ରେମିକଙ୍କ ଛୁରାମାଡ଼ରେ ଦ୍ୱିତୀୟ ପ୍ରେମିକ ଆହତ ହୋଇଛନ୍ତି। ଚନ୍ଦ୍ରଶେଖରପୁର ଥାନା ଅନ୍ତର୍ଗତ ଶୈଳଶ୍ରୀବିହାର ଅଞ୍ଚଳରେ ଶୁକ୍ରବାର ଏହି ଘଟଣା ଘଟିଛି। ଛୁରା ମାଡ଼ରେ ଗୁରୁତର ଆହତ ଛାତ୍ରଙ୍କୁ ସ୍ଥାନୀୟ ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ପୋଲିସ ଛୁରା ମାଡ଼ କରିଥିବା ଅନ୍ୟଜଣେ ଛାତ୍ରଙ୍କୁ ଅଟକ ରଖି ପଚରାଉଚରା କରୁଛି। ତେବେ ରିପୋର୍ଟ ଲେଖାହେବା ପର୍ଯ୍ୟନ୍ତ ଏନେଇ ଥାନାରେ ମାମଲା ରୁଜୁ ହୋଇ ନ ଥିବାବେଳେ ଦୁଇପକ୍ଷ ଆପୋସ ସାମାଧାନ ପାଇଁ ଚେଷ୍ଟା କରୁଥିବା ସୂଚନା ମିଳିଛି।

ସୂଚନା ଅନୁଯାୟୀ, ପୁରୀ ଜିଲାର ଜଣେ ଯୁବତୀ ସ୍ଥାନୀୟ ଥାନା ଅଞ୍ଚଳର ଏକ ଘରୋଇ ଇଞ୍ଜିନିୟରିଂ କଲେଜରେ ବି.ଟେକ୍ ଶେଷବର୍ଷରେ ପଢୁଛନ୍ତି। ସେହି କଲେଜରେ ପଢୁଥିବା ଜଗତ୍‌ସିଂପୁର ଜିଲାର ଜଣେ ଛାତ୍ର ଦୁଇବର୍ଷ ହେବ ତାଙ୍କୁ ପ୍ରେମ କରୁଥିଲେ। ଇତିମଧ୍ୟରେ ଅନ୍ୟଏକ ଇଞ୍ଜିନିୟରିଂ କଲେଜରେ ପଢୁଥିବା ପୁରୀ ଜିଲାର ଜଣେ ଛାତ୍ର ସମ୍ପୃକ୍ତ ଯୁବତୀଙ୍କୁ ମଧ୍ୟ ଭଲପାଇ ବସିଥିଲେ। ଶୁକ୍ରବାର ସନ୍ଧ୍ୟାରେ ଶୈଳଶ୍ରୀବିହାର ଛକ ରାସ୍ତାରେ ଦ୍ୱିତୀୟ ପ୍ରେମିକ ଉକ୍ତ ଯୁବତୀଙ୍କ ସହ ବୁଲାବୁଲି କରୁଥିଲେ। ଏନେଇ ପ୍ରଥମ ପ୍ରେମିକ ଖବରପାଇ ତାଙ୍କ ସାଙ୍ଗ ସହ ସେଠାକୁ ଆସି ଯୁବତୀଙ୍କୁ ମାଡ଼ ମାରିଥିଲେ। ଘଟଣାକୁ ନେଇ ସେମାନଙ୍କ ମଧ୍ୟରେ ଝଗଡ଼ା ହୋଇଥିଲା। ତେବେ ଯୁବତୀଙ୍କ ସହ ବୁଲିଥିବା ଦ୍ୱିତୀୟ ପ୍ରେମିକ ପ୍ରତିବାଦ କରିବାରୁ ସେମାନଙ୍କ ମଧ୍ୟରେ ବଚସା ହୋଇଥିଲା। ଏହି ସମୟରେ ପ୍ରଥମ ପ୍ରେମିକ ସାଙ୍ଗରେ ଆଣିଥିବା ଏକ ଛୁରିରେ ଦ୍ୱିତୀୟ ପ୍ରେମିକଙ୍କୁ ବାରମ୍ବାର ଆକ୍ରମଣ କରିଥିଲେ। ଚିତ୍କାର ଶୁଣି ସ୍ଥାନୀୟ ଲୋକେ ଲୁଟ୍ ଘଟଣା ଭାବି ସମସ୍ତଙ୍କୁ କାବୁ କରି ପୋଲିସକୁ ଖବର ଦେଇଥିଲେ।

## ସିଏମ୍‌ସି କାଉନ୍‌ସିଲ ବୈଠକ

**ପରିମଳ ବ୍ୟବସ୍ଥାକୁ ଗୁରୁତ୍ୱ**

କଟକ ଅଫିସ, ୨୮।୧

କଟକ ମହାନଗର ନିଗମ(ସିଏମ୍‌ସି)ର କାଉନ୍‌ସିଲ ବୈଠକ ଅନ୍‌ଲାଇନ ମାଧ୍ୟମରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସହରର ପରିମଳ ବ୍ୟବସ୍ଥାରେ ସୁଧାର ଆଣିବା ଦିଗରେ ଗୁରୁତ୍ୱ ଦିଆଯାଇଥିଲା। ପରିମଳ ପରିଚାଳନା ନିମନ୍ତେ ସିଏମ୍‌ସିର ୫୯ଟି ୱାର୍ଡକୁ ୬ଟି ଜୋନ୍‌ରେ ବିଭକ୍ତ କରାଯାଇଛି। ଏହି ଜୋନ୍‌ଗୁଡିକରେ ଘରୁ ଅଳିଆ ସଂଗ୍ରହ କରାଯାଇ ମାଇକ୍ରୋ କମ୍ପୋଷ୍ଟିଂ ସେଣ୍ଟର(ଏମ୍‌ସିସି) ଏବଂ ମେଟେରିଆଲ ରିକଭରି ଫାସିଲିଟି(ଏମ୍‌ଆର୍‌ଏଫ)କୁ ନିଆଯିବାକୁ ନିଷ୍ପତ୍ତି ହୋଇଛି। ଅଳିଆ ସଂଗ୍ରହ କରୁଥିବା ବ୍ୟାଟେରିଚାଳିତ ଗାଡ଼ିଗୁଡିକ ଏଣିକି ଏମ୍‌ସିସି ନିକଟରେ ରହିବ। ତାହାର ରକ୍ଷଣାବେକ୍ଷଣ ପାଇଁ ସୁରକ୍ଷା କର୍ମଚାରୀ ନିୟୋଜିତ ହେବେ ବୋଲି ବୈଠକରେ ସ୍ଥିର ହୋଇଥିଲା। ସେହିପରି ଯେଉଁ ୱାର୍ଡରେ ବୁଦା ଓ ରାସ୍ତା ସଫା ପାଇଁ ଅସୁବିଧା ରହିଛି, ତାହାର ସମାଧାନ କରାଯିବ। ଟେଣ୍ଡର ପ୍ରକ୍ରିୟା ମାଧ୍ୟମରେ କର୍ମଚାରୀ ଓ ସଂସ୍ଥାକୁ ଦାୟିତ୍ୱ ଦିଆଯିବ ବୋଲି ସିଏମ୍‌ସି ସ୍ୱାସ୍ଥ୍ୟ ଅଧିକାରୀ ସତ୍ୟବ୍ରତ ମହାପାତ୍ର ସୂଚନା ଦେଇଛନ୍ତି। ଏହି ବୈଠକରେ ସିଏମ୍‌ସି କମିଶନର ଅନନ୍ୟା ଦାସ, ଯୁଗ୍ମ କମିଶନର ସୁମିତା ସରକାର, ଡେପୁଟି କମିଶନର ସଞ୍ଜୀବିତା ରାୟ, ଅଜୟ କୁମାର ମହାନ୍ତି, ସିଟି ଇଞ୍ଜିନିୟର ସୁବାରାଓ ପାତ୍ର, କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ଦିବ୍ୟରଞ୍ଜନ ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ।

## ଚାଇଲ୍ଡ ଆଣ୍ଡ ୱିମେନ୍ ଡେଭଲପ୍‌ମେଣ୍ଟ ସୋସାଇଟି ଲୋଗୋ ଉନ୍ମୋଚିତ

ଭୁବନେଶ୍ୱର, ୨୮।୧ (ବ୍ୟୁରୋ)

ଚାଇଲ୍ଡ ଆଣ୍ଡ ୱିମେନ୍ ଡେଭଲପ୍‌ମେଣ୍ଟ ସୋସାଇଟିର ନୂତନ ଲୋଗୋକୁ ଶୁକ୍ରବାର ରାଜଭବନଠାରେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ଉନ୍ମୋଚନ କରିଛନ୍ତି। ଏହି ଅବସରରେ ରାଜ୍ୟପାଳ କହିଛନ୍ତି, ଲୋକସେବା ହେଉଛି ଈଶ୍ୱରଙ୍କ ଶ୍ରେଷ୍ଠ ଅର୍ଚ୍ଚନା। ପ୍ରତ୍ୟେକ ମଣିଷ ଈଶ୍ୱରଙ୍କ ଅଂଶ ବିଶେଷ ଏବଂ ଏହି ଚେତନାର ବ୍ୟାପକ ପ୍ରସାର ହେବା ଦରକାର । ନିଜକୁ ଅନ୍ୟ ଭିତରେ ଅନୁଭବ କରିବା ହିଁ ଆଧ୍ୟାତ୍ମିକତା। ଅନ୍ୟର ସେବାରେ ଯେଉଁ ଆନନ୍ଦ ମିଳେ ତା'ର ବିକଳ୍ପ ନାହିଁ । ଜନତାର ସେବା ହିଁ ଜଗନ୍ନାଥଙ୍କ ସେବା ବୋଲି ରାଜ୍ୟପାଳ କହିଛନ୍ତି। ଏଥିସହ ଅନୁଷ୍ଠାନ ପକ୍ଷରୁ ଦିବ୍ୟାଙ୍ଗଙ୍କ ଉନ୍ନତିକଳ୍ପେ ସମର୍ପିତ ପ୍ରୋଜେକ୍ଟ 'ଦେବଦତ୍ତ'କୁ ଲୋକାର୍ପଣ କରି ଏଭଳି କାର୍ଯ୍ୟକ୍ରମର ପ୍ରଶଂସା କରିଛନ୍ତି। ଅନୁଷ୍ଠାନର ମୁଖ୍ୟ ପ୍ରଫେସର କଳ୍ପନା ଦାସ ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ। ରାଜଭବନର ଅଧିକାରୀଙ୍କ ସମେତ ଅନୁଷ୍ଠାନର ସ୍ୱେଚ୍ଛାସେବୀମାନେ ଉପସ୍ଥିତ ଥିଲେ।

## ଅଭିଯୁକ୍ତଙ୍କ ତଥ୍ୟ ଦେଇ ନ ଥିଲେ ହୋଟେଲ କର୍ତ୍ତୃପକ୍ଷ

**ପଶ୍ଚିମବଙ୍ଗର ଲୁଟେରା ଗ୍ୟାଙ୍ଗ୍ ଗିରଫ ଘଟଣା**

- ସରାଇ ଆକ୍ଟର ଅବମାନନା କରିଥିଲେ ହୋଟେଲ କର୍ମଚାରୀ
- ଦୁଇ ହୋଟେଲର ମ୍ୟାନେଜରଙ୍କୁ ନୋଟିସ ଦେଇ ଛାଡ଼ିଲା ପୋଲିସ

ଭୁବନେଶ୍ୱର,୨୮।୧(ବ୍ୟୁରୋ)

ରାଜଧାନୀରେ ଅଭିନବ ଉପାୟରେ ବିଭିନ୍ନ ଔଷଧ ଦୋକାନରୁ ଚୋରି କରି ଖସି ପଳାଉଥିବାବେଳେ ପଶ୍ଚିମବଙ୍ଗ ଲୁଟେରା ଗ୍ୟାଙ୍ଗ୍‌ର ୪ ଜଣଙ୍କୁ କମିଶନରେଟ ପୋଲିସ ଗିରଫ କରିଥିଲା। ତେବେ ଏହି ମାମଲାରେ ପୋଲିସ ତଦନ୍ତ ଜାରି ରଖିଥିବାବେଳେ ଅଭିଯୁକ୍ତମାନେ ରହିଥିବା ରାଜଧାନୀର ୨ଟି ହୋଟେଲ କର୍ତ୍ତୃପକ୍ଷ ସରାଇ ଆକ୍ଟର ଅବମାନନା କରିଥିବା ଜଣାପଡିଛି। ଏହି ଆକ୍ଟ ଅନୁଯାୟୀ ହୋଟେଲରେ ରହୁଥିବା ସମସ୍ତ ଅତିଥିଙ୍କ ବିବରଣୀ ଦେବା ପାଇଁ ମାଲିକମାନେ ବାଧ୍ୟ ଅଟନ୍ତି। ହେଲେ ଅଭିଯୁକ୍ତମାନେ ଖାରବେଳନଗର ଓ ଅଶୋକ ନଗରରେ ଥିବା ଦୁଇଟି ହୋଟେଲରେ ଭୁଲ୍ ତଥ୍ୟ ଦେଇ ରହିଥିଲେ ମଧ୍ୟ ମ୍ୟାନେଜର ଓ କର୍ମଚାରୀମାନେ ଯାଞ୍ଚ କରି ନ ଥିଲେ। ଏଥିସହ ଅଭିଯୁକ୍ତଙ୍କ ରହଣି ନେଇ ସରାଇ ଆପ୍ ଜରିଆରେ ପୋଲିସକୁ ମଧ୍ୟ ଜଣାଇ ନ ଥିଲେ। ତେଣୁ ଉକ୍ତ ଦୁଇ ହୋଟେଲର ୨ ମ୍ୟାନେଜରଙ୍କୁ ନୟାପଲ୍ଲୀ ଥାନା ପୋଲିସ ଗୁରୁବାର ଅଟକ ରଖି ଅଧିକ ପଚରାଉଚରା କରିଥିଲା। ପରବର୍ତ୍ତୀ ସମୟରେ ସେମାନଙ୍କୁ ନୋଟିସ ଦେଇ ଛଡ଼ାଯାଇଥିବା ଡିସିପି ଉମାଶଙ୍କର ଦାସ କହିଛନ୍ତି। ଦୁଇଟି ହୋଟେଲର କାଗଜପତ୍ର ଓ ଲାଇସେନ୍ସ ଆଦି ଯାଞ୍ଚ କରାଯାଉଛି। ପୁନର୍ବାର ଉକ୍ତ ହୋଟେଲଦ୍ୱୟ ସରାଇ ଆକ୍ଟର ଅବମାନନା କଲେ ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଡିସିପି କହିଛନ୍ତି।




ଚାଇଲ୍ଡ ଆଣ୍ଡ ୱିମେନ୍ ଡେଭଲପ୍‌ମେଣ୍ଟ ସୋସାଇଟିର ନୂତନ ଲୋଗୋକୁ ଶୁକ୍ରବାର ରାଜଭବନଠାରେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ଉନ୍ମୋଚନ କରୁଛନ୍ତି।



ଭୁବନେଶ୍ୱର ୟୁନିଟ୍-୪ ସରକାରୀ ହସ୍ପିଟାଲ୍‌ରେ କୋଭିଡ୍ ପରୀକ୍ଷା ପାଇଁ ଜଣେ ଯୁବତୀଙ୍କ ସ୍ୱାବ୍ ସଂଗ୍ରହ କରାଯାଉଛି।



ଖୋର୍ଦ୍ଧା ଜିଲା ବୋଲଗଡ଼ ବ୍ଲକ ଖଙ୍ଗୁରିଆ ମିନି ଷ୍ଟାଡିୟମରେ ଚାଲିଥିବା ମା' ରାମଚଣ୍ଡୀ କ୍ରିକେଟ ଟୁର୍ନାମେଣ୍ଟର ଉଦ୍‌ଯାପନୀ ଉତ୍ସବରେ ଚାମ୍ପିୟନ ନୟାଗଡ଼ର ରମାବିଲ ଦଳର ଖେଳାଳିମାନେ ପୁରସ୍କାର ଗ୍ରହଣ କରୁଛନ୍ତି।